

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୨୨୧ ● ୧୦ ସେପ୍ଟେମ୍ବର ୨୦୨୬ ଗୁରୁବାର ● ଭୁବନେଶ୍ୱର ● Vol -33 ● Issue-221 ● 10th September 2026, Thursday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27

### ଆବୁଧାବିରେ ନିବେଶକଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା : ଓଡ଼ିଶାକୁ ଆସିବ ପୁଞ୍ଜି

# ଆଦାନୀ ଗ୍ରୁପ୍-ଆଇଏଚ୍‌ସି ସହ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର, ୯ ।୯

ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାରେ ପୁଞ୍ଜି ନିବେଶ ଓ ବ୍ୟବସାୟିକ ସୁଯୋଗ ବଢ଼ାଇବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କର ପ୍ରଥମ ୟୁଏଇ ଗସ୍ତ ଅବସରରେ ବୁଧବାର ଆବୁଧାବିରେ ଆଦାନୀ ଗ୍ରୁପ୍ ଓ ଆବୁଧାବିର କମ୍ପାନୀ ଇଣ୍ଟରନ୍ୟାସନାଲ୍ ହୋଲ୍ଡିଂ କର୍ପୋରେସନ (ଆଇଏଚସି) ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଉଭୟ ସଂସ୍ଥା ୧୪ଟି ପ୍ରକଳ୍ପରେ କାର୍ଯ୍ୟ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ସେମାନେ ୨,୧୦,୫୦୦ କୋଟି ଟଙ୍କା ନିବେଶ କରିବାକୁ ମନ ବଳାଇଛନ୍ତି। ଏହି ନିବେଶ ଦ୍ୱାରା ପ୍ରାୟ ୮.୭ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବାର ସମ୍ଭାବନା ରହିଛି।

ଏହି ବୈଠକରେ ଆଦାନୀ ଗ୍ରୁପ ତରଫରୁ କରନ ଆଦାନୀ, ସାଗର ଆଦାନୀ, ଆଇଏଚ୍‌ସି ଗ୍ରୁପର ଏମଡି ଓ ସିଇଓ ସଇଦ ବସର ସୁଏନ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଧାତବ, ବିରଳ ମୃତ୍ତିକା, କ୍ରିଟିକାଲ୍ ମିନେରାଲ, 



ବନ୍ଦର ଭିତ୍ତିକ ଏସ୍‌ଇଜେଡ୍, କୋଇଲାରୁ ରସାୟନ ଆଦି କ୍ଷେତ୍ରରେ ନିବେଶ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଆବୁଧାବି ସ୍ଥିତ ଆଇଏଚସି ମୁଖ୍ୟ କାର୍ଯ୍ୟାଳୟ ପରିଦର୍ଶନ ସମୟରେ ଓଡ଼ିଶାରେ ରହିଥିବା ନିବେଶ ସୁଯୋଗ ସନ୍ଧାନ କରିବା ଲାଗି ଆସିବାକୁ ମୁଖ୍ୟମନ୍ତ୍ରୀ ଆଇଏଚସି ଗ୍ରୁପ୍ ଓ ଏହାର ସହାୟକ କମ୍ପାନୀଗୁଡ଼ିକୁ ଆମନ୍ତ୍ରଣ କରିଥିଲେ।

ଏଥି ସହିତ ଇଣ୍ଡିଆନ ବିଜନେସ୍ ଆଣ୍ଡ୍ ପ୍ରଫେସନାଲ ଗ୍ରୁପ୍ (ଆଇବିପିଜି)ର ଅଧ୍ୟକ୍ଷ ରାଜୀବ ଶାହାଙ୍କ ସହ ମଧ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଉଣ୍ଡ ଟେବୁଲ ବୈଠକରେ ଆଲୋଚନା କରିଥିଲେ। ଏହି ବୈଠକରେ ହଳଦୀ, ଅଦା, ସାମୁଦ୍ରିକ ଖାଦ୍ୟ, ଖାଦ୍ୟ ପ୍ରକ୍ରିୟାକରଣ ଓ ପ୍ରମୁଖ ୟୁଏଇ ବ୍ରାଣ୍ଡ ପାଇଁ କଣ୍ଟ୍ରାକ୍ଟ ମ୍ୟାନୁଫାକଚରିଂ କ୍ଷେତ୍ରରେ ସୁଯୋଗ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଓଡ଼ିଶାର ଦକ୍ଷ ମାନବ ସମ୍ବଳ ପାଇଁ ମଧ୍ୟ ସୁଯୋଗ ଆଲୋଚନା ହୋଇଥିଲା। ରୁଚି, ଫାର୍ମ ବି, ବି ୱାନ, ଓରି କ୍ଲିନ୍ ଭଳି ଓଡ଼ିଶା ଭିତ୍ତିକ କମ୍ପାନୀ ଯୋଗଦେଇଥିଲେ।

ଏହି ଆଲୋଚନାରେ ଓଡ଼ିଶା ଓ ୟୁଏଇ ମଧ୍ୟରେ ବାଣିଜ୍ୟ, ରପ୍ତାନୀ ଏବଂ ବ୍ୟବସାୟିକ ସହଯୋଗକୁ ଆହୁରି ବ୍ୟାପକ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବିଶେଷକରି ଓଡ଼ିଶାର କୃଷି ଓ ଖାଦ୍ୟ ଉତ୍ପାଦକୁ ୟୁଏଇ ବଜାରରେ ଅଧିକ ସୁଯୋଗ ଦେବା ନେଇ ଆଇବିପିଜିର ସଭାପତି ରାଜୀବ ଶାହାଙ୍କ ସହ ଆଲୋଚନା ହୋଇଥିଲା। ଓଡ଼ିଶାର ଉତ୍ପାଦନ କ୍ଷମତା, ପ୍ରାକୃତିକ ସମ୍ପଦ ଓ ଦକ୍ଷ ମାନବ ସମ୍ବଳକୁ ୟୁଏଇ ବଜାର ସହ ଯୋଡ଼ିବା ଦ୍ୱାରା ରାଜ୍ୟର ରପ୍ତାନୀ ଓ ଶିଳ୍ପ କ୍ଷେତ୍ରକୁ ନୂଆ ଗତି ମିଳିବ ବୋଲି ଆଶା କରାଯାଉଛି। ଆଲୋଚନା ବେଳେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ହେମନ୍ତ ଶର୍ମାଙ୍କ ସମେତ ରାଜ୍ୟ ସରକାରଙ୍କ ବରିଷ୍ଠ ଅଫିସରମାନେ ଉପସ୍ଥିତ ଥିଲେ।

### କେନ୍ଦ୍ର କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ

# ୭ଟି ରେଳ ପ୍ରକଳ୍ପକୁ ମଞ୍ଜୁରୀ

ନୂଆଦିଲ୍ଲୀ, ୯ ।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଦେଶର ରେଳ ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ଦିଗରେ ୭ଟି ରେଳ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ କେନ୍ଦ୍ର ରେଳବାଇ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଯେ, କୋଲକାତା-ଦିଲ୍ଲୀ, ଚେନ୍ନାଇ-କୋଲକାତା, ଦିଲ୍ଲୀ-ମୁମ୍ବାଇ, ମୁମ୍ବାଇ-ଚେନ୍ନାଇ ଏବଂ ବିଳାସପୁର-କଟନୀ ରେଳ ଲାଇନକୁ ଫୋର-ଲେନ କରିବା ପାଇଁ ଅନୁମୋଦନ ମିଳିଛି।

ମୁମ୍ବାଇ-ହାୱଡ଼ା ହାଇ ଡେନସିଟି ନେଟୱାର୍କ ରୁଟ୍‌ରେ ଖଡ଼ଗପୁରରୁ ଝାରସୁଗୁଡ଼ା ପର୍ଯ୍ୟନ୍ତ ୪ର୍ଥ ରେଳ ଲାଇନ ନିର୍ମାଣକୁ ମଧ୍ୟ କ୍ୟାବିନେଟ ମଞ୍ଜୁରୀ ଦେଇଛି। ଏହି ପ୍ରକଳ୍ପର ଲମ୍ବ ପ୍ରାୟ ୩୬୭ କିଲୋମିଟର ହୋଇଥିବା ବେଳେ ଏଥିପାଇଁ ୬,୫୨୮ କୋଟି ଟଙ୍କା ଖର୍ଚ୍ଚ ହେବ। ସେହିପରି ଆରକୋଣମରୁ ରେଣିଗୁଣ୍ଟା ପର୍ଯ୍ୟନ୍ତ ୩ୟ ଓ ୪ର୍ଥ ରେଳ ଲାଇନ 



ନିର୍ମାଣକୁ ମଧ୍ୟ ଅନୁମୋଦନ ମିଳିଛି। ଏହି ରେଳ ପ୍ରକଳ୍ପର ଲମ୍ବ ୬୭ କିଲୋମିଟର ହେବ ଏବଂ ଏଥିପାଇଁ ୧,୯୩୬ କୋଟି ଟଙ୍କା ଖର୍ଚ୍ଚ କରାଯିବ।

କେନ୍ଦ୍ରମନ୍ତ୍ରୀ କହିଛନ୍ତି, କ୍ୟାବିନେଟ ବୈଠକରେ ରେଳୱେର ଆଧୁନିକୀକରଣ ସହ ଜଡ଼ିତ କିଛି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଉପରେ ଆଲୋଚନା ହୋଇଛି। ଏହି ପ୍ରକଳ୍ପଗୁଡ଼ିକ ଉପରେ ଗତ ୧୨ ବର୍ଷ ଧରି କାମ ଚାଲିଆସୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତୀୟ ରେଳୱେର ସମ୍ପୂର୍ଣ୍ଣ ରୂପାନ୍ତରଣ ଓ ଆଧୁନିକୀକରଣ ଦିଗରେ ଏହି ପ୍ରକଳ୍ପଗୁଡ଼ିକ ଗୁରୁତ୍ୱ ବହନ କରୁଛି।

ସେ କହିଛନ୍ତି ଯେ, ୭ଟି ହାଇ-ଡେନସିଟି ରେଳ କରିଡରକୁ ଫୋର-ଲେନ ଏବଂ ଚାରି-ଟ୍ରାକ ବିଶିଷ୍ଟ କରିବା କାମ ଚାଲିଛି। ଏଥିସହ ଆହୁରି ଅନେକ କରିଡରରେ ମଧ୍ୟ କାମ ହେଉଛି, ଯେଉଁ ରୁଟଗୁଡ଼ିକରେ ଭବିଷ୍ୟତରେ ଭାରୀ ଟ୍ରାଫିକ ହେବାର ଆଶା ରହିଛି।

କେନ୍ଦ୍ରମନ୍ତ୍ରୀ କହିଛନ୍ତି, ଦିଲ୍ଲୀରୁ ମୁମ୍ବାଇ, ମୁମ୍ବାଇରୁ ଚେନ୍ନାଇ, ଚେନ୍ନାଇରୁ କୋଲକାତା ଏବଂ କୋଲକାତାରୁ ଦିଲ୍ଲୀ ହୋଇ ପୁଣି ମୁମ୍ବାଇ ପର୍ଯ୍ୟନ୍ତ ରୁଟକୁ ମିଶାଇ 'ଗୋଲଡେନ କ୍ୱାଡ୍ରିଲାଟେରାଲ' ଗଠିତ ହୋଇଛି। ଏହା ସହ ଏହାର ଦୁଇଟି ଡାଏଗୋନାଲ ରୁଟ୍ ରହିଛି ଦିଲ୍ଲୀରୁ ଚେନ୍ନାଇ ଏବଂ ମୁମ୍ବାଇରୁ କୋଲକାତା। ଏହା ବ୍ୟତୀତ ଦିଲ୍ଲୀରୁ ଗୁଆହାଟୀ ପର୍ଯ୍ୟନ୍ତ ରୁଟ୍ ମଧ୍ୟ ରହିଛି।

ଏହିପରି ମୋଟ ୭ଟି ହାଇ-ଡେନସିଟି କରିଡରକୁ ଫୋର-ଲେନ କରାଯାଉଛି। ସମସ୍ତ ପ୍ରକଳ୍ପରେ ପର୍ଯ୍ୟାୟକ୍ରମେ କାମ ଚାଲିଛି। ପ୍ରାୟ ୪,୦୦୦ କିଲୋମିଟର ରେଳପଥ ପାଇଁ ବର୍ତ୍ତମାନ ଡିପିଆର୍ ପ୍ରସ୍ତୁତ କରାଯାଉଛି ବୋଲି କେନ୍ଦ୍ରମନ୍ତ୍ରୀ ସୂଚନା ଦେଇଛନ୍ତି।

## ବ୍ରିକ୍ସ ସମ୍ମିଳନୀ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା : ମୁତୟନ ହେବେ ୭ ହଜାର ଯବାନ

ନୂଆଦିଲ୍ଲୀ, ୯ ।୯

ଆସନ୍ତା ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଆୟୋଜିତ ହେବାକୁ ଥିବା ତିନିଦିନିଆ ବ୍ରିକ୍ସ ଶିଖର ସମ୍ମିଳନୀ ପାଇଁ ଜାତୀୟ ରାଜଧାନୀ ସମ୍ପୂର୍ଣ୍ଣ ପ୍ରସ୍ତୁତ। ମାସକ ଧରି ଚାଲିଥିବା ପ୍ରସ୍ତୁତି ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଅନ୍ତର୍ଜାତୀୟ ପ୍ରତିନିଧିମାନଙ୍କ ଆଗମନକୁ ଦୃଷ୍ଟିରେ ରଖି ସହରର ପ୍ରମୁଖ ଅଞ୍ଚଳରେ ସୌନ୍ଦର୍ଯ୍ୟକରଣ ସହ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡି କରାଯାଇଛି। କନଟ୍‌ପ୍ଲେସ୍, ଖାନ୍ ମାର୍କେଟ୍ ସମେତ ପ୍ରମୁଖ ଅଞ୍ଚଳରେ ବ୍ରିକ୍ସ ସମ୍ମିଳନୀ ସମ୍ପର୍କିତ ବ୍ୟାନର ଲଗାଯାଇଥିବା ବେଳେ ରାତିରେ ଆଲୋକୀକରଣକୁ ମଧ୍ୟ ବଢ଼ାଯାଇଛି। ପ୍ରତିନିଧିମାନଙ୍କ ଯାତାୟାତ ସୁଗମ କରିବା ଏବଂ ସୁରକ୍ଷା ନିଶ୍ଚିତ କରିବା ପାଇଁ କିଛି ରାସ୍ତାରେ ଟ୍ରାଫିକ୍ ନିୟମ କଡ଼ାକଡ଼ି କରାଯିବା ସହ ଆବଶ୍ୟକସ୍ଥଳେ ସ୍ଥାନୀୟ ଯାତାୟାତ ବନ୍ଦ କରାଯିବ। ନୂଆଦିଲ୍ଲୀ ଜିଲ୍ଲା ଡିସିପି ସଚିନ ଶର୍ମା କହିଛନ୍ତି ଯେ ସମ୍ମିଳନୀକୁ ଦୃଷ୍ଟିରେ ରଖି ଆଇନଶୃଙ୍ଖଳା, ସୁରକ୍ଷା ଏବଂ ଆତଙ୍କବାଦ ବିରୋଧୀ ବ୍ୟବସ୍ଥା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ପୋଲିସ କର୍ମଚାରୀଙ୍କୁ ଏକାଧିକ ପର୍ଯ୍ୟାୟରେ ବ୍ରିଫିଂ ଦିଆଯାଇଥିବା ବେଳେ ବରିଷ୍ଠ ଅଧିକାରୀମାନେ ସୁରକ୍ଷା ବ୍ୟବସ୍ଥାର ପ୍ରତ୍ୟେକ ଦିଗ ଯାଞ୍ଚ କରୁଛନ୍ତି।ସମ୍ମିଳନୀ ସମୟରେ ଦିଲ୍ଲୀ ପୋଲିସ, ଅର୍ଦ୍ଧସାମରିକ ବାହିନୀ, ଏନ୍‌ଏସଜି ଏବଂ ଅନ୍ୟାନ୍ୟ ସୁରକ୍ଷା ଏଜେନ୍ସିର ପ୍ରାୟ ୭ ହଜାର କର୍ମଚାରୀ ନିୟୋଜିତ ହେବା ଆଶା କରାଯାଉଛି।ଭାରତ ମଣ୍ଡପମକୁ କେନ୍ଦ୍ର କରି ବହୁସ୍ତରୀୟ ସୁରକ୍ଷା ବଳୟ ପ୍ରସ୍ତୁତ କରାଯାଉଛି। ବିମାନବନ୍ଦର, ପ୍ରତିନିଧିମାନଙ୍କ ରହଣିସ୍ଥଳ ହୋଟେଲ ଏବଂ ସମ୍ମିଳନୀ ସ୍ଥାନକୁ ସଂଯୋଗ କରୁଥିବା ପ୍ରମୁଖ ରାସ୍ତା ଉପରେ ସୁରକ୍ଷା ଏଜେନ୍ସିଗୁଡ଼ିକ ନଜର ରଖିବେ।ସୁରକ୍ଷା ବ୍ୟବସ୍ଥାରେ ଦିଲ୍ଲୀ ପୋଲିସ ସହ ଅର୍ଦ୍ଧସାମରିକ ବାହିନୀ, ଏନ୍‌ଏସଜି, ଗୁଇନ୍ଦା ବ୍ୟୁରୋ ଏବଂ ଏସ୍‌ପିଜି କର୍ମଚାରୀଙ୍କୁ ସାମିଲ କରାଯାଇଛି। ଅନ୍ତର୍ଜାତୀୟ ପ୍ରତିନିଧିଙ୍କ ନିରାପଦ ଓ ସୁଗମ ଯାତାୟାତ ସୁନିଶ୍ଚିତ କରିବା ସହ ସମ୍ମିଳନୀକୁ ନିରାପଦ ଭାବେ ସମ୍ପନ୍ନ କରିବା ଉପରେ ପ୍ରଶାସନର ଫୋକସ୍ ରହିଛି।

## ସ୍କ୍ରବ୍ ଟାଇଫସ୍ ଚିହ୍ନଟ ସ୍ଥାନକୁ ଯିବେ ଡାକ୍ତରୀ ଟିମ୍

ଭୁବନେଶ୍ୱର, ୯ ।୯

ନ୍ୟୁଜ୍ ବ୍ୟୁରୋ

ସ୍କ୍ରବ୍ ଟାଇଫସ୍ ଚିହ୍ନଟକୁ ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇବା ସହ ସଂପୃକ୍ତ ଅଞ୍ଚଳକୁ ଡାକ୍ତରୀ ଟିମ ଯିବେ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ଡା. ମୁକେଶ *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- କୁପୱାରାରେ ହିଜବୁଲ୍ ମୁଜାହିଦ୍ଦିନ୍ କାର୍ଯ୍ୟକର୍ତ୍ତା ଗିରଫ, ମୋଡ୍ୟୁଲ୍ ଠାବ।
- ମୌସୁମୀ ଅଧିବେଶନର ଅବଶିଷ୍ଟ ସମୟ ପାଇଁ ତେଲେଙ୍ଗାନା ବିଧାନସଭାରୁ ୨୨ ବି. ଆର.ଏସ୍. ବିଧାୟକ ନିଲମ୍ବିତ।
- ଡିଆରଆଇ ଦେଶବ୍ୟାପୀ ୭୪୦ କିଲୋ ମାଦକ ପଦାର୍ଥ ଜବତ କଲା, ୧୩ ଗିରଫ।
- ରାଷ୍ଟ୍ରପତି ମୁର୍ମୁଙ୍କୁ ସାକ୍ଷାତ କଲେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ।

## ହର୍ମୁଜରେ ଯୁଦ୍ଧ ! ଆମେରିକାର ବୁଡ଼ାଜାହାଜକୁ କବ୍‌ଜା କଲା ଇରାନ

ୱାଶିଂଟନ, ୯ ।୯

ଇରାନ ଓ ଆମେରିକା ମଧ୍ୟରେ ପରିସ୍ଥିତି ଜଟିଳ ରହିଛି। ଇରାନ ଏବଂ ଆମେରିକା ମଧ୍ୟରେ ବଢୁଥିବା ସାମରିକ ଉତ୍ତେଜନା ମଧ୍ୟରେ ହର୍ମୁଜ ପ୍ରଣାଳୀରୁ ଆଉ ଏକ ବଡ଼ ଘଟଣା ସାମ୍ନାକୁ ଆସିଛି। ଇରାନର ରିଭୋଲ୍ୟୁସନାରୀ ଗାର୍ଡମାନେ ହର୍ମୁଜ ପ୍ରଣାଳୀରେ ଏକ ଆମେରିକୀୟ ବୁଡ଼ାଜାହାଜକୁ କବ୍‌ଜା କରିଥିବା ଦାବି କରିଛନ୍ତି। ଇରାନୀ ଗଣମାଧ୍ୟମ ଘଟଣାର ଏକ ଭିଡିଓ ଜାରି କରିଛି। ଆମେରିକା ଘଟଣାକୁ ଭିନ୍ନ ଭାବରେ ଉପସ୍ଥାପନ କରିଛି। ଆମେରିକୀୟ ସେନା କହିଛି ଯେ ଅଣ୍ଡରୱାଟର *(ପୃଷ୍ଠା ୭ରେ)*



## ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୩ ଶ୍ରମିକ ମୃତ

ଗୁଣୁପୁର, ୯ ।୯

ନ୍ୟୁଜ୍ ବ୍ୟୁରୋ

ନିର୍ମାଣାଧୀନ ପାଇଖାନା ଟାଙ୍କିରେ ପୁଣି ଅଘଟଣ ଘଟିଛି। ପାଇଖାନା ଟାଙ୍କିର ସେଣ୍ଟ୍ରିଂ ଖୋଲିବା ସମୟରେ ତିନି ଜଣ ଶ୍ରମିକ ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଛନ୍ତି। ରାୟଗଡ଼ା ଜିଲ୍ଲା ପଦ୍ମପୁର ଅଞ୍ଚଳରେ ଏହି ଅଘଟଣ ଘଟିଛି। ଗୁଲୁଗୁଡ଼ା ପଞ୍ଚାୟତ ତାରପାଗୁଡ଼ା ଗାଁରେ ଜୀବଜଗତପୁର ଗାଁର ୩ଜଣ ବାସିନ୍ଦାଙ୍କର ମୃତ୍ୟୁ ଘଟିଛି। ମୃତକମାନେ ହେଲେ ହରିଚନ୍ଦ୍ର ବୀର (୪୬) ଆଲୋକ କରଡ଼ା (୪୫) ଓ ପ୍ରକାଶ ଲିମା (୪୭)। ଏମାନେ ସମସ୍ତେ ଦିନ ମଜୁରିଆ ଥିଲେ।

ସୂଚନା ଅନୁସାରେ ତାରପାଗୁଡ଼ା ଗାଁରେ ବୁଧବାର ଏକ ନିର୍ମାଣାଧୀନ ପାଇଖାନାରେ ଶ୍ରମିକମାନେ ସେଣ୍ଟ୍ରିଂ ଖୋଲୁଥିଲେ। ଏହି ସମୟରେ ସେଣ୍ଟ୍ରିଂ ସେମାନଙ୍କ ଉପରେ ପଡ଼ିଯାଇଥିଲା। ପାଇଖାନା ଟାଙ୍କି ଭିତରେ ସେମାନେ ଅଣନିଃଶ୍ୱାସୀ ହୋଇଯାଇଥିଲେ। ସ୍ଥାନୀୟ ଲୋକମାନଙ୍କ ସହଯୋଗରେ ଗୁରୁତର ଶ୍ରମିକମାନଙ୍କୁ ଅଗ୍ନିଶମ ବାହିନୀ ଏବଂ ପୁଲିସ ଉଦ୍ଧାର କରିଥିଲେ। ସେମାନଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତରଖାନାରେ ତିନିଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଛନ୍ତି।

ଏହି ଅପ୍ରୀତିକର ଘଟଣା ନେଇ ପୁଲିସ ଏକ ମାମଲା ରୁଜୁ କରିଛି। ଘଟଣାର ଅଧିକ ତଦନ୍ତ ଜାରି ରଖିଛି। ଅନ୍ୟପଟରେ ଜୀବଜଗତପୁରରେ ଶୋକର ଛାୟା ଖେଳିଯାଇଛି।

## ଓରାଙ୍ଗ ଉଟାନ୍ ଆସିବାର ତଦନ୍ତ ତ୍ୱରାନ୍ୱିତ

ଭୁବନେଶ୍ୱର, ୯ ।୯

ନ୍ୟୁଜ୍ ବ୍ୟୁରୋ

ବାଲେଶ୍ୱର ଭୋଗରାଇ ଜଙ୍ଗଲରୁ ଓରାଙ୍ଗ ଉଟାନ୍ ଉଦ୍ଧାର ଘଟଣାରେ ଓରାଙ୍ଗଉଟାନ୍ ଆସିବାର ତଦନ୍ତ ତ୍ୱରାନ୍ୱିତ ହୋଇଛି । ଏନେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଓରାଙ୍ଗଉଟାନ୍ ଆସିବାର ତଦନ୍ତ ତ୍ୱରାନ୍ୱିତ ହୋଇଛି । ନନ୍ଦନକାନନରେ ଏବେ କ୍ୱାରେଣ୍ଟାଇନ୍‌ରେ ଅଛନ୍ତି ୫ ଓରାଙ୍ଗଉଟାନ୍ । ୨୪ଘଣ୍ଟିଆ ନିରୀକ୍ଷଣରେ ସେମାନଙ୍କୁ ରଖାଯାଇଛି । ଓରାଙ୍ଗଉଟାନ୍‌ଙ୍କୁ କିପରି ନନ୍ଦନକାନନରେ ରଖାଯିବ ବ୍ୟବସ୍ଥା କରିବୁ। ସେଣ୍ଟ୍ରାଲ ଜୁ' ଅଥରିଟିଙ୍କୁ ଅନୁମତି ମଗାଯାଇଛି । ନନ୍ଦନକାନନରେ ଏମାନେ 



କିପରି ଖାପଖୁଆଇ ଚଳିପାରିବେ ତାହାର ବ୍ୟବସ୍ଥା ହେବ । ବିଶେଷଜ୍ଞଙ୍କ ପରାମର୍ଶ ନେଇ ସେମାନଙ୍କ ଯତ୍ନ ନିଆଯିବ ବୋଲି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ କହିଛନ୍ତି।

ବାଲେଶ୍ୱର ଜିଲ୍ଲା ଭୋଗରାଇ ଜଙ୍ଗଲରୁ ଓରାଙ୍ଗଉଟାନ ଉଦ୍ଧାର ଘଟଣାରେ ଏସଟିଏଫର ଖୋଳତାଡ଼ ଆରମ୍ଭ କରିଛି । ଘଟଣା ସ୍ଥଳରେ କ୍ରାଇମବ୍ରାଞ୍ଚ ଏସଟିଏଫର ୫ଜଣିଆ ଟିମ ଯାଇ ତଦନ୍ତ ଆରମ୍ଭ କରିଛି। ଓରାଙ୍ଗଉଟାନ ମିଳିବା ପଛରେ ଅନ୍ତର୍ଜାତୀୟ ସ୍ମଗଲିଂ ଲିଙ୍କ୍ ନେଇ ତଦନ୍ତ ହେଉଛି । ଏସଟିଏଫ, ଫରେଷ୍ଟ ଡିପାର୍ଟମେଣ୍ଟ ଓ ଡବ୍ଲୁସିସିବି ମିଳିତ ଭାବେ କରିବେ ତଦନ୍ତ। ଓଡ଼ିଶାକୁ କେମିତି ଆସିଲେ ୫ ଓରାଙ୍ଗଉଟାନ ତାର ତଦନ୍ତ ଚାଲିଛି । ସ୍ମଗଲିଂ ରୁଟ୍ ନେଇ ମଧ୍ୟ ତଦନ୍ତକାରୀ ନଜର ରଖିଛନ୍ତି । ଲୋକାଲ୍ ଇନକ୍ୱାରୀ ସହ ସିସିଟିଭି ଓ ପୂର୍ବ ଘଟଣାର ଡାଟା ଯାଞ୍ଚ କରାଯାଉଛି ବୋଲି ଏସଟିଏଫ ଆଇଜି ଓ ଡିଆଇଜି *(ପୃଷ୍ଠା ୭ରେ)*

## ସାଉଦି ଆରବ ଉପରେ ହୁତି ଆକ୍ରମଣକୁ ଭାରତର କଡ଼ା ନିନ୍ଦା

ନୂଆଦିଲ୍ଲୀ, ୯ ।୯

ସାଉଦି ଆରବରେ ସାଧାରଣ ନାଗରିକ ଏବଂ ଆର୍ଥିକ କେନ୍ଦ୍ରଗୁଡ଼ିକ ଉପରେ ହୁତି ଆତଙ୍କବାଦୀଙ୍କ ଦ୍ୱାରା କରାଯାଇଥିବା ଆକ୍ରମଣକୁ ଭାରତ କଡ଼ା ନିନ୍ଦା କରିଛି।

ବୈଦେଶିକ ମନ୍ତ୍ରଣାଳୟର ପ୍ରବକ୍ତା ରଣଧୀର ଜୟସ୍ୱାଲ ସାଉଦି ଆରବରେ ହୁତି ଆତଙ୍କବାଦୀଙ୍କ ଆକ୍ରମଣର ଖବର ଉପରେ ବୁଧବାର ଗଣମାଧ୍ୟମର ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି ଯେ ଭାରତ ସାଉଦି ଆରବର ସାର୍ବଭୌମ ଅଞ୍ଚଳ ଉପରେ ହୋଇଥିବା ଆକ୍ରମଣକୁ, ବିଶେଷକରି ସାଧାରଣ ନାଗରିକ ଏବଂ ଆର୍ଥିକ ସୁବିଧାଗୁଡ଼ିକୁ ଲକ୍ଷ୍ୟ କରାଯାଇଥିବା ଆକ୍ରମଣକୁ ନିନ୍ଦା କରେ।

ସେ କହିଛନ୍ତି ଯେ ଏପରି ଆକ୍ରମଣ, ଯାହା ଆଞ୍ଚଳିକ ସୁରକ୍ଷା ଏବଂ *(ପୃଷ୍ଠା ୭ରେ)*

## ସୁନା ଦର

୨୪ କ୍ୟାରେଟ୍ ସୁନା – ପ୍ରତି ଗ୍ରାମ୍ ୧୫,୪୩୧ (-୧୦୪)

୨୨ କ୍ୟାରେଟ୍ ସୁନା – ପ୍ରତି ଗ୍ରାମ୍ ୧୪,୧୪୫ (-୯୫)

୧୮ କ୍ୟାରେଟ୍ ସୁନା – ପ୍ରତି ଗ୍ରାମ୍ ୧୧,୫୭୩ (-୭୮)

## ରୁପା ଦର

ରୂପା – ପ୍ରତି ଗ୍ରାମ୍ ୨୫୦ (+୦)

## ଏକାଳ ପଖାଳ



ବାର୍ଦ୍ଧକ୍ୟ, ରୋଗରେ ଛଟପଟ ସବୁ
ଆଖିରେ ଆଖିଏ ଲୁହ
ରାଜରାସ୍ତାରେ ବସିଲେ ଏମାନେ
କେମିତି ସହୁଛି ଦେହ
ଭୋକିଲା ମୁହଁକୁ ଚାହିଁ
ଭତ୍ତା ଟିକେ ପାଇଁ ଡହଳବିକଳ
ଏତିକି ଯଥେଷ୍ଟ ନୁହଁ ? ?

# ଘରୋଇ ବଜାରରେ ଅଢ଼େଇ ଲକ୍ଷ ଟନ୍ : ଶସ୍ତା ହେବ ଚିନି !



ନୂଆଦିଲ୍ଲୀ, ୯ ।୯

ପାର୍ବଣ ଋତୁରେ ଚିନି ଦର ଲୋକଙ୍କର ଚିନ୍ତା ବଢ଼ାଇ ଦେଇଥିବା ବେଳେ ଏବେ ଏଥିରେ ସାମାନ୍ୟ ସୁଧାର ଆସିବାର ସମ୍ଭାବନା ଦେଖାଯାଉଛି। ଏହା ମଧ୍ୟରେ ଖବର ଆସୁଛି ଯେ, ଭାରତୀୟ ରିଫାଇନାରୀ ଘରୋଇ ବଜାରରେ ପାଖାପାଖି ଅଢ଼େଇ ଲକ୍ଷ ଟନ୍ ଚିନି ବିକ୍ରି କରାଯିବାର ଯୋଜନା ରହିଛି। ଏଥିରୁ ଚିନି ଦର ନେଇ ଅନୁମାନ କରାଯାଇପାରେ।

ନିକଟରେ ଶ୍ରୀ ରେଣୁକା ସୁଗରର ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଶୀଲ କୁମାର କହିଥିଲେ, ଭାରତୀୟ ରିଫାନାରୀ କମ୍ପାନୀ ଘରୋଇ ବଜାରରେ ଅଢ଼େଇ ଲକ୍ଷ ଟନ୍ ଚିନି ବିକିବାକୁ ଯୋଜନା କରୁଛି। ଏହା କରାଯିବା ଦ୍ୱାରା ଘରୋଇ ବଜାରରେ ଚିନି ଦର ଉପରେ ବ୍ରେକ୍ ଲଗାଯାଇ ପାରିବ।

ସରକାର ଏବଂ ସୁଗର ରିଫାଇନାରୀ ଚାହାନ୍ତି ଯେ, ଏହି ପାର୍ବଣ ଋତୁରେ ପର୍ବରେ ମଧୁରତା କମ୍ ନହେଉ। ଯଥା ସମ୍ଭବ ଚିନି ଦର ହ୍ରାସ କରାଯିବାକୁ ନେଇ ଉଦ୍ୟମ କରାଯାଉଛି। ମାତ୍ର କିଛି ଦିନ ପୂର୍ବରୁ ଚିନି ଦରରେ ହ୍ରାସ ପାଇଛି। ଉପଭୋକ୍ତା ମାମଲାର ମନ୍ତ୍ରଣାଳୟ ପକ୍ଷରୁ କିଛି ଦିନ ପୂର୍ବରୁ କୁହାଯାଇଥିଲା ଯେ, ଚିନି ଗତ ସପ୍ତାହର ୬୫.୦୮ ଟଙ୍କାରୁ ୬୨.୫୭କୁ ହ୍ରାସ ପାଇଛି।

## ବଙ୍ଗୋପସାଗରରେ ଲଘୁଚାପ ୩ ଦିନ ପ୍ରବଳ ବର୍ଷା ଆଶଙ୍କା

ଭୁବନେଶ୍ୱର, ୯ ।୯

ନ୍ୟୁଜ୍ ବ୍ୟୁରୋ

ଉତ୍ତର ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟ ଘୂର୍ଣ୍ଣିବଳୟ ଯୋଗୁଁ ଗୁରୁବାର ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଓଡ଼ିଶାରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ବର୍ଷାର ପ୍ରଭାବ ଜାରି ରହିବା ସହ ଅନେକ ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ।ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲା ପାଇଁ ପ୍ରବଳ ବର୍ଷାର ସତର୍କତା ଜାରି କରାଯାଇଛି। ଉତ୍ତର ଓ ଉପକୂଳ ଓଡ଼ିଶାର ୧୪ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଦିଆଯାଇଛି। ଗଜପତି, ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, ପୁରୀ, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ ଓ ସୁନ୍ଦରଗଡ଼ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ଘଣ୍ଟାପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି।

ଗୁରୁବାର ଲଘୁଚାପର ପ୍ରଭାବରେ ରାଜ୍ୟର ଅଧିକାଂଶ ଜିଲ୍ଲାରେ ବର୍ଷା ବଢ଼ିବା ନେଇ ପାଣିପାଗ ବିଭାଗ ସତର୍କ କରିଛି। ୨ଟି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଏବଂ ୨୩ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି *(ପୃଷ୍ଠା ୭ରେ)*





## ଶିଶୁ ପୋଷଣ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ୍ ଆର୍. ଆୟରଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ସମନ୍ୱିତ ଶିଶୁ ବିକାଶ ସେବା ଆଇ.ସି.ଡି.ଏସ୍ ଯୋଜନା ଗୁଡ଼ିକର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ଓ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତି ଉପସ୍ଥିତ ଥିଲେ। ଏହି ସମୀକ୍ଷା ବୈଠକରେ ଜିଲ୍ଲାର ସମସ୍ତ CDPO ଏବଂ ଜିଲ୍ଲା ସମାଜ ମଙ୍ଗଳ ବିଭାଗର ସମସ୍ତ ଜିଲ୍ଲାସ୍ତରୀୟ କର୍ମଚାରୀ ଯୋଗଦେଇଥିଲେ। ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ଓ ଭିତ୍ତିଭୂମିର ଅଗ୍ରଗତି, ପୋଷଣ କାର୍ଯ୍ୟକ୍ରମର ସଫଳ କାର୍ଯ୍ୟାନ୍ୱୟନ, ମହିଳା ସଶକ୍ତିକରଣ, ମମତା–ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନ ଏବଂ ସୁଭଦ୍ରା ଯୋଜନାର କାର୍ଯ୍ୟାନ୍ୱୟନ ଓ ଅଗ୍ରଗତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ଜିଲ୍ଲାରେ ସମନ୍ୱିତ ଶିଶୁ ବିକାଶ ସେବା ଆଇ.ସି.ଡି.ଏସ୍ ଯୋଜନା ଅଧୀନରେ ଚାଲୁଥିବା ବିଭିନ୍ନ ଯୋଜନାର ସୁଚାରୁ କାର୍ଯ୍ୟାନ୍ୱୟନ, ଲକ୍ଷ୍ୟ ପୂରଣ ଏବଂ ହିତାଧିକାରୀମାନଙ୍କୁ ଯୋଜନାର ସୁଫଳ ଠିକ୍ ସମୟରେ ପହଞ୍ଚାଇବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ନିଜ ନିଜ ଦାୟିତ୍ୱକୁ ଗୁରୁତ୍ୱର ସହିତ ନିର୍ବାହ କରି ଯୋଜନାଗୁଡ଼ିକର ଗୁଣାତ୍ମକ ଓ ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଆୟୋଜିତ ଏହି ବୈଠକରେ ଜିଲ୍ଲାସ୍ତରୀୟ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

## ବାଲ୍ୟ ବିବାହ ବିଚ୍ଛେଦରେ ଶିକ୍ଷକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ




**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବାଲ୍ୟ ବିବାହ ଉଚ୍ଛେଦ ପାଇଁ 'ଜଷ୍ଟ ରାଇଟ୍ସ ଫର୍ ଚିଲ୍ଡ୍ରେନ୍'ର ଅଭିଯାନକୁ ଜାତିସଂଘର ଐତିହାସିକ ସ୍ୱୀକୃତି ମିଳିଛି। ନଭେମ୍ବର ୨୭କୁ 'ଶିଶୁ, ପ୍ରାରମ୍ଭିକ ଓ ବାଧ୍ୟତାମୂଳକ ବିବାହ ଉଚ୍ଛେଦ ପାଇଁ ଆନ୍ତର୍ଜାତୀୟ ଦିବସ' ଭାବେ ଘୋଷଣା କରାଯାଇଛି। ଏହାକୁ ସ୍ୱାଗତ କରି ବିଶ୍ୱ ଯୁବ କେନ୍ଦ୍ର ପକ୍ଷରୁ ପୁରୁଣା କଟକ କଲ୍ୟାଣମଣ୍ଡପ ଠାରେ ଏକ ସଚେତନତା ଓ ପରାମର୍ଶ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ବରୁଣ ପ୍ରଧାନ, ସହକାରୀ ଶିକ୍ଷା ଅଧିକାରୀ କାର୍ତ୍ତିକେଶ୍ୱର ନାୟକ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଅବିନାଶ ପ୍ରଧାନ, ସରପଞ୍ଚ ଅଶୋକ କୁମାର ସେଠୀ, ବିଶ୍ୱ ଯୁବ କେନ୍ଦ୍ରର ସଭାପତି ବସନ୍ତ କୁମାର ପ୍ରଧାନଙ୍କ ସମେତ ଶିକ୍ଷକ-ଶିକ୍ଷୟିତ୍ରୀ, ଅଙ୍ଗନବାଡ଼ି କର୍ମୀ ଓ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ। ଗୁରୁ ଦିବସ ଅବସରରେ 'ବାଲ୍ୟ ବିବାହ ଉଚ୍ଛେଦରେ ଶିକ୍ଷକଙ୍କ ଭୂମିକା' ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ଶିକ୍ଷକ-ଶିକ୍ଷୟିତ୍ରୀ ମାନଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ବିଶ୍ୱ ଯୁବ କେନ୍ଦ୍ରର ନିର୍ଦ୍ଦେଶକ ମନୋଜ ମହାପାତ୍ର କହିଥିଲେ ଯେ, ବାଲ୍ୟ ବିବାହ ରୋକିବା ପାଇଁ କେବଳ ଆଇନ୍ ନୁହେଁ, ବିଦ୍ୟାଳୟ, ପଞ୍ଚାୟତ, ଅଭିଭାବକ ଓ ସମୁଦାୟର ସକ୍ରିୟ ଭୂମିକା ଆବଶ୍ୟକ। ବୌଦ୍ଧ ଜିଲ୍ଲାରେ ସଂଗଠନର ହସ୍ତକ୍ଷେପରେ ଅନେକ ବାଲ୍ୟ ବିବାହ ରୋକାଯାଇଥିବା ସେ ସୂଚନା ଦେଇଥିଲେ। ସଭାରେ କୌଣସି ଶିଶୁର ବାଲ୍ୟ ବିବାହ ହେବ ନାହିଁ ବୋଲି ସମସ୍ତେ ସଂକଳ୍ପ ନେଇଥିଲେ।

## ଦଶହରା ପାଇଁ ପ୍ରସ୍ତୁତି ଆରମ୍ଭ:ଖାନନଗରରେ ଝଟକିବ 'ସ୍ୱରବେଦମହାମନ୍ଦିର' ତୋରଣ



**କଟକ, ନ୍ୟୁଜ୍ ବ୍ୟୁରୋ**

କଟକର ପ୍ରସିଦ୍ଧ ଦଶହରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ପ୍ରତିବର୍ଷ ଆକର୍ଷଣୀୟ ତୋରଣ ନିର୍ମାଣ କରି ଖ୍ୟାତି ଅର୍ଜନ କରିଥିବା ଖାନନଗର ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟି ଏଥର ବି ନିଆରା ତୋରଣ ନିର୍ମାଣ କରିବାକୁ ଯାଉଛି। ଚଳିତବର୍ଷ ଖାନନଗରରେ ଶୋଭା ପାଇବ ବାରଣାସୀର ପ୍ରସିଦ୍ଧ ସ୍ୱରବେଦମହାମନ୍ଦିର ଢାଞ୍ଚାର ତୋରଣ। ଖାନନଗରରେ ଆକର୍ଷଣୀୟ ମନ୍ଦିର ତୋରଣ ସହିତ ଆଲୋକର କାରୁକାର୍ଯ୍ୟ ଏଥର ଦଶହରାର ଚମକକୁ ବଢ଼ାଇବ ବୋଲି ଆଶା କରାଯାଉଛି। ପୂଜା କମିଟି ପକ୍ଷରୁ ଆସନ୍ତା ଗଣେଶ ପୂଜାରୁ ତୋରଣ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ତେବେ ଏହାକୁ ନେଇ ଏବେଠୁ ସୋସିଆଲ୍ ମିଡିଆରେ ଜୋର୍‌ଦାର୍ କ୍ରେଜ୍ ଦେଖିବାକୁ ମିଳିଛି। ସୁନା ଓ ରୁପାର ଦଶହରା ପାଇଁ କଟକ ପ୍ରସିଦ୍ଧ। ଏହା ସହ ଆକର୍ଷଣୀୟ ତୋରଣ, ଆଲୋକସଜ୍ଜା ଓ ମେଲୋଡି ପାଇଁ ବିଭିନ୍ନ ସ୍ଥାନରୁ କଟକକୁ ଲୋକଙ୍କ ସୁଅ ଛୁଟେ। ପ୍ରତିବର୍ଷ ବାଦାମବାଡ଼ି, ମାଲଗୋଦାମ, ଖାନନଗର, ଶିଖରପୁର ଆଦି ବିଭିନ୍ନ ପୂଜା କମିଟିର କପଡ଼ା, ପ୍ଲାଏବୋର୍ଡ ତୋରଣ, ଚାନ୍ଦିନୀଚୌକ, ଚାଉଳିଆଗଞ୍ଜ, ବିଡ଼ାନାସୀ ଠାରୁ ଆରମ୍ଭ କରି ବହୁ ପୂଜା କମିଟି ଆଲୋକ ତୋରଣ ବେଶ୍ ଆକର୍ଷଣୀୟ ହୋଇଥାଏ। ସେହିକ୍ରମରେ ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ଖାନନଗର ଖପୁରିଆ ଶିଳ୍ପାଞ୍ଚଳ ପୂଜା କମିଟି ନିଜର ଚମକ ବଜାୟ ରଖିବାକୁ ଯୋଜନା କରିଛି। ପୂର୍ବରୁ ଦଶହରାରେ କାର୍‌ଗିଲ୍ ଯୁଦ୍ଧ, ଅପରେସନ୍ ସିନ୍ଦୂର, ମିନାକ୍ଷୀ ମନ୍ଦିର, ବୈଷ୍ଣୋ ଦେବୀ ମନ୍ଦିର ଭଳି ଅନେକ ବିଷୟବସ୍ତୁକୁ ଆଧାର କରି ତୋରଣ କରି ଖାନନଗର ଲୋକପ୍ରିୟତା ହାସଲ କରିଥିଲା। ତେଣୁ ପୂଜା କମିଟି ଦ୍ୱାରା ଏଥର ଉତ୍ତରପ୍ରଦେଶ ସ୍ଥିତ ବାରଣାସୀ ନିକଟସ୍ଥ ପ୍ରସିଦ୍ଧ ସ୍ୱରବେଦମହାମନ୍ଦିରର ଢାଞ୍ଚାରେ ତୋରଣ ତିଆରି ହେବ। ଏହା ପାଖାପାଖି ୫୦ଫୁଟ୍ ଉଚ୍ଚତାର ରହିବ। ଏଥିରେ ଲାଇଟ୍‌ରେ କାରୁକାର୍ଯ୍ୟ ଝଲସିବ। ଏଥିପାଇଁ କୋଲକାତାରୁ କାରିଗରମାନେ ଆସି ନିର୍ମାଣ କରିବେ ବୋଲି ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କରେ ରାଜନୈତିକ ଦଳର ପ୍ରତିନିଧିଙ୍କ ସହ ବୈଠକ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**



ଯାଜପୁର ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧକ୍ଷତାରେ ସ୍ୱତନ୍ତ୍ର ସଘନ ସଂଶୋଧନ (SIR) ପ୍ରକ୍ରିୟାର ବର୍ତ୍ତମାନ ସ୍ଥିତି ଏବଂ ପରବର୍ତ୍ତୀ କାର୍ଯ୍ୟସୂଚୀ ସମ୍ପର୍କରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ୭ଟି ନିର୍ବାଚନ ମଣ୍ଡଳୀର ଚିଠା ଭୋଟର ତାଲିକାରେ ତ୍ରୁଟି, ନାମ ବାଦ ପଡ଼ିବା, ସଂଶୋଧନ ଆବଶ୍ୟକତା ଓ ଚିହ୍ନଟ ଅସଙ୍ଗତି ସମ୍ପର୍କିତ ଦାବି ଏବଂ ଆପତ୍ତି ଉପରେ ନୋଟିସ୍ ପ୍ରଦାନ ସହ ଶୁଣାଣି ପ୍ରକ୍ରିୟା ସଫଳତାର ସହ ସମାପ୍ତ ହୋଇଥିବା ନେଇ ବୈଠକରେ ସୂଚନା ଦିଆଯାଇଥିଲା। ଭୋଟର ତାଲିକାରେ ସ୍ୱଚ୍ଛତା, ନିର୍ଭୁଲତା ଓ ବିଶ୍ୱସନୀୟତା ବଜାୟ ରଖିବା ଉଦ୍ଦେଶ୍ୟରେ ସମସ୍ତ ଦାବି ଓ ଆପତ୍ତିର ଯାଞ୍ଚ ଏବଂ ନିଷ୍ପତ୍ତି ପ୍ରକ୍ରିୟା ଶେଷ ହୋଇଥିବା ବେଳେ, ଆସନ୍ତା ସେପ୍ଟେମ୍ବର ୨୧ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ସମ୍ପର୍କରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଅବଗତ କରାଯାଇଥିଲା। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜିକରଣ ଅଧିକାରୀ, ସହକାରୀ ନିର୍ବାଚନ ପଞ୍ଜିକରଣ ଅଧିକାରୀ, ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ, ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସମେତ ସମସ୍ତ ନିର୍ବାଚନ ମଣ୍ଡଳୀର ବୁଥ୍ ସ୍ତରୀୟ ଏଜେଣ୍ଟମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ସିଡିଓ ଦେବୀପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଅତିରିକ୍ତ ଉପଜିଲ୍ଲାପାଳ, ଅତିରିକ୍ତ ସିଡିଓ, ଡେପୁଟି କଲେକ୍ଟର, ନିର୍ବାଚନ, ଅଶୋକ କୁମାର ଦେହୁରୀ, ବିଭାଗୀୟ ଅଧିକାରୀ ଦେବେନ୍ଦ୍ର ନାଥ କର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## /////// ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ///////

## ଡ. ପିୟାଲ ଭଟ୍ଟାଚାର୍ଯ୍ୟଙ୍କ 'ସୌଗନ୍ଧିକା ହରଣମ୍' ଉତ୍ସବକୁ ଜୀବନ୍ତ କଲା



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ସୃଜନ-ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ନୃତ୍ୟବାସ ଦ୍ୱାରା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ, କଟକର ସହଯୋଗରେ ଆୟୋଜିତ ୩୨ତମ ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବର ତୃତୀୟ ସନ୍ଧ୍ୟାରେ ଡ. ପିୟାଲ ଭଟ୍ଟାଚାର୍ଯ୍ୟଙ୍କ ନୃତ୍ୟନାଟ୍ୟ ରଚନା "ସୌଗନ୍ଧିକାହରଣମ୍"ର ଏକ ମାର୍ଗନାଟ୍ୟ ପ୍ରଦର୍ଶନ ସହିତ ଶାସ୍ତ୍ରୀୟ କଳାର ହୃଦୟସ୍ପର୍ଶୀ ଉତ୍ସବକୁ ଜାରି ରଖିଥିଲା। ସନ୍ଧ୍ୟାରେ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ ବିଶିଷ୍ଟ ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ଡକ୍ଟର ଅରୁଣା ମହାନ୍ତି, ବରିଷ୍ଠ ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ କୁମକୁମ ମହାନ୍ତି, ଖ୍ୟାତନାମା ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ, ବିଶିଷ୍ଟ ନାଟ୍ୟ ବ୍ୟକ୍ତିତ୍ୱ ପ୍ରବୋଧ ରଥ, ସୃଜନର ନିର୍ଦ୍ଦେଶକ ତଥା ଶ୍ରୀଶ୍ରୀବିଶ୍ୱବିଦ୍ୟାଳୟର କଳା, ଯୋଗାଯୋଗ ଓ ଇଣ୍ଡିକ୍ ଷ୍ଟଡିଜ୍ ବିଭାଗର ଡିନ୍ଗୁରୁ ରତିକାନ୍ତ ମହାପାତ୍ର। ସନ୍ଧ୍ୟାର ମୁଖ୍ୟ ପ୍ରସ୍ତୁତି ଓଡ଼ିଶାରେ ପ୍ରଥମଥର ପାଇଁ ମାର୍ଗ ନାଟ୍ୟର ଅନୁଭବ ଆଣିଥିଲା- ଭରତ ମୁନିଙ୍କ ନାଟ୍ୟଶାସ୍ତ୍ରର ପ୍ରାଚୀନ ମାର୍ଗ ପରମ୍ପରାର ନାଟ୍ୟର ଏକ ପୁନରୁଜ୍ଜୀବନ। ଚିଦାକାଶ କଳାଳୟ-ସେଣ୍ଟର ଅଫ୍ ଆର୍ଟ ଆଣ୍ଡ ଡିଭିନିଟି ଦ୍ୱାରା ପ୍ରସ୍ତୁତ ସଂସ୍କୃତ ନାଟକ ସୌଗନ୍ଧିକାହରଣମ୍‌କୁ ଦର୍ଶକମାନେ ଦେଖିଥିଲେ।

## ବିପର୍ଯ୍ୟୟ ପରିଚାଳନା ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ

**ରାଉରକେଲା, ନ୍ୟୁଜ୍ ବ୍ୟୁରୋ**

ଗତ ୬ ତାରିଖରେ ରାଉରକେଲା ସହରର ସେକ୍ଟର ୨୧ ଠାରେ ଥିବା ଓଡ଼ିଶା ବନ ଉନ୍ନୟନ ନିଗମ କାର୍ଯ୍ୟାଳୟ ଠାରେ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ ଦକ୍ଷତା ବୃଦ୍ଧି ଓ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି। ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ ଦକ୍ଷତା ବୃଦ୍ଧି କିପରି କରାଯିବ ସେ ସମ୍ପର୍କରେ ବନ କର୍ମଚାରୀ ମାନଙ୍କୁ ତାଲିମ୍ ପ୍ରଦାନ କରାଯାଇଥିଲା। ସିଭିଲ ଡିଫେନ୍ସ ଓ ଅଗ୍ନିଶମ ବାହିନୀର ଅଧିକାରୀ ଓ କର୍ମଚାରୀ ବନ କର୍ମଚାରୀ ମାନଙ୍କୁ ବିପର୍ଯ୍ୟୟ ପରିଚାଳନା ପାଇଁ ବିଭିନ୍ନ ପ୍ରକାରର ତାଲିମ୍ ପ୍ରଦାନ କରିଥିଲେ। ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ବନ ଉନ୍ନୟନ ନିଗମର ଡିଭିଜନାଲ୍ ମ୍ୟାନେଜର ବିଶ୍ୱଜିତ ରାଉତ, ରାଉରକେଲା ବନଖଣ୍ଡ ଅଧିକାରୀ ରବିକାନ୍ତ ମିନା, ରାଉରକେଲା ଅଗ୍ନିଶମ ଅଧିକାରୀ ସଂଗ୍ରାମ ହାନସଦା, ସିଭିଲ ଡିଫେନ୍ସର ଶୁଭେନ୍ଦୁ କୁମାର ପଣ୍ଡା ତାଲିମ ଶିବିର ପରିଚାଳନା କରିଥିଲେ। ବିଗତ ଫାଇଲିନ୍ ବାତ୍ୟାରେ ଓଡ଼ିଶା ବନ ଉନ୍ନୟନ ନିଗମର ଉଲ୍ଲେଖନୀୟ ଅବଦାନ ପାଇଁ ସରକାରଙ୍କ ତରଫରୁ ବିପର୍ଯ୍ୟୟ ପରିଚାଳନାରେ OFDCକୁ ଅନ୍ତର୍ଭୁକ୍ତ କରାଯାଇଥିଲା।




## ଏସ୍ଏସ୍ଡବ୍ଲୁ ପ୍ରାଥମିକ ଶିକ୍ଷକ ବୈମାତୃକ ମନୋଭାବର ଶିକାର

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଗଣଶିକ୍ଷା ବିଭାଗରେ କ୍ୟାଡର୍‌ର ପୁର୍ନଗଠନ ଯୋଗୁ ଅନେକ ଶିକ୍ଷକ ପଦୋନ୍ନତି ପାଇପାରୁଛନ୍ତି। କିନ୍ତୁ ଏସ୍.ଏସ୍.ଡି. ବିଭାଗରେ କାର୍ଯ୍ୟରତ ପ୍ରାଥମିକ ଶିକ୍ଷକ ନା ପାଉଛନ୍ତି ପଦୋନ୍ନତି ନା ଭଲ ଦରମା। ଏହି ବିଭାଗରେ କାର୍ଯ୍ୟରତ ଶିକ୍ଷକ ୨୪ ଘଣ୍ଟା ଡ୍ୟୁଟି କରି ମଧ୍ୟ ଗଣଶିକ୍ଷା ବିଭାଗର କାର୍ଯ୍ୟରତ ଶିକ୍ଷକଙ୍କ ଠାରୁ ବହୁତ କମ୍ ଦରମା ପାଉଛନ୍ତି, ତାହା ମଧ୍ୟ ପ୍ରଧାନ ସେବକ ଯାହା ଗ୍ରେଡ୍ ପେ' ଗଣଶିକ୍ଷା ବିଭାଗର ଲେଭେଲ୍-୭ ସହିତ ସମାନ। ଗଣଶିକ୍ଷା ବିଭାଗର କାର୍ଯ୍ୟରତ ଶିକ୍ଷକ ସେହି ସମୟରେ ଲେଭେଲ୍-୫ ପଦବୀ ପଦୋନ୍ନତି ପାଇଁ ୪୨୦୦/-ଗ୍ରେଡ୍ ପେ' ପାଉଛନ୍ତି, ଯାହା ଆକାଶ ପାତାଳ ପାର୍ଥକ୍ୟ। କଲ୍ୟାଣ ବିଭାଗ ଶିକ୍ଷକ ସଂଘ ଅନେକ ବର୍ଷ ହେବ କ୍ୟାଡର ରୁଲ୍ ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନା କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହା ହୋଇପାରିନାହିଁ। ଆଦିବାସୀ ପିଲାଙ୍କ ଉନ୍ନତି ପାଇଁ ମଙ୍ଗଳ ବିଭାଗ ପ୍ରାଥମିକ ଶିକ୍ଷକ ନିଜକୁ ଉତ୍ସର୍ଗୀକୃତ କରି ସେବା ଯୋଗାଉଥିଲେ ମଧ୍ୟ ସେମାନଙ୍କ କଥା ସରକାର ଧ୍ୟାନ ନଦେବା ବୈମାତୃକ ମନୋଭାବର ପରିଚାଳକ। ସମାନ ସମୟରେ ଚାକିରି ଆରମ୍ଭ କରିଥିବା ଗଣଶିକ୍ଷା ବିଭାଗ ଶିକ୍ଷକ ଓ ମଙ୍ଗଳ ବିଭାଗ ଶିକ୍ଷକଙ୍କ ଦରମା ମଧ୍ୟରେ ଅନେକ ତାରତମ୍ୟ। ମଙ୍ଗଳ ବିଭାଗରେ କ୍ୟାଡର ରୁଲ୍ ନଥିବାରୁ ପଦୋନ୍ନତି ନପାଇ ଅନେକ ଶିକ୍ଷକ ଅବସର ଗ୍ରହଣ କରିସାରିଲେଣି। ଲକ୍ଷ ଲକ୍ଷ ଶିକ୍ଷକଙ୍କ ପାଇଁ ଗଣଶିକ୍ଷା ବିଭାଗ କ୍ୟାଡର ରୁଲ୍ ହୋଇପାରୁଛି, କିନ୍ତୁ ମାତ୍ର ୧୦ ରୁ ୧୫ ହଜାର ଶିକ୍ଷକ ଥିବା ଏସ୍.ଏସ୍.ଡି. ବିଭାଗରେ କ୍ୟାଡର ରୁଲ୍ ନହେବା ଆଶ୍ଚର୍ଯ୍ୟ। ପ୍ରାଥମିକ ଶିକ୍ଷକଙ୍କ ନିମନ୍ତେ ତୁରନ୍ତ କ୍ୟାଡର୍ ରୁଲ୍ ଲାଗୁ କରିବାକୁ କଲ୍ୟାଣ ଶିକ୍ଷକ ସଂଘ ସରକାରଙ୍କୁ ଦାବି ଜଣାଉଛି।



## ଅସହାୟ ବୃଦ୍ଧଙ୍କୁ ଉଦ୍ଧାର କଲା ଆଶ୍ରୟ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ମାନବିକତାର ଏକ ଉଦାହରଣ ସୃଷ୍ଟି କରି ବୌଦ୍ଧ ସହରରେ ଦୀର୍ଘଦିନ ଧରି ଅସହାୟ ଅବସ୍ଥାରେ ପଡ଼ିରହିଥିବା ଜଣେ ଅଜଣା ବୃଦ୍ଧଙ୍କୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆଶ୍ରୟ' ପକ୍ଷରୁ ଉଦ୍ଧାର କରାଯାଇ ଆଶ୍ରୟ ଯୋଗାଇ ଦିଆଯାଇଛି। ସେ ପ୍ରାୟ ଦୁଇ ମାସ ଧରି ବୌଦ୍ଧ କଚେରୀ ପଡ଼ିଆର ମୁଖ୍ୟ ଫାଟକ ନିକଟରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ପଡ଼ିରହିଥିଲେ। ଉଦ୍ଧାର ପରେ ବୃଦ୍ଧଙ୍କ ପରିଚୟ ମୁନେଶ୍ୱର ରାଜବଂଶୀ (୭୦), ଗ୍ରାମ- ରାମପୁର ଚାଏ, ଜିଲ୍ଲା- ଗୟା, ବିହାର ବୋଲି ଜଣାପଡ଼ିଛି। ତାଙ୍କୁ ଆଶ୍ରୟ କେନ୍ଦ୍ରରେ ରଖାଯାଇ ଖାଦ୍ୟ, ଚିକିତ୍ସା ଓ ଆବଶ୍ୟକୀୟ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯାଇଛି। ବୃଦ୍ଧଙ୍କ ପରିବାର ଓ ସମ୍ପର୍କୀୟଙ୍କ ସହ ଯୋଗାଯୋଗ କରି ତାଙ୍କୁ ନିଜ ଘରକୁ ସୁରକ୍ଷିତ ଭାବେ ପ୍ରତ୍ୟାବର୍ତ୍ତନ କରାଇବାର ବ୍ୟବସ୍ଥା କରାଯିବ ବୋଲି 'ଆଶ୍ରୟ'ର ସମ୍ପାଦକ କୃପାସିନ୍ଧୁ ହୋତା ସୂଚନା ଦେଇଛନ୍ତି।

## ଅତ୍ୟାବଶ୍ୟକ ସାମଗ୍ରୀର ଆକାଶଛୁଆଁ ଦରବୃଦ୍ଧି ବିରୁଦ୍ଧରେ ବିକ୍ଷୋଭ

**କଟକ, ନ୍ୟୁଜ୍ ବ୍ୟୁରୋ**




ଅତ୍ୟାବଶ୍ୟକ ସାମଗ୍ରୀ, ଖାଦ୍ୟ ଦ୍ରବ୍ୟ ବିଶେଷ କରି ଚିନି ଓ ପିଆଜର ଆକାଶଛୁଆଁ ମୂଲ୍ୟ ବୃଦ୍ଧି ଓ କେନ୍ଦ୍ର ଓ ରାଜ୍ୟ ଡବଲ୍ ଇଞ୍ଜିନ୍ ବିଜେପି ସରକାରର ଏ ବାବଦରେ ଅପରାଧୀ ସୁଲଭ ଉଦାସୀନତା ପ୍ରତିବାଦରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) କଟକ୍ ଜିଲ୍ଲା କମିଟି ଆହ୍ୱାନରେ ଜିଲ୍ଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପେଟ୍ରୋଲରେ ଇଥାନଲ ମିଶ୍ରଣ କରି ଗୋଟିଏ ଦିଗରେ ଗାଡ଼ି ଖରାପ କରାଯାଉଛି ଓ ଅନ୍ୟ ଦିଗରେ ଚିନିର ଦର ଆକାଶଛୁଆଁ ହୋଇଛି ବୋଲି ବିକ୍ଷୋଭକାରୀ ମାନେ ପ୍ରକାଶ କରିଛନ୍ତି। କଳାବଜାରୀ, ମହଜୁଦକାରୀ ଓ ଅସାଧୁ ବ୍ୟବସାୟୀ ମାନେ ସରକାରୀ କଳ ଓ ସରକାରୀ ଦଳର ବାହୁ ଛାୟାରେ ସାଧାରଣ ଲୋକଙ୍କୁ ଲୁଣ୍ଠନ କରୁଛନ୍ତି ବୋଲି ବିକ୍ଷୋଭ ସ୍ଥଳରେ ଅନୁଷ୍ଠିତ ପ୍ରତିବାଦ ସଭାରେ ବକ୍ତାମାନେ ପ୍ରକାଶ କରିଥିଲେ। ପାର୍ଟି ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସ, ଖଗେଶ୍ୱର ସେଠୀ, ବବି ବଳବନ୍ତରାୟ, ରାଜକିଶୋର ମଲ୍ଲିକ, ବସନ୍ତ ନାୟକ, ଭାଗ୍ୟରବି ଦାସ, ମାଳବିକା ସାମଲ, ଅକ୍ଷୟ ରାଉଳ, ସ୍ୱାଧୀନ ବେହେରା, ପ୍ୟଭେଲ ପ୍ରିୟଦର୍ଶନ, ପ୍ରତାପ ମିଶ୍ର, ସିପ୍ରା ମହାନ୍ତି, ସଞ୍ଜୀବ ଜେନା, ବସ୍ତି ନେତା ସୁକାନ୍ତ ନାୟକ, ଆଇନଜୀବୀ ସୁକାନ୍ତ ନାୟକ, ଭାଗିରଥୀ ଭୋଇ ପ୍ରମୁଖ ବିକ୍ଷୋଭରେ ନେତୃତ୍ୱ ନେଇଥିଲେ।

## ସାରସ୍ୱତ ସେବାମଞ୍ଚ ପକ୍ଷରୁ ଶିକ୍ଷକ ସମ୍ବର୍ଦ୍ଧିତ



**ସାଲେପୁର, ନ୍ୟୁଜ୍**

ସାରସ୍ୱତ ସେବାମଞ୍ଚ ମାହାଙ୍ଗା ପକ୍ଷରୁ ରାଜ୍ୟ ସ୍ତରୀୟ ଗୁରୁ ଗୌରବ ସମ୍ମାନ ପ୍ରଦାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ବିଦ୍ୟାଳୟରୁ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଡକ୍ଟର ଭାବଗ୍ରାହୀ ରାଉତଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଡକ୍ଟର ସଂଗ୍ରାମ କେଶରୀ ସାମନ୍ତରାୟ, ଡକ୍ଟର ଅଜିତ କୁମାର ମହାପାତ୍ର, ଡକ୍ଟର ହରପ୍ରିୟା ପାଣିଗ୍ରାହୀ, ଡକ୍ଟର ଅଖିଳେଶ ମହାନ୍ତି, ଡକ୍ଟର ଅନୁପ ମାର୍ଥା, ଯୁବ ସମାଜସେବୀ ରାହୁଲ ପ୍ରତ୍ୟୁଷ ମହାନ୍ତି, ସମାଜସେବୀ ସବଦାର ହାସୀମ, ସାମ୍ବାଦିକ ଉମାଶଙ୍କର ସାହୁ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଥିଲେ। ଗୁରୁଙ୍କ ଆଶୀର୍ବାଦ ଓ ମାର୍ଗଦର୍ଶନ ବିନା ଜାତିର ନୈତିକ ବୌଦ୍ଧିକ ଓ ସାମାଜିକ ଉନ୍ନତି ଆଦୌ ସମ୍ଭବ ନୁହେଁ ବୋଲି ଅତିଥିମାନେ କହିଥିଲେ। ନଳିନୀକାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ନବସୃଜନ ଓ ନୂତନ ଉଦ୍ୟୋଗ ସଚେତନତା ଓ ପ୍ରତିଯୋଗିତା କାର୍ଯ୍ୟକ୍ରମ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**




ଚୌଦ୍ୱାର କଲେଜରେ ଆୟୋଜିତ ଏକ ଦିବସୀୟ ନବସୃଜନ ଓ ନୂତନ ଉଦ୍ୟୋଗ ସଚେତନତା ଓ ପ୍ରତିଯୋଗିତା କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଗୋପବନ୍ଧୁ ସଭାଗୃହରେ ଅଧକ୍ଷା ହରପ୍ରୀୟା ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉଦ୍ୟୋଗପତି ଡ. ପ୍ରଦୀପ କୁମାର ନନ୍ଦ ଓ ଶିକ୍ଷାବିତ୍ ପ୍ରମୋଦ କୁମାର ରାଉତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନବସୃଜନ ଓ ଉଦ୍ୟୋଗୀ ମନୋଭାବର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। 'ନୂଆ ଚିନ୍ତାରୁ ନୂଆ ସୃଷ୍ଟି ଓ ନୂଆ ସୃଷ୍ଟିରୁ ନୂଆ ସମ୍ଭାବନା' ହେଉଛି ଏହି କାର୍ଯ୍ୟକ୍ରମର ମୁଳମନ୍ତ୍ର ବୋଲି ପ୍ରକାଶ କରି ଏକ ଛୋଟ ଚିନ୍ତା ମଧ୍ୟ ଆସନ୍ତାକାଲି ବଡ ଉଦ୍‌ଭାବନ ଓ ଷ୍ଟାର୍ଟଅପ୍‌ର ରୂପ ନେଇଥାଏ ବୋଲି ପିଲା ମାନଙ୍କୁ ବୁଝାଇବା ସହିତ ବିଫଳତାକୁ ଭୟ ନକରି ଲକ୍ଷ ହାସଲ ପାଇଁ ବାରମ୍ବାର ପ୍ରୟାସ କରିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ବାଣିଜ୍ୟ ବିଭାଗର ମୁଖ୍ୟ ପ୍ରଧାପକ ପ୍ରଭାକର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ନୋଡାଲ ଅଫିସର ଲକ୍ଷ୍ମଣ କରଣ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ସୁଚିତ୍ରା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଅନ୍ତର୍ଜାତୀୟ ସାକ୍ଷରତା ଦିବସ ଉପଲକ୍ଷେ ସଚେତନତା ଶିବିର

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ଜିଲ୍ଲା ସ୍ଥିତ ତୁଳସୀପୁର ତଅଁଳା ସାହି ଅଙ୍ଗନୱାଡ଼ି ସେଣ୍ଟର ଠାରେ ୭ ତାରିଖରେ ପ୍ରୋଜେକ୍ଟ ସ୍ୱରାଜ୍ୟ ଏବଂ ଇନରହୁଇଲ୍ କ୍ଲବ ଅଫ୍ କଟକ କୁଇନ୍ସର ମିଳିତ ଆନୁକୂଲ୍ୟରେ ଆୟୋଜିତ ଆନ୍ତର୍ଜାତୀୟ ସାକ୍ଷରତା ଦିବସ ଉପଲକ୍ଷେ ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀଙ୍କ ନିମନ୍ତେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରୋଜେକ୍ଟ ସ୍ୱରାଜ୍ୟର ସମ୍ପାଦିକା ଡଲି ଦାଶ, ଉପସଭାପତି ଶର୍ମିଷ୍ଠା ନାଥ, ଇନରହୁଇଲ୍ କ୍ଲବ ଅଫ୍ କଟକ କୁଇନ୍ସର ଚାଟାର୍ଡ ସମ୍ପାଦିକା ପ୍ରିୟଙ୍କା ଦାସ, ଉପସଭାପତି ମଧୁସ୍ମିତା ବାରିକ, ସମନ୍ୱୟକାରୀ ତପସ୍ୱିନୀ ସ୍ୱାଇଁ, ଅଙ୍ଗନୱାଡ଼ି ସେଣ୍ଟରର କର୍ମୀ ମଞ୍ଜୁଲତା ଦାସ, ଆଶାକର୍ମୀ ମିଲି ନାୟକଙ୍କ ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା। ୫୮ ଜଣ ସ୍କୁଲ ଛାତ୍ରଛାତ୍ରୀ ଓ ଅଭିଭାବକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସକାଳ ୧୧ଟା ସମୟରୁ ଆରମ୍ଭ ହୋଇ ଦିବା ୧୨.୩୦ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଚାଲିଥିଲା। ଏହି କାର୍ଯ୍ୟକ୍ରମରେ ପ୍ରୋଜେକ୍ଟ ସ୍ୱରାଜ୍ୟର କର୍ମକର୍ତ୍ତା ରତିକାନ୍ତ ରଣା, ରୁଦ୍ରାଶିଷ ଦାସ, ନିଉ ଭିଜନ୍ ଫାଉଣ୍ଡେସନ୍ ଅଧକ୍ଷ ବିକ୍ରମକେଶରୀ, ସମ୍ପାଦିକା ନଫିଶା ବେଗମ୍ ସମସ୍ତ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

## ପିଲିଅନ୍ ହେଲ୍‌ମେଟ୍ ଜରିମାନା ବାତିଲ ଦାବି କଲା ମାନବ ଅଧିକାର ସୁରକ୍ଷା ମଞ୍ଚ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସଡ଼କ ସୁରକ୍ଷାକୁ ସମର୍ଥନ କରିବା ସହ ପିଲିଅନ୍ ହେଲ୍‌ମେଟ୍ ନପିନ୍ଧିବା ପାଇଁ IEMS କ୍ୟାମେରା ମାଧ୍ୟମରେ ଆଦାୟ ହେଉଥିବା ୧୦୦୦ ଟଙ୍କା ଜରିମାନା ବାତିଲ ଦାବି କରିଛି ମାନବ ଅଧିକାର ସୁରକ୍ଷା ମଞ୍ଚ। ଏନେଇ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀ, ଓଡ଼ିଶା ଓ ପରିବହନ କମିଶନରଙ୍କ ଉଦ୍ଦେଶ୍ୟରେ ଉପ-ଜିଲ୍ଲାପାଳ, ବ୍ରହ୍ମପୁରଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମଞ୍ଚ ପକ୍ଷରୁ କୁହାଯାଇଛି ଯେ, ହେଲ୍‌ମେଟ୍ ଜୀବନ ସୁରକ୍ଷା ପାଇଁ ଅତ୍ୟନ୍ତ ଆବଶ୍ୟକ ଏବଂ ଏହାର ବ୍ୟବହାରକୁ ସମସ୍ତେ ସମର୍ଥନ କରୁଛନ୍ତି କିନ୍ତୁ ଓଡ଼ିଶାର ଅଧିକାଂଶ ଗରିବ, କୃଷକ, ଦିନମଜୁରିଆ ଓ ଛାତ୍ରଛାତ୍ରୀଙ୍କ ପାଇଁ ୧୦୦୦ ଟଙ୍କା ଜରିମାନା ଅତ୍ୟଧିକ ଆର୍ଥିକ ବୋଝ ସୃଷ୍ଟି କରୁଛି। ରାଜ୍ୟ ସରକାରଙ୍କ ପରିବହନ ମନ୍ତ୍ରଣାଳୟ ପକ୍ଷରୁ ଆଗୁଆ କୌଣସି ସୂଚନା ନଜଣାଇ ଏକ ପାଖିଆ ଭାବେ ଓଡ଼ିଶା ବାସୀଙ୍କ ଉପରେ ଏଭଳି ଜରିମାନା ବୋଝ ଲଦିବା ଆଦୌ ଗ୍ରହଣୀୟ ନୁହଁ ଏବଂ ଏହା ଏକ ଅଗଣତାନ୍ତ୍ରିକ ପଦକ୍ଷେପ ଅଟେ। ପ୍ରକାଶ ଯେ, ଓଡ଼ିଶାର ଭୁବନେଶ୍ୱର, କଟକ ଭଳି ସହରରେ ପିଲିଅନ୍ ଜରିମାନା ଆଦାୟ ଭଳି ସମଗ୍ର ରାଜ୍ୟରେ ଏହା କୌଣସି ପୂର୍ବ ସୂଚନା ନଦେଇ ପ୍ରୟୋଗ କରିବା ତୁରନ୍ତ ବାତିଲ୍ ହେବା ଆବଶ୍ୟକ। ଛାତ୍ର, ଯୁବକ ଯେଉଁମାନଙ୍କ କୌଣସି ନିଯୁକ୍ତି ନାହିଁ, ଚାଷୀ, ମୁଲିଆ, ଦିନ ମଜୁରିଆ ଶ୍ରେଣୀର ଜନଗଣ ଗଭୀର ଭାବେ ଏଥିଦ୍ୱାରା ପ୍ରଭାବିତ ହେବେ। ମଞ୍ଚ ଏକ ଉଦାହରଣ ଦେଇ କହିଛି ଯେ, ଗାଡ଼ି ଚାଳକ ହେଲ୍‌ମେଟ୍ ପିନ୍ଧିଥିଲେ ମଧ୍ୟ ପଛରେ ବସିଥିବା ବ୍ୟକ୍ତି ହେଲ୍‌ମେଟ୍ ନପିନ୍ଧିବା କାରଣରୁ IEMS ଚାଲାଣ ମାଧ୍ୟମରେ ଜରିମାନା ହେଉଛି। ଏଭଳି କ୍ଷେତ୍ରରେ ଜରିମାନା ପୂର୍ବରୁ ଅଧିକ ଜନସଚେତନତା ଆବଶ୍ୟକ ବୋଲି ମଞ୍ଚ ମତ ପ୍ରକାଶ କରିଛି। ମଞ୍ଚ ପକ୍ଷରୁ ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭରେ ସମସ୍ତ ପ୍ରକାର ପରିବହନ ସମ୍ବନ୍ଧୀୟ ନିୟମ ଉଲ୍ଲଂଘନ ପାଇଁ ଜରିମାନା ହ୍ରାସ କରାଯାଇ ସର୍ବନିମ୍ନ ୧୦୦ ଟଙ୍କା ଧାର୍ଯ୍ୟ କରାଯାଉ ଏବଂ ସର୍ବପ୍ରଥମେ ଗାଡ଼ି ମାଲିକଙ୍କୁ ଏଥି ସମ୍ବନ୍ଧରେ ଚେତାବନୀ ଦିଆଯାଉ, ଗ୍ରାମାଞ୍ଚଳ ସମେତ ସମଗ୍ର ରାଜ୍ୟରେ ପରିବହନ ମନ୍ତ୍ରଣାଳୟ ପକ୍ଷରୁ ବ୍ୟାପକ ସଚେତନତା ଅଭିଯାନ କରାଯାଉ, ଭୁଲ୍ ଇ-ଚାଲାଣ ଓ ଫଟୋ ସମ୍ବନ୍ଧୀୟ ଅଭିଯୋଗର ସମାଧାନ ପାଇଁ ଅଭିଯୋଗ ସେଲ୍ ଗଠନ କରାଯାଉ, ଗରିବ ଲୋକଙ୍କ ପାଇଁ ଜରିମାନା ପରିବର୍ତ୍ତେ କାଉନ୍‌ସେଲିଂ ବ୍ୟବସ୍ଥା କରାଯାଉ ଆଦି ଚାରିଗୋଟି ପ୍ରମୁଖ ଦାବି ଉପସ୍ଥାପନ କରାଯାଇଛି। ମାନବ ଅଧିକାର ସୁରକ୍ଷା ମଞ୍ଚ ଆଶା ପ୍ରକାଶ କରିଛି ଯେ, ରାଜ୍ୟ ସରକାର ଜନସାଧାରଣଙ୍କ ଆର୍ଥିକ ସ୍ଥିତି ଓ ସଡ଼କ ସୁରକ୍ଷାର ମୂଳ ଉଦ୍ଦେଶ୍ୟକୁ ଦୃଷ୍ଟିରେ ରଖି ଏହି ନିୟମର ପୁନର୍ବିଚାର କରିବେ। ମଞ୍ଚ ପକ୍ଷରୁ ଆୟୋଜିତ ବିକ୍ଷୋଭରେ ଆବାହକ ଆଇନଜୀବୀ ଅବନୀ ଗୟା, ସଭାପତି ଗଗନ ଚାନ୍ଦ ମଲ୍ଲିକ, ସମାଜସେବୀ ମନୋଜ କୁମାର ତରାଇ, ବରିଷ୍ଠ ସାମ୍ବାଦିକ ଜ୍ୟୋତି ରଞ୍ଜନ ଦାସ, ସଂଗଠକ ଗଗନ ଚନ୍ଦ୍ର ପ୍ରଧାନ, ସୁରେନ୍ଦ୍ର ନାଥ ପଣ୍ଡା, ଯୁବ ନେତା କାହ୍ନୁଚରଣ ପାତ୍ର, ଆର୍. ସତ୍ୟନାରାୟଣ ରାଓ, ବିଜୟ କୁମାର ପାଢ଼ୀ, ଗୁଣନିଧି ବେହେରା, ମହେଶ୍ୱର ବାଡତ୍ୟା, ଶିକ୍ଷକ ସଙ୍ଗଠନ ନେତା ଶ୍ୟାମ ସୁନ୍ଦର ଖାଡଙ୍ଗା, ଅଶୋକ କୁମାର ଦଳାଇ, ଆପ୍‌ର ନେତା ଆଦିତ୍ୟ ନାରାୟଣ ରଥ, ସାମ୍ବାଦିକ ଜୟରାମ ମହାରଣା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।




## ୫୦ ବର୍ଷର ମାଳି ସାହି ଦୁର୍ଗାପୂଜା ପାଇଁ ଶୁଭ ଖୁଣ୍ଟି ସ୍ଥାପିତ



**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ପାର୍ବଣର ଆଗମନୀରେ ଚଳଚଞ୍ଚଳ ବୌଦ୍ଧ ସହର। ଜଗତଜନନୀ ମା' ଦୁର୍ଗାଙ୍କ ଆଗମନକୁ ନେଇ ଚାରିଆଡେ ଏବେ ଉତ୍ସବର ମାହୋଲ। ଏହି ପରିବେଶ ମଧ୍ୟରେ ବୌଦ୍ଧ ସହରର ମାଳିସାହି ସ୍ଥିତ ଦୁର୍ଗା ମଣ୍ଡପରେ ଆରମ୍ଭ ହୋଇଛି ଷୋଡ଼ଶ ପୂଜା ପାଇଁ ପ୍ରସ୍ତୁତି। ଶୁକ୍ରବାର ସନ୍ଧ୍ୟାରେ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା କରି ଶୁଭ ଖୁଣ୍ଟି ସ୍ଥାପନ କରାଯାଇଥିଲା। ପୂଜାରେ କର୍ତ୍ତା ଭାବେ ସୂର୍ଯ୍ୟ ଶତପଥୀ ଏବଂ ମୁଖ୍ୟ ପୂଜକ ଭାବେ ନିରଞ୍ଜନ ପାଢୀ ପୂଜାବିଧି ଦାୟିତ୍ୱ ତୁଲାଇଥିଲେ। ଚଳିତ ବର୍ଷ ୫୦ ବର୍ଷ ପୂର୍ତ୍ତି ଅବସରରେ ଷୋଡ଼ଶ ଦିନାତ୍ମକ ପୂଜାବିଧିକୁ ନେଇ ଭକ୍ତମାନଙ୍କ ମଧ୍ୟରେ ଉତ୍ସାହ ବଢ଼ିଛି। ସ୍ଥାନୀୟ ରାମନାଥ ଯୁବ ସଂସଦ ଆନୁକୂଲ୍ୟରେ ଦୀର୍ଘବର୍ଷ ଧରି ଆୟୋଜିତ ହୋଇଆସୁଥିବା ଏହି ପୂଜା ନିଜସ୍ୱ ପରମ୍ପରା ଓ ପୂଜାବିଧି ପାଇଁ ବୌଦ୍ଧ ସହରରେ ସ୍ୱତନ୍ତ୍ର ପରିଚୟ ବଜାୟ ରଖିଛି। ଚଳିତବର୍ଷ ପୂଜାର ୫୦ ବର୍ଷ ପୂର୍ତ୍ତି ଅବସରରେ ମଣ୍ଡପରେ ଆକର୍ଷଣୀୟ ରଙ୍ଗୀନ ଆଲୋକ ସାଜସଜ୍ଜା, ସ୍ୱତନ୍ତ୍ର ମେଢ଼ ଏବଂ ମା'ଙ୍କ ପାଇଁ ରୁପା ମୁକୁଟ ବ୍ୟବସ୍ଥା କରାଯାଇଛି। ପୂଜା କମିଟିର ସଭାପତି ଶ୍ୟାମ ସୁନ୍ଦର ବାରିକ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ପବିତ୍ର ମୂଳାଅଷ୍ଟମୀ ଅର୍ଥାତ୍ ଅକ୍ଟୋବର ୩ ତାରିଖ ଠାରୁ ପୂଜା ଆରମ୍ଭ ହେବ। ନିକଟସ୍ଥ ରାମେଶ୍ୱର ମନ୍ଦିର ପରିସରରେ ଥିବା ମା'ଙ୍କ ପିତ୍ତଳ ପ୍ରତିମାକୁ ବିଲ୍ୱବରଣ କରାଯାଇ ପୂଜାମଣ୍ଡପକୁ ଅଣାଯିବ। ମଣ୍ଡପରେ ମାଟିରେ ନିର୍ମିତ ଦୁର୍ଗା ପ୍ରତିମାରେ ରୀତିନୀତି ଅନୁଯାୟୀ ପୂଜାବିଧି ସମ୍ପନ୍ନ ହେବ। ମାଳିସାହି ଦୁର୍ଗାପୂଜାର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ମା'ଙ୍କ ନଗର ପରିଭ୍ରମଣ। ପୂଜା ଆରମ୍ଭ ଦିନ ଠାରୁ ନବମୀ ପର୍ଯ୍ୟନ୍ତ ପ୍ରତ୍ୟେକ ରାତି ପ୍ରଥମ ପ୍ରହରରେ ମା'ଙ୍କ ପିତ୍ତଳ ପ୍ରତିମାକୁ ସ୍ୱତନ୍ତ୍ର ବିମାନରେ ବିଶାଳ ପଟୁଆରରେ ନଗର ପରିକ୍ରମା କରାଯାଏ। ପ୍ରତ୍ୟେକ ରାତିରେ ସହରର ଏକ ନିର୍ଦ୍ଦିଷ୍ଟ ସାହି ବା ଅଞ୍ଚଳକୁ ମା' ପରିଭ୍ରମଣରେ ବାହାରନ୍ତି। ଘଣ୍ଟ, ଶଙ୍ଖ, ଢୋଲ ଓ ମହୁରୀର ତାଳେ ତାଳେ ଛତ୍ର, ବୈରେଖ ଓ ପାରମ୍ପରିକ ଅସ୍ତ୍ରଶସ୍ତ୍ର ସହ ଭବ୍ୟ ଶୋଭାଯାତ୍ରା ବାହାରିଥାଏ। ମା'ଙ୍କ ଆଗମନକୁ ଅପେକ୍ଷା କରି ପ୍ରତ୍ୟେକ ଘର ସମ୍ମୁଖରେ ପୂର୍ଣ୍ଣକଳସ ସ୍ଥାପନ କରାଯାଇ ଦୀପ, ଧୂପ ଓ ନୈବେଦ୍ୟ ଅର୍ପଣ ସହ ପୂଜାର୍ଚ୍ଚନା କରାଯାଏ। ଏହି ପରମ୍ପରା ମାଧ୍ୟମରେ ବୌଦ୍ଧ ସହରର ବିଭିନ୍ନ ଅଞ୍ଚଳକୁ ମା'ଙ୍କ ଆଗମନ ହୋଇଥାଏ। ମା'ଙ୍କ ଏହି ନଗର ପରିଭ୍ରମଣ ଦେଖିବା ପାଇଁ ପ୍ରତିବର୍ଷ ଭକ୍ତଙ୍କ ଭିଡ଼ ଜମିଥାଏ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ମଧ୍ୟପ୍ରାଚ୍ୟର ଉତ୍ତେଜନା ବଢ଼ିଲେ ବୃଦ୍ଧି ପାଇବ ତେଲ ଦର

ମଧ୍ୟପ୍ରାଚ୍ୟରେ ବଢୁ ଥିବା ଉତ୍ତେଜନା ଏବଂ 'ଷ୍ଟ୍ରେଟ୍ ଅଫ୍ ହୋର୍ମୁଜ' ମଧ୍ୟ ଦେଇ ଜାହାଜ ଚଳାଚଳ ପାଇଁ ସୃଷ୍ଟି ହୋଇଥିବା ସମସ୍ୟା, ବିଶ୍ୱ ତେଲ ବଜାରର ମୁଣ୍ଡବ୍ୟଥାକୁ ବଢ଼ାଇ ଦେଇଛି । ଆମେରିକୀୟ ନିବେଶ ବ୍ୟାଙ୍କ ଗୋଲ୍ଡମ୍ୟାନ୍ ସାକ୍ସ (Goldman Sachs) ଚେତାବନୀ ଦେଇଛି ଯେ, ଯଦି ମଧ୍ୟପ୍ରାଚ୍ୟରେ ଜାହାଜ ଗୁଡ଼ିକ ଉପରେ ଆକ୍ରମଣ ଏବଂ ସିପିଂ ସମସ୍ୟା ଜାରି ରହେ, ତେବେ ବ୍ରେଣ୍ଟ କ୍ରୁଡ୍ ଅଏଲ୍ ମୂଲ୍ୟ ବ୍ୟାରେଲ ପିଛା ୧୨୦ ଡଲାରରେ ପହଞ୍ଚି ପାରେ । ବ୍ୟାଙ୍କର ଗ୍ଲୋବାଲ କମୋଡିଟିଜ୍ ରିସର୍ଚ୍ଚର ସହ-ମୁଖ୍ୟ ଡ୍ୟାନ୍ ଷ୍ଟ୍ରୁଭେନଙ୍କ ଅନୁସାରେ, ସାମ୍ପ୍ରତିକ ଘଟଣାବଳୀ ଯୋଗୁଁ ଯୋଗାଣ ବାଧାପ୍ରାପ୍ତ ହେବାର ଆଶଙ୍କା ଦୀର୍ଘସ୍ଥାୟୀ ହୋଇ ପାରେ, ଯାହା କ୍ରୁଡ୍ ଅଏଲ୍ ମୂଲ୍ୟକୁ ଆହୁରି ଉପରକୁ ନେଇ ଯିବ । ଆମେରିକା ଇରାନର ତିନୋଟି ଅଏଲ ଟ୍ୟାଙ୍କର ଉପରେ ଆକ୍ରମଣ କରିବା କଥା କହିବା ପରେ ଉତ୍ତେଜନା ଆହୁରି ବୃଦ୍ଧି ପାଇଛି । ଏହା ପୂର୍ବରୁ ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କୋର୍ ଦୁଇଟି ଆମେରିକୀୟ ଯୁଦ୍ଧ ଜାହାଜ ଉପରେ ବାଲିଷ୍ଟିକ୍ ମିସାଇଲ୍ ଆକ୍ରମଣ କରିଥିଲା । ଏହାପରେ ଇରାନ ସଂସଦର ସ୍ପିକର ଚେତାବନୀ ଦେଇଛନ୍ତି ଯେ, ଇରାନର ପରବର୍ତ୍ତୀ ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ପୂର୍ବ ଅପେକ୍ଷା ଅଧିକ ତୀବ୍ର ଓ ଭୟଙ୍କର ହେବ । ଆଗାମୀ ଦିନରେ ଏକ ନୂଆ 'ଏକ୍ସକ୍ଲୁଜନ୍ ଜୋନ୍' ଘୋଷଣା କରିବାକୁ ଇରାନ ଯୋଜନା କରୁଛି , ଯାହା ଆମେରିକୀୟ ନୌସେନା ନାକାବନ୍ଦୀ ଲାଇନରୁ 'ଷ୍ଟ୍ରେଟ୍ ଅଫ୍ ହୋର୍ମୁଜ' ଦେଇ ପାର୍ସିଆନ୍ ଗଲ୍ଫ ପର୍ଯ୍ୟନ୍ତ ବ୍ୟାପି ପାରେ । ଏହା ଦ୍ୱାରା ଏହି ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ମାର୍ଗରେ ଜାହାଜ ଚଳାଚଳ ଏବଂ ବିଶ୍ୱ ତେଲ ଯୋଗାଣକୁ ନେଇ ଅନିଶ୍ଚିତତା ବଢ଼ି ଯାଇଛି । ମଙ୍ଗଳବାର ମଧ୍ୟ ତେଲ ଦରରେ ବୃଦ୍ଧି ଜାରି ରହି ଥିଲା । ବ୍ରେଣ୍ଟ କ୍ରୁଡ୍ ଫ୍ୟୁଚର ପ୍ରାୟ ୧.୨୫ ପ୍ରତିଶତ ବୃଦ୍ଧି ପାଇ ବ୍ୟାରେଲ ପିଛା ୯୮.୩୦ ଡଲାରରେ ପହଞ୍ଚିଥିବା ବେଳେ ଆମେରିକୀୟ WTI କ୍ରୁଡ୍ ୨.୩୦ ପ୍ରତିଶତ ବୃଦ୍ଧି ପାଇ ୯୩.୬୩ ଡଲାରରେ ପହଞ୍ଚିଛି । 'ଷ୍ଟ୍ରେଟ୍ ଅଫ୍ ହୋର୍ମୁଜ' ବିଶ୍ୱ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତେଲ ପରିବହନ ମାର୍ଗ ହୋଇ ଥିବାରୁ, ଏଠାରେ ଦୀର୍ଘସୂତ୍ରୀ ବାଧା କେବଳ ଅଶୋଧିତ ତେଲ ମୂଲ୍ୟରେ ସୀମିତ ରହିବ ନାହିଁ , ପେଟ୍ରୋଲ, ଡିଜେଲ, ବିମାନ ଇନ୍ଧନ ଏବଂ ଅନ୍ୟାନ୍ୟ ଶକ୍ତି ଖର୍ଚ୍ଚକୁ ମଧ୍ୟ ପ୍ରଭାବିତ କରିବ । ଅନ୍ୟ ବିଶେଷଜ୍ଞମାନେ ମଧ୍ୟ ତେଲ ଦର ଆହୁରି ବଢ଼ିବା ନେଇ ଆଶଙ୍କା ପ୍ରକାଶ କରିଛନ୍ତି । ଜେପି ମୋର୍ଗାନର ଅନୁମାନ ଯେ, ସିପିଂରେ ବ୍ୟବଧାନ ଯେତେ ଦୀର୍ଘ ଦିନ ଧରି ଚାଲିବ , ପ୍ରତି ଅତିରିକ୍ତ ମାସ ପାଇଁ ବ୍ରେଣ୍ଟ କ୍ରୁଡ୍ ମୂଲ୍ୟରେ ୭-୮ ଡଲାର ବୃଦ୍ଧି ପାଇପାରେ । ଯଦି ଏହି ସଙ୍କଟ ତିନି ମାସ ଚାଲିଲେ ହାରାହାରି ମାସିକ ମୂଲ୍ୟ ୧୧୪ ଡଲାର ଛୁଇଁ ପାରେ । ANZ ମଧ୍ୟ ନିଜର ସ୍ୱଳ୍ପମିଆଦୀ ବ୍ରେଣ୍ଟ ଆକଳନକୁ ୯୫ ଡଲାରକୁ ବୃଦ୍ଧି କରିଛି । ଭାରତ ଭଳି ବୃହତ୍ ତେଲ ଆମଦାନୀକାରୀ ଦେଶ ପାଇଁ ଏହି ସ୍ଥିତି ଚିନ୍ତାଜନକ ହେବ । ତେଲ ଦର ଅଧିକ ରହିଲେ ଆମଦାନୀ ବିଲ୍ ବୃଦ୍ଧି ପାଇବା ସହ ପେଟ୍ରୋଲ-ଡିଜେଲ ଏବଂ ପରିବହନ ଖର୍ଚ୍ଚ ବଢ଼ିବ ।



## ନିଶାପ
### (ନିରପେକ୍ଷ ଶାସନ ପଦ୍ଧତି)
### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ
### ଚିନ୍ତା ଚିତା

ଶ୍ରଦ୍ଧେୟ ଭକ୍ତବୃନ୍ଦ କଥାରେ ଅଛି "ଚିନ୍ତା ଖାଏ ଗଣ୍ଡି, ଲୁଣ ଖାଏ ହାଣ୍ଡି" ତେଣୁ ହେ ଭକ୍ତ ଏହି ଚିତା ଜିବକୁ ଏକା ଥରକେ ପୋଡି ଜାଳି ପାଉଁଶ କରି ଦେଇଥାଏ । ସକଳ ଚିନ୍ତାକୁ ସେ ଏକାଥରକେ ଭସ୍ମୀଭୂତ କରିଦେଇଥାଏ । କିନ୍ତୁ ଏହି ଚିନ୍ତା ମାନବକୁ ପ୍ରତି ମୂହୁର୍ତ୍ତରେ ମୃହୁ ମୃହୁ କରି ପୋଡି ଚାଲିଥାଏ । ନ ମରିକି ବି ସେ ପ୍ରତି ମୂହୁର୍ତ୍ତରେ ମରୁଥାଏ। ଏବଂ ପୋଡୁଥାଏ । ଏହା ହେଉଛି ଜୀବ ଜଗତରେ ସ୍ୱଭାବିକ ଗତି କିନ୍ତୁ ଭକ୍ତ ଏଇ ଦୁଇଟିର ଉର୍ଦ୍ଧରେ ଥାଏ । ସେ ଦୁଇଟି ହେଲା (ଚିନ୍ତା ଓ ଚିତା)ସେତ ଅଚିନ୍ତାକୁ ଧ୍ୟାନ ରଖିଥାଏ। ତାକୁ ଏ ଚିନ୍ତା ଚିତାରୁ କଣ ମିଳିବ । ତେଣୁ ହେ ଭକ୍ତ ହେ ଶିଷ୍ୟ ଥରେ ସେ ଅଚିନ୍ତ୍ୟ ପଦ୍ମପାଦରେ ଶରଣ ନେଇ ସାରିଲା ପରେ ସେହି ଅଭୟ ପଦ୍ମ ପାଦକୁ ଜାବୁଡି ଧରି ପଛକୁ ଅନାଇଲେ ଭୟଙ୍କର ପଶ୍ଚାତପତ ହେବାକୁ ପଡିବ । ଭୟ ପୁଣି ତୁମକୁ ବାରମ୍ବାର ଭୟଭୀତ କରାଇବ । ତେଣୁ ବାଳକେ ମୋର ବୋଲ କର ବେଳହୁଁ ଗୋବିନ୍ଦ ସୁମର, ତେଣୁ ଏ ସଂସାରରେ ମୋହମାୟାର ଜାଲରେ ଛନ୍ଦି ନ ହୋଇ ପରମପିତା ପଂରବ୍ରହ୍ମ ଶରଣରେ ରୁହ, ନିଷ୍ଠାର ସହିତ ପ୍ରଭୁଙ୍କ କାର୍ଯ୍ୟ କର । ପ୍ରତିଭା କୁ ଜାଗ୍ରତ କର କିନ୍ତୁ ପ୍ରତିଷ୍ଠାକୁ ନୁହେଁ। କାରଣ ପ୍ରତିଷ୍ଠା ହେଉଛି ଶୁକରୀ ବିଷ୍ଠା ସଦୃଶ । ତେଣୁ ହେ ଭକ୍ତ ଚିନ୍ତା ଓ ଚିତାକୁ ଛାଡି ଚୈତନ୍ୟକୁ ଜାଗ୍ରତ କରି ଚିନ୍ତା ଓ ଚିତା ଗଣ୍ଡିରୁ ବାହାରି ଆସି ମୃତ୍ୟୁ ମା ଅମୃତ ଗମୟଃ ରାସ୍ତାରେ ମାଡିଚାଲ ତମେସୌ ମା ଜ୍ୟୋର୍ତିର୍ଗମୟ ଆଲୋକରେ ଉଦ୍‌ଭାସିତ ହୋଇ ସମଗ୍ର ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବା ହେଉଛି ଭକ୍ତର କର୍ତ୍ତବ୍ୟ, ନଚେତ୍ ଭ୍ରମରେ ପଡି ଉବୁଟୁବୁ ହେଉଥିବ ।

# ଜିଡିପି ଅଭିବୃଦ୍ଧି ହାର ୭.୮% ର ସତ୍ୟତା



ଅସିତ ମହାନ୍ତି
ଆବାହକ, ଓଡ଼ିଆ ଭାଷା ସୁରକ୍ଷା ଅଭିଯାନ
ସୁଜନପୁର, ଯାଜପୁର
ମୋ-୯୪୩୭୨୮୮୦୨୮

ଭାରତ ସରକାର ସମ୍ପ୍ରତି ଦାବି କରିଛନ୍ତି ଯେ ଦେଶର GDP ଅଭିବୃଦ୍ଧି ହାର ୭.୮% ଥିଲା, କିନ୍ତୁ ଅନେକ ଅର୍ଥନୀତିଜ୍ଞ ଏବଂ ପୂର୍ବତନ ଅର୍ଥ ସଚିବ ସୁଭାଷ ଚନ୍ଦ୍ର ଗର୍ଗ ଏହାକୁ ଭ୍ରାମକ ବୋଲି କହିଛନ୍ତି । ସରକାରୀ ତଥ୍ୟ ସୂଚାଇଥାଏ ଯେ ୨୦୨୫-୨୬ ରେ ଭାରତର ପ୍ରକୃତ GDP ଅଭିବୃଦ୍ଧି ହାର ପ୍ରାୟ ୭.୪-୭.୬% ଥିଲା, ଯେତେବେଳେ କିଛି ସମାଲୋଚକ କହିଛନ୍ତି ଯେ ଶେଷ ତ୍ରୈମାସିକରେ ଏହି ହାର ପ୍ରାୟ ୨.୬%ଥିଲା । ଏହାର ଅର୍ଥ ହେଉଛି ସରକାର ସମଗ୍ର ଆର୍ଥିକ ବର୍ଷର ସଂଖ୍ୟାକୁ ତ୍ରୈମାସିକ ଅଭିବୃଦ୍ଧି ଭାବରେ ଉପସ୍ଥାପନ କରିଛନ୍ତି, ଯାହା ଦ୍ୱନ୍ଦ୍ୱ ସୃଷ୍ଟି କରିଛି । GDP କ'ଣ ଏବଂ ଏହାକୁ କିପରି ଗଣନା କରାଯାଏ ? GDP, କିମ୍ବା ମୋଟ ଘରୋଇ ଉତ୍ପାଦ, ଏକ ନିର୍ଦ୍ଦିଷ୍ଟ ଅବଧିରେ ଏକ ଦେଶରେ ଉତ୍ପାଦିତ ସମସ୍ତ ଚୂଡ଼ାନ୍ତ ସାମଗ୍ରୀ ଏବଂ ସେବାର ଆର୍ଥିକ ମୂଲ୍ୟ । ଏହାକୁ ତିନୋଟି ପ୍ରମୁଖ ଉପାୟରେ ମାପ କରାଯାଏ: ଉତ୍ପାଦନ ପଦ୍ଧତି: ବିଭିନ୍ନ କ୍ଷେତ୍ର (କୃଷି, ଶିଳ୍ପ, ସେବା) ରେ ଯୋଡ଼ା ମୂଲ୍ୟର ସମଷ୍ଟି; ଖର୍ଚ୍ଚ ପଦ୍ଧତି: ବ୍ୟବହାର, ନିବେଶ, ସରକାରୀ ଖର୍ଚ୍ଚ ଏବଂ ନିଟ୍ ରପ୍ତାନିର ସମଷ୍ଟି; ଏବଂ ଆୟ ପଦ୍ଧତି: ମଜୁରୀ, ଲାଭ, ଭଡା ଏବଂ ସୁଧର ସମଷ୍ଟି । ଭାରତରେ, କୃଷି ଉତ୍ପାଦନ, ଶିଳ୍ପ ଉତ୍ପାଦନ, ସେବା କ୍ଷେତ୍ର ତଥ୍ୟ, ଟିକସ ସଂଗ୍ରହ ଏବଂ ରପ୍ତାନି-ଆମଦାନୀ ତଥ୍ୟ ପରି ସୂଚକ ବ୍ୟବହାର କରି ପରିସଂଖ୍ୟାନ ମନ୍ତ୍ରଣାଳୟ ଦ୍ୱାରା GDP ଆକଳନ କରାଯାଏ । ତ୍ରୈମାସିକ GDP ଆକଳନ ପୂର୍ବ ବର୍ଷର ତଥ୍ୟ ଉପରେ ଆଧାରିତ ଏବଂ ଏହାକୁ ଆଗକୁ ଆକଳନ କୁହାଯାଏ । ପ୍ରଖ୍ୟାତ ସାମ୍ବାଦିକ ଉର୍ମିଳେଶ କୁହନ୍ତି, ଆମେ ଅର୍ଥନୀତିଜ୍ଞ ନୁହଁନ୍ତି ଯେଉଁମାନେ ଭାରତର GDP ଅଭିବୃଦ୍ଧି ହାର ୭.୮%, ୨.୬ %, କିମ୍ବା ୩% କି ନାହିଁ ତାହା ପୁଙ୍ଖାନୁପୁଙ୍ଖ ଗବେଷଣା ସହିତ ସମସ୍ତଙ୍କୁ ବୁଝାଇ ପାରିବା ! ତଥାପି, ବିଶ୍ୱର ପ୍ରମୁଖ ଅର୍ଥନୀତିଜ୍ଞମାନେ ମଧ୍ୟ ଭାରତର ବର୍ତ୍ତମାନର GDP ଅଭିବୃଦ୍ଧି ହାର ୭.୮ % ବୋଲି ସରକାରଙ୍କ ଦାବିରେ ଆଶ୍ଚର୍ଯ୍ୟ ହୋଇଛନ୍ତି । ଦେଶୀ ଏବଂ ବିଦେଶୀ ଉଭୟ ପ୍ରମୁଖ ଭାରତୀୟ ଅର୍ଥନୀତିଜ୍ଞ ଏହାକୁ ଅବିଶ୍ୱସନୀୟ ବୋଲି ଘୋଷଣା କରିଛନ୍ତି । ସତ୍ୟକୁ ପ୍ରକାଶ କରିବା ପାଇଁ, ଭାରତର ପୂର୍ବତନ ଅର୍ଥ ସଚିବ ସୁଭାଷ ଚନ୍ଦ୍ର ଗର୍ଗ ଏବଂ ପୂର୍ବତନ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ରଘୁରାମ ରାଜନଙ୍କ ପରି ପ୍ରମୁଖ ବିଦ୍ୱାନମାନେ ସରକାରଙ୍କ ଦାବିକୁ ବାସ୍ତବତାଠାରୁ ବହୁ ଦୂରରେ ବୋଲି କହୁଛନ୍ତି । ଏହା ପ୍ରଶ୍ନ ଉଠାଏ: ଏପରି ତଥ୍ୟ ହେରଫେର ଦ୍ୱାରା ଆମ ସରକାର କ'ଣ ହାସଲ କରିବ ? ଯଦି ଅଭିବୃଦ୍ଧି ହାର ଏତେ ଉଚ୍ଚ, ତେବେ କାହିଁକି ଭଲ ଚାକିରି ସୃଷ୍ଟି ହେଉନାହିଁ ? କାହିଁକି ପୁଞ୍ଜି ନିବେଶ ଗୁଣାତ୍ମକ ଭାବରେ ବୃଦ୍ଧି ପାଉନାହିଁ, ଏବଂ ବିଶେଷକରି FDI ଏତେ ଖରାପ କାହିଁକି ? ସରକାରଙ୍କ ପ୍ରିୟ କର୍ପୋରେଟ୍ ହାଉସ୍ ମଧ୍ୟରୁ ଅନେକ ଭାରତରେ କମ୍ ଏବଂ ବିଦେଶରେ ଅଧିକ ନିବେଶ କରିବାକୁ ଆଗ୍ରହୀ ମନେହୁଏ, କିମ୍ବା ସେମାନଙ୍କର ପୁଞ୍ଜି ଉପରେ ବସିଛନ୍ତି ! ବଜାରରେ ଏତେ ନିରାଶାବାଦ କାହିଁକି ? ସରକାର ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଦେବା ଉଚିତ !

ପ୍ରଖ୍ୟାତ ଅର୍ଥନୀତିଜ୍ଞ ଏବଂ ଅବସରପ୍ରାପ୍ତ JNU ପ୍ରଫେସର ଅରୁଣ କୁମାର କୁହନ୍ତି, ଯଦି GDP - ୭.୮ %, ତେବେ ପ୍ରଧାନମନ୍ତ୍ରୀ କାହିଁକି କହୁଛନ୍ତି ସୁନା କିଣନ୍ତୁ ନାହିଁ, ବିଦେଶ ଯାତ୍ରା କରନ୍ତୁ ନାହିଁ ଏବଂ ବିଦେଶରେ ବିବାହ କରନ୍ତୁ ନାହିଁ' ପ୍ରକୃତରେ, ସେ ମାର୍ଚ୍ଚ ମାସରେ ସମାନ କଥା କହିଥିଲେ, ଯେତେବେଳେ ଅର୍ଥନୀତି ଖରାପ ଅବସ୍ଥାରେ ଥିଲା । ଏହା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ସଙ୍କଟ ଏବେ ବି ଜାରି ରହିଛି । ଯଦି ଅଭିବୃଦ୍ଧି ହାର ଭଲ ହୋଇଥାନ୍ତା, ତେବେ ଏହି ସଂଖ୍ୟା ଉଲ୍ଲେଖ କରିବାର ଆବଶ୍ୟକତା ମଧ୍ୟ ନଥାନ୍ତା । କିନ୍ତୁ ପ୍ରଧାନମନ୍ତ୍ରୀ ବିଦେଶୀ ମୁଦ୍ରା ସଂରକ୍ଷଣ କରିବାକୁ କହୁଛନ୍ତି ଏବଂ ସ୍ୱର ପାଇଁ ସ୍ଥାନୀୟ ବିଷୟରେ କହୁଛନ୍ତି । ଏହାର ଅର୍ଥ ହେଉଛି ସରକାର ଭଲ ଭାବରେ ଜାଣନ୍ତି ଯେ ଅଭିବୃଦ୍ଧି ଭଲ ନୁହେଁ । ଯୁଦ୍ଧ ମାର୍ଚ୍ଚ, ଫେବୃଆରୀ ୨୮ରେ ଆରମ୍ଭ ହୋଇଥିଲା । ମାର୍ଚ୍ଚ, ଏପ୍ରିଲ ଏବଂ ମେ ମାସରେ ପରିସ୍ଥିତି ଭୟଙ୍କର ଥିଲା । ବାହାରୁ ଶକ୍ତି ଆସୁନଥିଲା, ଆଲୁମିନିୟମର ମୂଲ୍ୟ ବୃଦ୍ଧି ପାଉଥିଲା, ସାର ଯୋଗାଣ କମ୍ ହେଉଥିଲା, ଏବଂ ଗ୍ୟାସ୍ ଅଭାବ ଥିଲା, ଯାହା ଫଳରେ ଲୋକମାନେ ବ୍ଲକ ମାର୍କେଟିଂ ମାଧ୍ୟମରେ ଏହାକୁ କିଣିବାକୁ ବାଧ୍ୟ ହେଉଥିଲେ । ୧,୨୦୦ଟଙ୍କା ମୂଲ୍ୟର ଏକ ସିଲିଣ୍ଡର ୪,୦୦୦ଟଙ୍କାରେ କିଣାଯାଉଥିଲା । ୧୦୦ଟଙ୍କା ମୂଲ୍ୟର ଛୋଟ ସିଲିଣ୍ଡର ୫୦୦ ଟଙ୍କାରେ ବିକ୍ରି ହେଉଥିଲା । ତେଣୁ, ୧୦ ରୁ ୧୨,୦୦୦ ଟଙ୍କା ରୋଜଗାର କରୁଥିବା ଯେକୌଣସି ବ୍ୟକ୍ତି କୌଣସି ପଇସା ପାଉନଥିଲେ । ସେମାନେ ରୋଷେଇ କରିପାରୁ ନଥିଲେ । ଅନେକ ହୋଟେଲ ଏବଂ ରେଷ୍ଟୁରାଣ୍ଟ ବନ୍ଦ ହୋଇଗଲା । ହୋଟେଲ ଖାଦ୍ୟ ମହଙ୍ଗା ହୋଇଗଲା, ଏବଂ ଚା, ଯାହାର ମୂଲ୍ୟ ୧୦ ଟଙ୍କା ଥିଲା, ତାହା ୨୦ ଟଙ୍କା ହୋଇଗଲା । ତେଣୁ, ଆମେ ଏହି ବର୍ଷର ଏପ୍ରିଲ ଏବଂ ମେ ବିଷୟରେ କହୁଛୁ । ଏପ୍ରିଲ ଏବଂ ମେ ମାସରେ ପରିସ୍ଥିତି ପୂର୍ବରୁ ଭୟଙ୍କର ଥିଲା । ତେଣୁ, ତଥ୍ୟ କିପରି ସଂକଳନ କରାଯାଇଥିଲା ? ହିସାବ କିପରି କରାଯାଇଥିଲା ? ପଦ୍ଧତି କ'ଣ ଥିଲା ? ଯଦି କିଛି ଭଲ ଥିଲା, ତେବେ ତାହା ଭଲ ହେବ । ପ୍ରକୃତରେ, ଏହି ପ୍ରକ୍ଷେପଣ ଭୁଲ । ଆପଣଙ୍କର ଗଣନା ଅସଂଗଠିତ କ୍ଷେତ୍ର ପାଇଁ ପ୍ରଯୁଜ୍ୟ ନୁହେଁ, ବରଂ କେବଳ ସଂଗଠିତ କ୍ଷେତ୍ର ପାଇଁ ପ୍ରଯୁଜ୍ୟ । ତଥ୍ୟ ପ୍ରକ୍ଷେପଣ କରାଯାଉଥିବା ୩୩ ଟି ଭେରିଏବଲ୍ ମୁଖ୍ୟତଃ ସଂଗଠିତ କ୍ଷେତ୍ରରୁ ପ୍ରଯୁଜ୍ୟ । ଏହା ଦୁଇଟି କଥା ସ୍ପଷ୍ଟ କରେ: ପ୍ରଥମତଃ, ସରକାରଙ୍କ ପାଖରେ ଏହି ତ୍ରୈମାସିକର ତଥ୍ୟ ନାହିଁ, ଅର୍ଥାତ୍ ଏହା ଦର୍ଶାଯାଇ ନାହିଁ । ଦେଖାଯାଇଥିବା ତଥ୍ୟ ଗତ ବର୍ଷର, ଯାହା ଏହି ବର୍ଷ ଆକଳନ କରାଯାଇଛି । ଗତ ବର୍ଷ ଠିକ୍ ଥିଲା, କିନ୍ତୁ ଏହି ବର୍ଷ ଏକ ସମସ୍ୟା ଅଛି । ତେଣୁ, ଏହି ସମସ୍ୟାକୁ ଦମନ କରିବା ପାଇଁ ଏହି ପ୍ରକଳ୍ପ କରାଯାଇଛି । ତେଣୁ, ୭.୮ % ତଥ୍ୟ କେବଳ ଗତ ବର୍ଷର ଆକଳନ ତଥ୍ୟ, ଏହି ତ୍ରୈମାସିକର ତଥ୍ୟ ନୁହେଁ । ସରକାରୀ ଦାବି ଏବଂ ବିବାଦ - ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଭାରତର GDP ଅଭିବୃଦ୍ଧି ହାର ୭.୮ % ଏବଂ ଦେଶ ସମୃଦ୍ଧ । ଏହି ସଂଖ୍ୟା ପ୍ରକୃତରେ ୨୦୨୫-୨୬ ର ତୃତୀୟ ତ୍ରୈମାସିକ (ଅକ୍ଟୋବର-ଡିସେମ୍ବର) କୁ ବୁଝାଏ, ଯେଉଁଥିରେ GDP ଅଭିବୃଦ୍ଧି ୭.୮ % ରେକର୍ଡ କରାଯାଇଥିଲା । ତଥାପି, ସମାଲୋଚକମାନେ ଯୁକ୍ତି ଦିଅନ୍ତି ଯେ ଏହି ସଂଖ୍ୟା ସମଗ୍ର ବର୍ଷ ନୁହେଁ, ଏକ ତ୍ରୈମାସିକକୁ ପ୍ରତିନିଧିତ୍ୱ କରେ । ପୂର୍ବତନ ଅର୍ଥ ସଚିବ ସୁଭାଷ ଚନ୍ଦ୍ର ଗର୍ଗ କହିଛନ୍ତି ଯେ ପ୍ରକୃତ ଅଭିବୃଦ୍ଧି ହାର କେବଳ ୨.୬ %, କାରଣ ଚଳିତ ତ୍ରୈମାସିକରେ ବ୍ୟବହାର ଏବଂ ନିବେଶ ହ୍ରାସ ପାଇଛି ।

ସରକାରୀ ତଥ୍ୟ କ'ଣ କହୁଛି - ଭାରତ ସରକାରଙ୍କ ଅର୍ଥନୈତିକ ସର୍ଭେ ୨୦୨୫-୨୬ ଅନୁଯାୟୀ, ସମଗ୍ର ଆର୍ଥିକ ବର୍ଷ ପାଇଁ GDP ଅଭିବୃଦ୍ଧି ୭.୪-୭.୬% ଥିଲା । କୃଷି ୩.୧%, ଶିଳ୍ପ ୮.୪% ଏବଂ ସେବା କ୍ଷେତ୍ର ୯.୩% ବୃଦ୍ଧି ପାଇଛି । ଏହି ସଂଖ୍ୟା ସୂଚାଇ ଦିଏ ଯେ ଭାରତ ବିଶ୍ୱର ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ବୃହତ ଅର୍ଥନୀତି ଭାବରେ ରହିଛି । ସମାଲୋଚନାର ଆଧାର - ଅର୍ଥନୀତିଜ୍ଞମାନେ କହିଛନ୍ତି ଯେ ସରକାର ସମଗ୍ର ବର୍ଷର ପ୍ରତିଫଳନ ଭାବରେ ତ୍ରୈମାସିକ ତଥ୍ୟ ଉପସ୍ଥାପନ କରିଛନ୍ତି । ଏହା ଜନସାଧାରଣଙ୍କୁ ଭ୍ରମିତ କରିଥିଲା ଯେ ଚଳିତ ତିନି ମାସରେ ମଧ୍ୟ ଦ୍ରୁତ ଅଭିବୃଦ୍ଧି ଘଟୁଛି । ତଥାପି, ବାସ୍ତବତା ହେଉଛି ଗ୍ରାମୀଣ ବ୍ୟବହାରରେ ହ୍ରାସ, ରପ୍ତାନିରେ ହ୍ରାସ ଏବଂ ନିବେଶରେ ହ୍ରାସ ଯୋଗୁଁ ଶେଷ ତ୍ରୈମାସିକରେ ଅଭିବୃଦ୍ଧି ହାର କମ୍ ଥିଲା ।

GDP ଏକ ଜଟିଳ ସଂଖ୍ୟା ଯାହାକୁ ସମଗ୍ର ବର୍ଷର ପରିପ୍ରେକ୍ଷୀରେ ବୁଝିବାକୁ ପଡିବ । ଭାରତର ଅର୍ଥନୀତି ଦୀର୍ଘକାଳୀନ ଭାବରେ ପ୍ରାୟ ୭ % ହାରରେ ଅଭିବୃଦ୍ଧି କରୁଛି, କିନ୍ତୁ ସ୍ୱଳ୍ପକାଳୀନ ତ୍ରୈମାସିକ ତଥ୍ୟ ଉନ୍ନୀତତା ଦର୍ଶାଉଛି । ପ୍ରଧାନମନ୍ତ୍ରୀଙ୍କ ଦାବି ରାଜନୈତିକ ଭାବରେ ଉତ୍ସାହଜନକ, କିନ୍ତୁ ଆର୍ଥିକ ଦୃଷ୍ଟିରୁ ଅସମ୍ପୂର୍ଣ୍ଣ । ସୁବ୍ରହ୍ମଣ୍ୟମ୍ ଚନ୍ଦ୍ର ଗର୍ଗ ଏବଂ ଅନ୍ୟାନ୍ୟ ବିଶେଷଜ୍ଞଙ୍କ ସମାଲୋଚନା ଯଥାର୍ଥ କାରଣ ଜନସାଧାରଣଙ୍କୁ ପ୍ରକୃତ ପରିସ୍ଥିତି ବିଷୟରେ ଅବଗତ କରାଇବା ଆବଶ୍ୟକ ।

# ଭାରତ ଓ ଅଷ୍ଟ୍ରେଲିଆର ୟୁରାନିୟମ୍ ସମ୍ପର୍କ



ଡାକ୍ତର ରାଜକିଶୋର ପଣ୍ଡା
ମେଡିକାଲ ଅଫିସର
ଓଡ଼ିଶା ସ୍ୱାସ୍ଥ୍ୟ ସେବା, ଭୁବନେଶ୍ୱର
ମୋ-୮୧୪୪୦୪୨୯୯୭

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଅଷ୍ଟ୍ରେଲିଆ ଗସ୍ତରୁ ଦୁଇଟି କ୍ଷେତ୍ର ଯାହାକି ହେଉଛି "ପରମାଣୁ ଶକ୍ତି" ଓ "ସାମୁଦ୍ରିକ ସୁରକ୍ଷା"ରେ ଉଲ୍ଲେଖନୀୟ ପ୍ରଗତି ହୋଇଅଛି । ଏହାଦ୍ୱାରା ଭାରତ, ଅଷ୍ଟ୍ରେଲିଆ ସମ୍ପର୍କ ମଜବୁତ୍ ହେବା ସହିତ ହିନ୍ଦୁ-ପ୍ରଶାନ୍ତ ସାମୁଦ୍ରିକ କ୍ଷେତ୍ର ପାଇଁ ମଧ୍ୟ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛି ।

ତେବେ ଏହି ନିବନ୍ଧରେ ଆମେ ଦୁଇ ରାଷ୍ଟ୍ର ମଧ୍ୟରେ ପରମାଣୁ ସମ୍ପର୍କକୁ ନେଇ ସବିଶେଷ ଆଲୋଚନା କରିବା । ଏହି ଆଣବିକ ସମ୍ପର୍କ ବର୍ତ୍ତମାନ ସମୟରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯଦି ଆମେ ଏହା ସହିତ ଜଡ଼ିତ ଥିବା ସଂଘର୍ଷପୂର୍ଣ୍ଣ ଇତିହାସକୁ ମନେ ପକାଇବା । ଯେବେ ଭାରତ ୧୯୯୮ ମଇ ମାସରେ "ଅପରେସନ୍ ଶକ୍ତି" ଜରିଆରେ ପୋଖରାନ୍‌ଠାରେ ପରମାଣୁ ପରୀକ୍ଷଣ କରିଥିଲା, ସେହି ସମୟରେ "କାନ୍‌ବେରା" ନୂଆଦିଲ୍ଲୀର ଦୃଢ଼ ନିନ୍ଦା କରିବା ସହିତ ଏହାକୁ "ପରମାଣୁ ପ୍ରସାର ପଦକ୍ଷେପ" ବୋଲି ବୟାନ୍ ଦେଇ, ଭାରତ ସହିତ ନିଜର ସମସ୍ତ କୂଟନୈତିକ ଓ ସାମରିକ ସମ୍ପର୍କକୁ ଛିନ୍ନ କରିଥିଲା । ଫଳସ୍ୱରୂପ ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ସର୍ବନିମ୍ନଗାମୀ ହୋଇଥିଲା । ଏହି ସମ୍ପର୍କରେ ଉନ୍ନତି ଆସିବା ଆରମ୍ଭ ହେଲା ୨୦୦୮ ମସିହାରେ ଯେତେବେଳେ ଭାରତ ଓ ଯୁକ୍ତରାଷ୍ଟ୍ର ଆମେରିକା ମଧ୍ୟରେ ସ୍ୱାକ୍ଷରିତ ହେଲା ବେସାମରିକ ପରମାଣୁ ଚୁକ୍ତି । ଉଲ୍ଲେଖନୀୟ ଏହା ଯେ ସମୁଦାୟ ପୃଥିବୀର ପ୍ରାୟ ଅଠେଇଶି ପ୍ରତିଶତ ୟୁରାନିୟମ୍, ଏକାକୀ ଅଷ୍ଟ୍ରେଲିଆ ପାଖରେ ଅଛି । ୧୯୭୪ ଓ ୧୯୯୮ ମସିହାର ପରମାଣୁ ପରୀକ୍ଷଣ ପରେ "କାନ୍‌ବେରା" ଦଶନ୍ଧି ଧରି ଆମ ଦେଶକୁ ୟୁରାନିୟମ୍ ଦେବା ପାଇଁ ମନା କରିଆସିଛି । ଆଣବିକ ଅସ୍ତ୍ରର ପରୀକ୍ଷଣକୁ ବିରୋଧ କରିବା ସହିତ ୟୁରାନିୟମ୍ ଦେବା ପାଇଁ ଅଷ୍ଟ୍ରେଲିଆର ନାସ୍ତିର ଅନ୍ୟତମ କାରଣ ହେଲା "ପରମାଣୁ ଅପ୍ରସାର ସନ୍ଧି" (Nuclear Non-Proliferation Treaty) ରେ ଭାରତର ସ୍ୱାକ୍ଷର ନ କରିବା । ତେବେ ବର୍ତ୍ତମାନ କେଉଁ ପରିସ୍ଥିତିରେ ଅଷ୍ଟ୍ରେଲିଆ ଓ ଭାରତ ୟୁରାନିୟମ୍ ପ୍ରସଙ୍ଗରେ ମିଳିତ ସହମତିରେ ପହଞ୍ଚିଛନ୍ତି, ତାହା ଆମେ ଜାଣିବା । ପ୍ରଥମେ ଆଲୋକପାତ କରିବା ଏନ୍.ଏସ୍.ଜି (N.S.G) ଓ ଏନ୍.ପି.ଟି (N.P.T) ଉପରେ । ଏନ୍.ଏସ.ଜି ର ସମ୍ପୂର୍ଣ୍ଣ ନାମ ହେଉଛି Nuclear Supplier Group । ଏହା ଅଠଚାଳିଶଟି ଦେଶର ଏକ ଗୋଷ୍ଠୀ, ଯାହାକୁ ଗଠନ କରାଯାଇଥିଲା, ୧୯୭୪ ମସିହାରେ ଭାରତର ପ୍ରଥମ ଆଣବିକ ପରୀକ୍ଷା ପରେ । ସେହିପରି Nuclear Non-Proliferation Treaty ଆରମ୍ଭ କରାଯାଇଥିଲା ୧୯୬୮ ମସିହାରେ । ବର୍ତ୍ତମାନ ଏଥିରେ ୧୯୧ ଟି ଦେଶ ସଦସ୍ୟ ଅଛନ୍ତି । ଉଭୟ ଏନ.ଏସ.ଜି ଓ ଏନ.ପି.ଟି ର ଲକ୍ଷ୍ୟ ହେଉଛି ଆଣବିକ ପଦାର୍ଥର ଶାନ୍ତିପୂର୍ଣ୍ଣ ବ୍ୟବହାରକୁ ପ୍ରୋତ୍ସାହନ ଓ ପରମାଣୁ ଅସ୍ତ୍ର ବ୍ୟବହାରକୁ ପ୍ରତିରୋଧ । ନିୟମ ଅନୁଯାୟୀ ଏନ.ପି.ଟି ର ଦସ୍ତାବେଜ୍‌ରେ ସ୍ୱାକ୍ଷର କରିଥିବା ଦେଶ ହିଁ ଏନ.ଏସ.ଜି ର ସଦସ୍ୟ ହୋଇପାରିବ । ଏହାକୁ ଅସ୍ତ୍ର କରି ଚାଇନା, ଏନ.ଏସ.ଜି ରେ ଭାରତର ଅନ୍ତର୍ଭୁକ୍ତିକରଣକୁ ବିରୋଧ କରିଆସୁଛି । କିନ୍ତୁ ସେହି ଚୀନ୍, ପାକିସ୍ତାନକୁ ଏନ.ଏସ.ଜି ରେ ସଦସ୍ୟ କରିବା ପାଇଁ ଚାପ ପକାଇ ଆସୁଛି, ଯଦିଓ ପାକିସ୍ତାନ ଏନ.ପି.ଟି ରେ ସ୍ୱାକ୍ଷର କରିନାହିଁ ।

ଭାରତ ଉଭୟ ଏନ.ପି.ଟି ଓ ଏନ.ଏସ.ଜି ର ସଦସ୍ୟ ନ ହୋଇଥିବା ସତ୍ତ୍ୱେ ଆଣବିକ ଅସ୍ତ୍ରକୁ ନେଇ ସର୍ବଦା ଏକ ଶାନ୍ତ ଭାବମୂର୍ତ୍ତି ରକ୍ଷା କରିଆସିଛି । ଏହି କାରଣରୁ ୨୦୦୮ ମସିହାରେ ଏନ.ଏସ.ଜି ଏହାର ସର୍ତ୍ତାବଳୀରୁ ଭାରତକୁ ଏକ ବଡ଼ ଛାଡ଼ (Waiver) ଦେଇଥିଲା । ଏହି ଛାଡ଼ ଅନୁଯାୟୀ ଭାରତ ଏନ.ପି.ଟି ରେ ସ୍ୱାକ୍ଷର ନ କରି ଥିବା ସତ୍ତ୍ୱେ ଆଣବିକ ପଦାର୍ଥର ଆମଦାନୀ ଓ କାରବାର କରିପାରିବ । ଏହା ପରେ ହିଁ ୨୦୦୮ ମସିହାରେ ଭାରତ-ଆମେରିକା ମଧ୍ୟରେ ବେସାମରିକ ଆଣବିକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା ।

ଆହୁରି ମଧ୍ୟ ଭାରତ ୨୦୦୮ ମସିହାରେ ଆନ୍ତର୍ଜାତିକ ପରମାଣୁ ଶକ୍ତି ସଂସ୍ଥାନ (IAEA) ସହ ଏକ ଚୁକ୍ତି ସ୍ୱାକ୍ଷର କରିଥିଲା, ଆଣବିକ ଶକ୍ତିର ଶାନ୍ତିପୂର୍ଣ୍ଣ ବ୍ୟବହାରକୁ ନେଇ । ଏନ.ଏସ.ଜି ର ଛାଡ଼, ଆଇ.ଏ.ଇ.ଏ ସହ ଚୁକ୍ତି ଓ ଦ୍ୱିପାକ୍ଷିକ ବାର୍ତ୍ତାଳାପ ମଧ୍ୟରେ ପରିଶେଷରେ ଚଳିତ ବର୍ଷ ଜୁଲାଇ ୯ ରେ, ଭାରତ ଓ ଅଷ୍ଟ୍ରେଲିଆ ୨୦୧୪ ମସିହାରୁ ଶୀତଳଭଣ୍ଡାରରେ ପଡ଼ିରହିଥିବା ବେସାମରିକ ଆଣବିକ ସହଯୋଗ ଚୁକ୍ତିକୁ ଚୂଡ଼ାନ୍ତ କରିଛନ୍ତି । ଏହାଦ୍ୱାରା ଭାରତ ବେସାମରିକ ପ୍ରକ୍ରିୟା ନିମନ୍ତେ ଅବାରିତ ଭାବରେ ଅଷ୍ଟ୍ରେଲିଆରୁ ୟୁରାନିୟମ୍ ଆମଦାନୀ କରିପାରିବ ।

ଭାରତ ଏହାଦ୍ୱାରା ତିନୋଟି କ୍ଷେତ୍ରରେ ଲାଭବାନ୍ ହେବ । ଏହି ତିନୋଟି କ୍ଷେତ୍ର ହେଉଛି "ପ୍ରତୀକାତ୍ମକ", "ବ୍ୟାବହାରିକ" ଓ "ରଣନୈତିକ" । ପ୍ରଥମେ ଆସିବା ପ୍ରତୀକାତ୍ମକ ଦିଗକୁ । ୟୁରାନିୟମ୍ ଦେବା ପାଇଁ ସହମତ ହୋଇ ଅଷ୍ଟ୍ରେଲିଆ, ଭାରତକୁ ଏକ ଦାୟିତ୍ୱବାନ୍ ପରମାଣୁ ରାଷ୍ଟ୍ର ବୋଲି ସ୍ୱୀକାର କରିନେଇଛି । ଯେଉଁ ଦେଶଗୁଡ଼ିକୁ ଅଷ୍ଟ୍ରେଲିଆ ପୂର୍ବରୁ ୟୁରାନିୟମ୍ ଯୋଗାଇ ଆସୁଛି, ସେମାନେ ହେଉଛନ୍ତି ଆମେରିକା, ଜାପାନ, ଦକ୍ଷିଣ କୋରିଆ, ଫ୍ରାନ୍ସ, ସୁଇଡେନ୍, ବେଲଜିୟମ୍, ଫିନ୍‌ଲ୍ୟାଣ୍ଡ, ବ୍ରିଟେନ୍ ଓ ଜର୍ମାନୀ । ଭାରତ ବର୍ତ୍ତମାନ ଏହି ଗୋଷ୍ଠୀରେ ସାମିଲ ହେବା ସହିତ ଏନ.ପି.ଟି ର ସଦସ୍ୟ ନ ଥାଇ ବୈଶ୍ୱିକ ପରମାଣୁ ବ୍ୟବସ୍ଥାରେ ନିଜର ସ୍ଥାନକୁ ସୁଦୃଢ଼ କରିପାରିବ ।

ବ୍ୟାବହାରିକ ଦୃଷ୍ଟିରୁ ଦେଖିଲେ, ଏହା ଇନ୍ଧନ ବା ଶକ୍ତି ସୁରକ୍ଷା କ୍ଷେତ୍ରରେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ଭାରତର ପରମାଣୁ ଶକ୍ତି କାର୍ଯ୍ୟକ୍ରମର ଲକ୍ଷ୍ୟ ବୃହତ୍ । ବର୍ତ୍ତମାନ ଦେଶରେ ୮.୮ ଜିଗାୱାଟ୍ ପରମାଣୁ ଶକ୍ତିର ଉତ୍ପାଦନ ହେଉଛି ଓ ନୂଆଦିଲ୍ଲୀର ଆଶା ଅଛି ୨୦୩୧ ସୁଦ୍ଧା ଏହା ବୃଦ୍ଧି ପାଇ ୨୨ ଜିଗାୱାଟ୍‌ରେ ପହଞ୍ଚିବ ବୋଲି । ଅନ୍ତିମ ଲକ୍ଷ୍ୟ ହେଉଛି ୨୦୪୭ ସୁଦ୍ଧା ଏକଶହ ଜିଗାୱାଟ୍ ପରମାଣୁ ଶକ୍ତିର ଉତ୍ପାଦନ, ଯାହାକି କଷ୍ଟସାଧ୍ୟ । କେବଳ ଘରୋଇ ୟୁରାନିୟମକୁ ବ୍ୟବହାର କରି ଭାରତ ଏହି ଲକ୍ଷ୍ୟ ହାସଲ କରିପାରିବ ନାହିଁ । ୨୦୦୮ ମସିହାରେ ଏନ.ଏସ.ଜି ତରଫରୁ ଛାଡ଼ ପାଇବା ପୂର୍ବରୁ, ୟୁରାନିୟମ୍‌ର ଅଭାବରୁ ଭାରତୀୟ ଆଣବିକ ରିଆକ୍ଟରଗୁଡ଼ିକ ପଚାଶରୁ ଷାଠିଏ ପ୍ରତିଶତ କ୍ଷମତାରେ ହିଁ କାର୍ଯ୍ୟ କରୁଥିଲେ । ଛାଡ଼ ମିଳିବା ପରେ ଭାରତ ଋଷ୍, ଫ୍ରାନ୍ସ, କାଜାଖସ୍ତାନ୍ ଓ କାନାଡ଼ାରୁ ୟୁରାନିୟମ୍ ଆମଦାନୀ କରିବା ଆରମ୍ଭ କଲା । ବର୍ତ୍ତମାନ ଅଷ୍ଟ୍ରେଲିଆ ଉପରୋକ୍ତ ଦେଶଗୁଡ଼ିକ ସହିତ ସାମିଲ ହେବା ଫଳରେ ଭାରତର ୟୁରାନିୟମ ଆମଦାନୀ କ୍ଷେତ୍ର ବଢ଼ିଯିବ । ବୈଶ୍ୱିକ କମୋଡ଼ିଟି ବଜାର ଓ ଅସ୍ଥିର ଭୂରାଜନୈତିକ ପରିସ୍ଥିତିରେ ବିଶ୍ୱର ସବୁଠାରୁ ବଡ଼ ୟୁରାନିୟମ୍ ଭଣ୍ଡାର ଥିବା ଦେଶ (ଅଷ୍ଟ୍ରେଲିଆ)ରୁ ଆମଦାନୀ କରିବା ଭାରତ ପକ୍ଷରେ ଏକ ଦୀର୍ଘକାଳୀନ ବିଶ୍ୱାସ ଓ ଅଷ୍ଟ୍ରେଲିଆ ପାଇଁ ଦୀର୍ଘସ୍ଥାୟୀ ବଜାର ସୃଷ୍ଟି କରିବ । ଏହି ରାଜିନାମାରେ ସୁରକ୍ଷା ଓ ତଦାରଖର ବ୍ୟବସ୍ଥା ମଧ୍ୟ ସାମିଲ ଅଛି, ଯାହା ହେଉଛି ଅଷ୍ଟ୍ରେଲିଆର ଚିନ୍ତା ଗୁଡ଼ିକର ସମାଧାନ । ଆହୁରି ମଧ୍ୟ ଏହି ଚୁକ୍ତି ଅନୁଯାୟୀ ଅଷ୍ଟ୍ରେଲିଆର ୟୁରାନିୟମ୍ ଉତ୍ତୋଳନକାରୀ ବେସରକାରୀ କମ୍ପାନୀମାନେ, ଭାରତର ବେସରକାରୀ ଆଣବିକ କମ୍ପାନୀ ସହ କାରବାର କରିପାରିବେ । ଭାରତ ସରକାର ଡିସେମ୍ବର ୨୦୨୫ ରେ ବେସରକାରୀ କମ୍ପାନୀମାନଙ୍କୁ ଆଣବିକ କାର୍ଯ୍ୟକ୍ରମରେ ସୁଯୋଗ ଦେବା ପାଇଁ ଶାନ୍ତି ନିୟମ (SHANTI Act)ର ପ୍ରଣୟନ କରିଛନ୍ତି । ଏହାଦ୍ୱାରା ନିଶ୍ଚିତ ଭାବରେ ଭାରତର ଆଣବିକ ଶକ୍ତି କାର୍ଯ୍ୟକ୍ରମରେ ଏକ ନୂଆ ଅଧ୍ୟାୟ ସୃଷ୍ଟି ହେବ ।

ଶେଷରେ ଆଲୋଚନା କରିବା ରଣନୈତିକ ଦିଗକୁ । ଭାରତର ସ୍ୱଦେଶୀ "ପ୍ରେସ୍‌ରାଇଜଡ୍ ହେଭି ୱାଟର ରିଆକ୍ଟର" (PHWR) ବ୍ୟବହାରିକ ଦୃଷ୍ଟିରୁ ଅତ୍ୟନ୍ତ ଉତ୍ତମ ହେଲେ ମଧ୍ୟ ଆକାରରେ ଛୋଟ । ଏଗୁଡ଼ିକର କ୍ଷମତା ହେଉଛି ଯଥାକ୍ରମେ ୨୨୦ଗଡ, ୫୪୦ଗଡ, ୭୦୦ଗଡ । କାର୍ବନର ନିର୍ଗମନ କମାଇବା ଓ ବିଦ୍ୟୁତ୍ ଉତ୍ପାଦନକୁ ବୃଦ୍ଧି କରିବା ପାଇଁ ଆମକୁ ଫ୍ରାନ୍ସ, ଋଷ୍ ଓ ଆମେରିକାଠାରୁ ଏକହଜାର ମେଗାୱାଟ୍‌ରୁ ଅଧିକ କ୍ଷମତା ବିଶିଷ୍ଟ "ଲାଇଟ୍ ୱାଟର ରିଆକ୍ଟର"ର ଆବଶ୍ୟକତା ରହିଛି । ଏଥିରେ ୟୁରାନିୟମ୍‌ର ଅଧିକ ବ୍ୟବହାର ହୋଇଥାଏ । ଏହିଠାରେ ହିଁ ଅଷ୍ଟ୍ରେଲିଆର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ବେସାମରିକ ରିଆକ୍ଟର୍ ପାଇଁ ଅଷ୍ଟ୍ରେଲିଆରୁ ଆଗତ ୟୁରାନିୟମର ବ୍ୟବହାର କରି, ଭାରତ ନିଜର ୟୁରାନିୟମକୁ (ଯାହାକି ସୀମିତ ମାତ୍ରାରେ ଅଛି), ସ୍ୱଦେଶୀ ରିଆକ୍ଟର ଓ ସାମରିକ କାର୍ଯ୍ୟକ୍ରମ ସକାଶେ ବଞ୍ଚାଇ ପାରିବ । ତେଣୁ ସଂକ୍ଷେପରେ କହିଲେ, ଭାରତ-ଅଷ୍ଟ୍ରେଲିଆ ପରମାଣୁ ରାଜିନାମା ଆମ ଦେଶର ବିକାଶ ଓ ଜଳବାୟୁ ଅନୁରୂପ ଆଣବିକ ଶକ୍ତି ବଢ଼ାଇବାରେ ସହଯୋଗ କରିବ ।

# କିପରି ହେବ ଈଶ୍ୱରଙ୍କ ସହିତ ମିଳନ

ହେମନ୍ତ କୁମାର ପରିଡ଼ା
ମାଳତୀକୁଞ୍ଜ, ପ୍ଲଟ ନଂ.୫୨୬/ଡ଼ି,
ସେକ୍ଟର-୧୦, ସିଡିଏ, କଟକ,
ଦୂରଭାଷ : ୮୭୬୩୧୦୭୧୨୬

ଭକ୍ତର ଏକନିଷ୍ଠ ଭକ୍ତିରେ ଈଶ୍ୱର ଏପରି ପ୍ରୀତ ହୋଇଯାଆନ୍ତି ଯେ ସେ ତାଙ୍କର ଭକ୍ତକୁ ପ୍ରଭାବିତ କରି ତାହାର ବିଚାରକୁ ସ୍ୱର୍ଗୀୟ କରିଦିଅନ୍ତି ଏବଂ ତାର ଭିତରେ ଶାଶ୍ୱତ ଶାନ୍ତିର ପ୍ରବାହ ସୃଷ୍ଟି କରନ୍ତି । ଈଶ୍ୱରଙ୍କ କରୁଣା ଲାଭ କରିବା ପରେ ଭକ୍ତ ମୂଲ୍ୟବୋଧଭିତ୍ତିକ ଜୀବନ ଯାପନ କରିବାକୁ ଭଲ ପାଏ ଏବଂ ଆଧ୍ୟାତ୍ମିକ ମାର୍ଗରେ ଆଗେଇଯିବା ପାଇଁ ତାହାର ଆବଶ୍ୟକତା କ'ଣ ତାହା ସେ ହୃଦୟଙ୍ଗମ କରିପାରେ । ଅନେକ ସମୟରେ ଆମେ ଦେଖିଥାଉ ଯେ ଧାର୍ମିକ ଅନୁଭୂତିର ଅପବ୍ୟବହାର କରାଯାଇ ତାହାକୁ ଦିବ୍ୟ ଦର୍ଶନ ବୋଲି କୁହାଯାଏ । ଏହାକୁ ରହସ୍ୟବାଦ କୁହାଯାଇପାରେ । ତେବେ ରହସ୍ୟବାଦୀଙ୍କ ସଂଜ୍ଞା ହେଉଛି ସେହି ବ୍ୟକ୍ତି ହେଉଛନ୍ତି ରହସ୍ୟବାଦୀ ଯାହାଙ୍କର ଦିବ୍ୟଶକ୍ତି ସହିତ ପ୍ରତ୍ୟକ୍ଷ ସଂପର୍କ ରହିଛି । ସାଧାରଣ ଅନୁଭୂତିଠାରୁ ଏହା ଉର୍ଦ୍ଧ୍ୱରେ । ଏହି ଅନୁଭୂତି ଲାଭ କରୁଥିବା ବ୍ୟକ୍ତିମାନେ ଅମାପ ଆନନ୍ଦ ଲାଭ କରିଥାନ୍ତି ।

ଦିବ୍ୟ ଦର୍ଶନ ଯେଉଁମାନେ ଲାଭ କରନ୍ତି ସେମାନେ କ୍ୱଚିତ ଏହାର ପ୍ରଭାବ ଏବଂ ମୂଲ୍ୟବୋଧ ସଂପର୍କରେ ପ୍ରଶ୍ନ କରନ୍ତି । କାରଣ ଏହା ଏପରି ଏକ ଆନନ୍ଦ ଯାହା ଲାଭ କରିବା ପରେ ବ୍ୟକ୍ତି ସବୁ କିଛି ଭୁଲିଯାଏ । ସଂସାର ତାହା ପାଇଁ ତୁଚ୍ଛ ହୋଇଯାଏ । ସେ ସବୁବେଳେ ସତ, ଚିତ ଆନନ୍ଦରେ ରହିବାକୁ ଚାହେଁ । ସଂସାରରେ ଆମେ ଯେଉଁ ଆନନ୍ଦ ପାଉ ତାହା ହେଉଛି ମାୟା । ଯାହାକି ଆମର ଯନ୍ତ୍ରଣା ନିମନ୍ତେ ଦାୟୀ । ତାହା ଆମେ ବୁଝି ନପାରି ସେହି ଆନନ୍ଦ ପଛରେ ଧାଇଁଥାଉ । ଏଠାରେ ଓଟ କଣ୍ଟାପତ୍ର ଖାଇବାର ଉଦାହରଣ ଦିଆଯାଇପାରେ । ଓଟ କଣ୍ଟାପତ୍ର ଖାଇଲା ବେଳେ ତାହାର ମାଢ଼ିରୁ ରକ୍ତ ବାହାରେ । ସେହି ରକ୍ତକୁ ସେ ଆନନ୍ଦରେ ଖାଉଥାଏ ଏବଂ ଭାବୁଥାଏ ସେ ପତ୍ରରୁ ରକ୍ତ ବାହାରୁଛି । ସେ ଆହୁରି ଅଧିକ ଖାଏ । ଯାହାକି ତାହାର ମୁହଁରେ ଘା' କରିଥାଏ ଏବଂ ତାକୁ ଯନ୍ତ୍ରଣା ଏବଂ ମୃତ୍ୟୁ ଦିଏ । ସେ ମରିଯାଏ, କିନ୍ତୁ ନିଜେ ନିଜର ଯନ୍ତ୍ରଣା ନିମନ୍ତେ ଦାୟୀ ବୋଲି ଭାବେ ନାହିଁ । ଅନ୍ୟପକ୍ଷରେ ଏକ କଇଁଛକୁ ଧରି ଯେତେବେଳେ ଚୁଲୀ ଉପରେ ବସାଯାଇଥାଏ ପାଣି ହାଣ୍ଡିରେ ପକାଯାଏ ସେତେବେଳେ ଚୁଲି ନିଆଁରେ ସାମାନ୍ୟ ଉଷୁମ ହୋଇଥିବା ପାଣିରେ କଇଁଛ ଆନନ୍ଦରେ ପହଁରିଥାଏ । ପରେ କିନ୍ତୁ ପାଣି ଅଧିକ ଗରମ ହେଲେ ସେ ଜାଣେ ଯେ ତାର ମୃତ୍ୟୁ ଆଉ ଅଳ୍ପ ସମୟ ପରେ ହୋଇଯିବ । ତେଣୁ କଇଁଛ ତାହାର ମୃତ୍ୟୁର କାରଣ ଜାଣେ, ଯାହାକି ଓଟ ଜାଣେନା । ତେଣୁ ଗୁରୁ ଆମକୁ ଏହି ମାୟାରୁ ରକ୍ଷା ପାଇବାକୁ ଯେଉଁ ମାର୍ଗ ପ୍ରଦର୍ଶନ କରୁଛନ୍ତି ତାହା ଅନୁସରଣ କଲେ ଆମେ ଦିବ୍ୟ ଦର୍ଶନ ଲାଭ ସହିତ ସ୍ୱର୍ଗୀୟ ଆନନ୍ଦ ଲାଭ କରିବା । ଯଦି ଜଣେ ବ୍ୟକ୍ତି ଇଷ୍ଟଙ୍କ ଦର୍ଶନ ନିମନ୍ତେ ଏକାଗ୍ରଚିତ୍ତରେ ଚାହାଁନ୍ତି ତେବେ ଶୀଘ୍ର ହେଉ ବା ବିଳମ୍ବରେ ତାଙ୍କର ଇଷ୍ଟ ଦର୍ଶନ ହୋଇଯାଏ ।

ଅନେକ ସମୟରେ ମନରେ ପ୍ରଶ୍ନ ଉଠେ ଯେ ଜୀବନର ଚରମ ଲକ୍ଷ୍ୟ କ'ଣ ? ସମସ୍ତ ପାଠକ ଏହି ପ୍ରଶ୍ନର ଉତ୍ତର ବାବାଙ୍କ ଭାଷାରେ ଦେବେ । ତାହା ହେଲା ଈଶ୍ୱରଙ୍କ ସହ ମିଳନ । ଯାତ୍ରାର ଆରମ୍ଭ ସେଇଠୁ ଏବଂ ଅନ୍ତ ମଧ୍ୟ ସେଠାରେ ହେବ । ସେଠାରେ ଅନ୍ତ ନ ହେବା ପର୍ଯ୍ୟନ୍ତ ସଂସାରର ଜାଲରେ ପଡ଼ି ଜୀବାତ୍ମା ଛଟପଟ ହେଉଥିବ । ଈଶ୍ୱରଙ୍କ ଦିବ୍ୟ ଦର୍ଶନ ଲାଭ କରିଥିବା ଭକ୍ତଙ୍କୁ ଯଦି ତାଙ୍କର ଅନୁଭୂତି ସଂପର୍କରେ ପ୍ରଶ୍ନ କରାଯାଏ ତେବେ ସେ କହିବେ ଅତି ଚମତ୍କାର । ଏଥିରୁ ସର୍ବୋଚ୍ଚ ଶାନ୍ତି ମିଳିଥାଏ । ଈଶ୍ୱରଙ୍କ ସହିତ ଚୂଡ଼ାନ୍ତ ମିଳନ ନିମନ୍ତେ ଥିବା ଶିଢ଼ିର ଏହା ହେଉଛି ପ୍ରଥମ ପାହାଚ । ଈଶ୍ୱରଙ୍କୁ ଜାଣିବାର ଅର୍ଥ ହେଉଛି ତାଙ୍କ ସହିତ ମିଳନ । ଗଙ୍ଗାରେ ସ୍ନାନ କରିବା ପାଇଁ ପ୍ରଥମ କିଲୋମିଟର ଅତିକ୍ରମ କରିବାର ଅର୍ଥ ନୁହେଁ ଗଙ୍ଗାରେ ସ୍ନାନ ହୋଇଗଲା । କିନ୍ତୁ ଏହା ସତ୍ୟ ଯେ ଗଙ୍ଗା ସ୍ନାନ ନିମନ୍ତେ ବାହାରିବା ପରେ ଯେଉଁ ଅନୁଭୂତି ତାହା ଗଙ୍ଗା ସ୍ନାନ ନିମନ୍ତେ ତୀର୍ଥଯାତ୍ରା ମାର୍ଗକୁ ସୁଗମ କରିଦିଏ । ବାଟରେ କଷ୍ଟ ତାକୁ ଜଣାପଡ଼େ ନାହିଁ ।

ଭାଗବତରେ ବର୍ଣ୍ଣନା କରାଯାଇଛି ଯେ ବ୍ରହ୍ମା ଏବଂ ଧ୍ରୁବଙ୍କ ସମ୍ମୁଖରେ ମହାବିଷ୍ଣୁ ଆବିର୍ଭୂତ ହେଲାବେଳେ କହିଥିଲେ ମୋର ଦର୍ଶନରେ ସବୁ ଦୁଃଖ କଷ୍ଟର ଅନ୍ତ ଘଟେ । ଯାହା ବର ମାଗିବା କଥା ତାହା ମାଗିଲେ ସେ ପୂରଣ କରିବେ । ପାର୍ଥିବ ଏବଂ ଆଧ୍ୟାତ୍ମିକ ବର ଲାଭ କରିବା ହେଉଛି ପ୍ରତ୍ୟେକ ବ୍ୟକ୍ତିର ଚୂଡ଼ାନ୍ତ ଲକ୍ଷ୍ୟ । ଏହା ସତ୍ୟ ଯେ ପର୍ଯ୍ୟନ୍ତ ବର ପ୍ରାପ୍ତିର ଆଶା ଥିବ ସେ ପର୍ଯ୍ୟନ୍ତ ତ ଜୀବାତ୍ମାର ମୁକ୍ତି ନାହିଁ । ଏହାଦ୍ୱାରା ବାରମ୍ବାର ସେ ସଂସାରଚକ୍ରରେ ପଡ଼ିଥାଏ । ବାସୁଦେବ ଏବଂ ଚିତ୍ରକେତୁ ଈଶ୍ୱରଙ୍କୁ ଦର୍ଶନ କରି ପୁତ୍ରପ୍ରାପ୍ତି ନିମନ୍ତେ ବର ମାଗିଥିଲେ । ଦେବତାମାନେ ଅସୁର ସଂହାର ନିମନ୍ତେ ବର ମାଗିଥିଲେ । ଏହି ଭବ ସଂସାରରୁ ମୁକ୍ତି ଲାଭ ନିମନ୍ତେ କ୍ୱଚିତ ବ୍ୟକ୍ତି ବର ମାଗନ୍ତି । କେବଳ ଯେଉଁମାନେ ବୈରାଗ୍ୟ ପ୍ରାପ୍ତ ହୋଇଥାନ୍ତି ସେମାନେ ଈଶ୍ୱରଙ୍କ ପାଖରେ ସବୁବେଳେ ରହିବାକୁ ବା ତାଙ୍କ ସହିତ ଚୂଡ଼ାନ୍ତ ମିଳନ ନିମନ୍ତେ ପ୍ରାର୍ଥନା କରନ୍ତି । ସବୁରେ ଯେତେବେଳେ ସେ ଈଶ୍ୱର ପ୍ରାପ୍ତି ଉପଲବ୍ଧି କରିବେ ସେତିକି ବେଳେ ଯାଇ ତାଙ୍କର ଲକ୍ଷ୍ୟ ପୂରଣ ହୋଇଯିବ । ନାରଦଙ୍କ ପରି ମହାନ ଭକ୍ତ ଗୋଟିଏ ଜନ୍ମରେ ଲକ୍ଷ୍ୟ ପ୍ରାପ୍ତି କରି ପାରିନଥିଲେ । ତାଙ୍କୁ ଏଥି ନିମନ୍ତେ ଆଉ ଏକ ଜନ୍ମ ନେବାକୁ ହୋଇଥିଲା ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ପିଲାଙ୍କ ମହାଭାରତ-୯୯



ନିତ୍ୟାନନ୍ଦ ପଣ୍ଡା

## ଶ୍ରୀକୃଷ୍ଣଙ୍କର ମଧ୍ୟସ୍ଥି ଭୂମିକା-୩



କୃଷ୍ଣ ଠିଆହେଲେ । ଆସିବାର ଉଦ୍ଦେଶ୍ୟ ଜଣେଇଲେ । କହିଲେ, "ରାଜା ଧୃତରାଷ୍ଟ୍ର ! ମୋର ଅନୁରୋଧ, ନିଜ ଲୋକମାନଙ୍କର ବିନାଶ ଘଟାନ୍ତୁ ନାହିଁ । ପଣ୍ଡୁପୁତ୍ରମାନେ ଯୁଦ୍ଧ ପାଇଁ ପ୍ରସ୍ତୁତ ଅଛନ୍ତି, କିନ୍ତୁ ସେମାନେ ଶାନ୍ତିପୂର୍ଣ୍ଣ ସମାଧାନ ଚାହାଁନ୍ତି । ସେଥିପାଇଁ ମୋତେ ଆସିବାକୁ ପଡ଼ିଲା । ମୁଁ ସତ୍ୟ ହିଁ କହିବି । ଯାହା ଭଲ, ତୁମେ ଖରାପ ବୋଲି ଭାବୁଛ । ଏବଂ ଯାହା ଖରାପ, ତାକୁ ଭଲ ବୋଲି ଭାବୁଛ । ତୁମର ପରମ କର୍ତ୍ତବ୍ୟ ହେଉଛି, ନିଜର ପୁଅମାନଙ୍କୁ ନିୟନ୍ତ୍ରଣ କରିବା, ଯାହା ହେଉନାହିଁ । ପାଣ୍ଡବମାନେ ତୁମ ଅଧୀନରେ ଖୁସିରେ ରହିବାକୁ ଚାହାଁନ୍ତି । ସେମାନଙ୍କୁ ନିଜର ପୁଅ ଭଳି ଭାବନ୍ତୁ ଏବଂ ଏକ ସମ୍ମାନଜନକ ସମାଧାନ ଚିନ୍ତାକରନ୍ତୁ । ଦୁନିଆ ତୁମର ଜୟଗାନ କରିବ ।" କୃଷ୍ଣ କଥା ବନ୍ଦ କଲେ ।

ଧୃତରାଷ୍ଟ୍ର କହିଲେ, "ଏହି ବନ୍ଧୁମାନଙ୍କୁ ପଚାରନ୍ତୁ, ସେମାନେ ମୋ ମନୋଭାବ କହିବେ । ତୁମେ ଯାହା କହୁଚ, ମୁଁ ସେଇଆ ଚାହେଁ । ମାତ୍ର ମୁଁ ଶକ୍ତିହୀନ । ମୋର ଦୁଷ୍ଟ ପୁଅମାନେ ମୋର କଥା ଶୁଣୁନାହାଁନ୍ତି । ତେଣୁ ତୁମକୁ କହୁଚି, ତୁମେ ଦୁର୍ଯ୍ୟୋଧନକୁ ବୁଝାଅ ।"

କୃଷ୍ଣ ଦୁର୍ଯ୍ୟୋଧନ ଆଡ଼କୁ ବୁଲି ପଡ଼ିଲେ । କହିଲେ- ତୁମେ ଦୁର୍ଯ୍ୟୋଧନ ଏକ ମହାନ ବଂଶର ଦାୟାଦ । କିନ୍ତୁ ଯାହା କରୁଛ ତାହା ତଳଶ୍ରେଣୀର ଲୋକଙ୍କ ପରି । ତୁମ ପାଇଁ ଆଜି ଏକ ମହାନ ବଂଶ ବିପଦରେ । ପାଣ୍ଡବମାନେ ଚାହାଁନ୍ତି, ଧୃତରାଷ୍ଟ୍ର ରାଜା ରୁହନ୍ତୁ ଓ ତୁମେ ଯୁବରାଜ । ସେମାନଙ୍କ ସହ ଶାନ୍ତିର ରାଜିନାମା କର ଏବଂ ସେମାନଙ୍କୁ ସେମାନଙ୍କର ଅଧା ରାଜ୍ୟ ଦେଇଦିଅ । ଧୃତରାଷ୍ଟ୍ରଙ୍କ ଅଧୀନରେ ସେମାନେ ରହିବେ ।

ଭୀଷ୍ମ ଓ ଦ୍ରୋଣ ଚାପ ପକେଇଲେ ଦୁର୍ଯ୍ୟୋଧନ ଉପରେ, କୃଷ୍ଣଙ୍କ ବାକ୍ୟ ଶୁଣିବା ପାଇଁ ।

ମାତ୍ର ଦୁର୍ଯ୍ୟୋଧନ କୋମଳ ହେବାର ସଙ୍କେତ ମିଳିଲାନି ।

ବିଦୁର କହିଲେ- ଦୁର୍ଯ୍ୟୋଧନର ଯିଦ୍ ଯୋଗୁଁ ଧୃତରାଷ୍ଟ୍ର ଓ ଗାନ୍ଧାରୀ ଅନ୍ଧକାର ମଧ୍ୟକୁ ଠେଲିହୋଇ ଯାଉଛନ୍ତି ।

ଦୁର୍ଯ୍ୟୋଧନ ଭୟଙ୍କର ଭାବେ କ୍ରୁଦ୍ଧିତ ଜଣାଗଲେ, କାଇଁକିନା ସେ ଲକ୍ଷ୍ୟ କଲେ ସମସ୍ତେ ତାଙ୍କୁ ନିନ୍ଦା କରୁଛନ୍ତି ।

ସେ କହିଲେ- "ହେ କୃଷ୍ଣ ! ପାଣ୍ଡବମାନଙ୍କ ପାଇଁ ତୁମେ ମୋତେ ପାଖରୁ ଦୂରେଇ ଦେଉଛ । ଏଠାରେ ସମସ୍ତେ ମୋତେ ଦୋଷ ଦେଉଛନ୍ତି । ମୋର କିନ୍ତୁ କୌଣସି ଦୋଷ ନାହିଁ । ପାଣ୍ଡବମାନେ ପଶା ଖେଳିଲେ ଓ ହାରିଲେ । ନିୟମ ଅନୁସାରେ ରାଜ୍ୟ ହରେଇଲେ । ମୋର ଏଥିରେ ଦୋଷ କ'ଣ ! ଏବେ ଆସି କହୁଛନ୍ତି ଆମକୁ ଅଧା ରାଜ୍ୟ ଦିଅ । କିଏ ଦେବ ?

ମୁଁ ଯେତେବେଳେ ସାନଥିଲି, ରାଜା ଭୁଲ୍ କରିଛନ୍ତି ସେମାନଙ୍କୁ ଇନ୍ଦ୍ରପ୍ରସ୍ଥ ଦେଇ । କାହିଁକି ଦେଇଥିଲେ ମୁଁ ଜାଣେନା । ଏବେ ସେମାନେ କହୁଛନ୍ତି ଯୁଦ୍ଧ କରିବେ ଓ ଆମକୁ ହତ୍ୟା କରିବେ । ମୁଁ କୌଣସି ଧମକ ଆଗରେ ନଇଁବି ନହିଁ । ମୁଁ ପୁଣିଥରେ କହୁଚି, ମୁଁ ନିର୍ଦ୍ଦୋଷ । ରାଜ୍ୟ କ'ଣ, ଛୁଞ୍ଚି ମୂନରେ ମୂନେ ଜାଗା ଦିଆଯାଇ ପାରିବ ନାହିଁ ।"

ଦୁର୍ଯ୍ୟୋଧନର କଥା ଶୁଣିଲେ କୃଷ୍ଣ । ହସିଲେ । କହିଲେ- ପଶାଖେଳ କଥା କହୁଚ ? ତୁମେ ଓ ଶକୁନି କପଟ ଓ ଷଡଯନ୍ତ୍ର କରି ସେମାନଙ୍କୁ ପଶା ଖେଳେଇଛ ଓ ଠକିଛ । ଭରପୁର ରାଜ ସଭାରେ ତୁମେ ଦ୍ରୌପଦୀଙ୍କୁ ବେଜ୍ଜିତ କରିଛ । ଏବେ କହୁଛ ମୋର ଦୋଷନାହିଁ ? (କ୍ରମଶଃ ...)

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*



# ଆସିଲାଣି ଆମ ଗଣେଶ ପୂଜା

*ଜୟକୃଷ୍ଣ ସାହୁ*

ପାରବଣ ଋତୁ ଆସିଲାଣି
ଫୁଲ ଫୁଟି ଗଛେ ବାସିଲେଣି
ଗଣପତିଙ୍କର ପୂଜା ହେବ ବୋଲି
ପିଲାଏ ଖୁସିରେ ନାଚିଲେଣି ।
ଗଜାନନଙ୍କର ପୂଜା ପାଇଁ
କା'ଆଖିକି ଆଉ ନିଦ ନାଇଁ
ପୂଜା ଦିନ ଯେତେ ପାଖେଇ ଆସୁଛି
ମନ ହେଉଅଛି ହାଇଁପାଇଁ ।
ଇସ୍କୁଲରେ ଆମ ହେବ ପୂଜା
ପୂଜା ଦିନ ହେବ ଭାରି ମଜା
ସବୁ ସାଙ୍ଗସାଥୀ ମିଳିମିଶି ଆମେ
କରିବୁ ପ୍ରଭୁଙ୍କ ସାଜସଜ୍ଜା ।
ବିଦ୍ୟା ବୁଦ୍ଧି ଦାତା ଭଗବାନ
ଆଗେ ହୁଏ ତାଙ୍କ ଆବାହନ
ଅଗ୍ର ପୂଜ୍ୟ ଗଜାନନଙ୍କୁ ସୁମରି
ତାଙ୍କ ସ୍ତୁତି କରିଥାଉ ଗାନ ।
ବିଧି ବିଧାନରେ ପୂଜା କରି
ଭକ୍ତିରେ ଅରପି ପୁଷ୍ପାଞ୍ଜଳି
ଭୋଗ ନିବେଦନ କରିଥାଉ ଆମେ
ଧୂପ ଦୀପ ତାଙ୍କ ଆଗେ ଜାଳି ।
ପ୍ରସାଦ ସେବନ କରି ଶେଷେ
ଫେରିଥାଉ ଆମେ ନିଜ ବାସେ
ମନକୁ ଲଗାଇ ପଢ଼ିଥାଉ ପାଠ
ସଞ୍ଜେ ବସି ମାଆଙ୍କର ପାଶେ ।

*କପିଳପ୍ରସାଦ, ଭୁବନେଶ୍ୱର-୨*
*ମୋ-୯୯୩୭୦୯୨୩୯୭*

# ବିଦ୍ୟାର ଠାକୁର ଆସ

*ଜଗଦୀଶ ସାହୁ*

ଧରଣୀ କୋଳରେ ବିହାର
କରେ ଋତୁ ଶରତ
ମୂଷିକ ବାହନ ଚଢ଼ିକି
ପ୍ରଭୁ ଆସ ମରତ ।
ବିଦ୍ୟାର ଠାକୁର ଗଣେଶ
ତୁମ ବାଟ ଚାହିଁକି
ଅନାଇଁ ରହିଛୁ ସଭିଏଁ
କୃପା ଊଣା କାହିଁକି ।
ବାଳକ ବାଳିକା ସାଦରେ
ତୁମ ପାଦ ପୂଜିବୁ
ଭକ୍ତିରେ ସକାଳ ସଂଜରେ
ଦିବ୍ୟ ନାମ ଭଜିବୁ ।
କେବଳ ଏତିକି ମାଗୁଣି
ବିଦ୍ୟା ଦାନ କରିବ
ତୁମ ସୁଭାଶିଷ ବଳରେ
ମାନସିକ ପୂରିବ ।

*ସଂଜପଡା, ହିନ୍ଦୋଳ,*
*ଢେଙ୍କାନାଳ-୭୫୯୧୨୮*
*ମୋ-୯୦୭୮୧୮୫୬୧୬*



# ଆସ ଗଣନାଥ

*ପ୍ରଶାନ୍ତ କୁମାର ଦାଶ*

ଆସ ପ୍ରଭୁ ଗଣନାଥ
କର ବିଦ୍ୟାଦାନ
ବିଦ୍ୟାବଳେ ରଖିବୁତ
ଦେଶ ଜାତି ମାନ ।।

ତୁମେତ ସାହାରା ଆମ
ନିତି ଚଲାପଥେ
ତୁମେତ ଅଜାଡି ପାର
ସୁଖ ଶାନ୍ତି ହାତେ ।।

ତୁମପାଇଁ ସଜାଇଛୁ
ମେଢ ଭଳି ଭଳି
କେତେଯେ ଆଲୋକମାଳା
ଯିବ ଜଳି ଜଳି ।।

ନାନାଜାତି କୁସୁମରେ
ଗୁନ୍ଥିଅଛୁ ମାଳ
ଝୁଲାଇବୁ ମୂରତିରେ
ଦେଖି ଶୁଭ କାଳ ।।

ମୂଷା ବାହନରେ ଚଢ଼ି
ଆସ ଗଣନାଥ
ରଖ ମଥାପରେ ତୁମ
କରୁଣାର ହାତ ।।

ହରଷରେ ହସ ହସ
ହେବୁ ଭୁଲି ଦୁଃଖ
ବାଣ୍ଟିଦେବୁ ଲାଗି ଜାଗି
ଧରଣୀରେ ସୁଖ ।।

କଦଳୀ ନଡ଼ିଆ ସେଓ
ରାଶିଲଡୁ ଦେଇ
କରିବୁ ତୁମର ପୂଜା
ଅତି ଖୁସୀ ହେଇ ।।

*କୁଞ୍ଜର-ସଙ୍ଗଳାଇ, ପିପିଲି-ପୁରୀ*
*ମୋ-୯୬୬୮୮୨୨୧୯୦*

# ଆହେ ଗଜାନନ ଗଉରୀ ନନ୍ଦନ

*ନୀଳମଣି ଚାନ୍ଦ*



ଆହେ ଗଜାନନ ଗଉରୀ ନନ୍ଦନ
ତୁମେ ଦେବ ଅଗ୍ରପୂଜ୍ୟ
ପୂଜନ୍ତି ଭକତି ଭରେ ଯେ ତୁମକୁ
ମଣି ଜ୍ଞାନ- ଦୀପ୍ତି- ସୂର୍ଯ୍ୟ ।

ଲାଗେ ତୁମ ଉଦରରେ ରହିଅଛି
ସବୁ ବିଦ୍ୟାତକ ଭରି
ଗଣେଶ ଚତୁର୍ଥୀ ଆସିଲେ ଦିଅନ୍ତି
ତୁମକୁ ତ ପୂଜା କରି ।

ପାଠଶାଳାଟିରେ ଛାତ୍ରୀଛାତ୍ର ଗଣ
କରନ୍ତି ତୁମରି ପୂଜା
ପୁଷ୍ପାଞ୍ଜଳି ପରେ ରାଶି ଲଡୁ ଭୋଗ
ଭରିଦିଏ ମନେ ମଜା ।

ଭାଦ୍ରବ ଶୁକ୍ଳ ଚତୁର୍ଥୀ ତିଥିରେ
ପୂଜାଟି ତୁମର ହୁଏ
ବିଘ୍ନକୁ ବିନାଶ କରିଥାଅ ତୁମେ
ଏ କଥାଟି ମିଛ ନୁହେଁ ।

ବ୍ୟାସଦେବଙ୍କର ମୁଖରୁ ନିଃସୃତ
ହୋଇଲା ମହାଭାରତ
ତୁମେ ଲେଖିଦେଲ ଲେଖନୀଟି ଧରି
ଏ କଥା ସିନା ସାର ତ ।

ପାଠର ଠାକୁର ମୂଷିକକୁ ନେଲ
ବାହନ ରୂପରେ ବାଛି
ଜ୍ଞାନପ୍ରଜ୍ଞାନର ଆଶିଷ ସଭିଙ୍କୁ
ଦିଅ ଗଜାନନ ଯାଚି ।

*ମନ୍ତ୍ରମାନୋର, ଗୋଠପାଟଣା, ଭୁବନେଶ୍ୱର*
*ମୋ-୯୫୮୩୨୦୨୩୫୭*

# ସିଦ୍ଧି ଦାତା ଗଜାନନ

*ଅନନ୍ତ କୁମାର ସେନାପତି*

ପ୍ରଭୁ ଗଣନାଥ ଗଉରୀ ନନ୍ଦନ
ଦିଅ ଶୁଭ ବୁଦ୍ଧି ମୋତେ
ତୁମ କରୁଣାରେ ଅପସରି ଯାଉ
ମନ୍ଦ ବୁଦ୍ଧି ଅଛି ଯେତେ ।

ତୁମେ ଶିଖାଇଛ ସକଳ ଜଗତ
ଅଟେ ନିଜ ବାପା ମାଆ
ତାଙ୍କ ଆଶିଷରେ ସରଗର ଖୁସି
ଆସି ଭରିଯାଏ ଛାଆଁ ।

ତୁମ ଦିବ୍ୟ ଜ୍ୟୋତି ଆଲୋକ ପଡିଲେ
ଅନ୍ଧାର ହୁଅଇ ଦୂର
ମୁରୁଖ ଲଭଇ ଜ୍ଞାନ, ବୁଦ୍ଧି, ବଳ
ନ ଥାଏ ପାଠର ଡର ।

ନ ଜାଣେ ମନ୍ତର ପୂଜାବିଧି କିଛି
ତୁମକୁ ପୂଜିବା ପାଇଁ
କେଉଁ ଆସନରେ ବସାଇବି ପ୍ରଭୁ
ଫୁଲ ଧୂପ କିଛି ନାହିଁ ।

ସକଳ ବିଘିନ ବିନାଶ କରିବ
ସିଦ୍ଧି ଦାତା ଭଗବାନ
ଅନ୍ତର ଭକତି ଅରପଣ କଲି
ଘେନା କର ଗଜାନନ ।

*ବାଣ୍ଟୁପଡା, ରାଜଗାଙ୍ଗପୁର, ସୁନ୍ଦରଗଡ଼*
*ଫୋନ୍-୭୦୦୮୩୦୪୨୨୫*

# ଆସିବେ ଗଣେଶ ରାଜା....

*ରାମଚନ୍ଦ୍ର ବେହେରା*

ଭାଦ୍ରବ ଶୁକଳ ଚତୁର୍ଥୀ ତିଥିରେ
ଆସିବେ ଗଣେଶ ରାଜା
ସାରା ବିଦ୍ୟାଳୟ ଉତ୍ସବ ମୁଖର
ହୋଇଲାଣି ସାଜସଜା ।
ପ୍ରଭୁ ବିଦ୍ୟାପତି ସ୍ୱର୍ଗରୁ ଓହ୍ଲାଇ
ଆସିବେ ମରତ ଧାମ
ଅଜ୍ଞାନତା ଆମ ଦୂରକରି ପ୍ରଭୁ
ଭରି ଦେବେ ଦିବ୍ୟ ଜ୍ଞାନ ।
ପ୍ରଭୁ ଗଣେଶଙ୍କ ଶୁଭାଶିଷ ବଳେ
ମୂର୍ଖ ହୁଏ ବିଜ୍ଞଜନ
ଜ୍ଞାନ ଆଲୋକରେ ହୋଇ ଆଲୋକିତ
ସୁଖରେ କାଟଇ ଦିନ ।
ମୂଷିକ ବାହନେ ବିରାଜିବେ ପ୍ରଭୁ
ବକ୍ରତୁଣ୍ଡ ମହାକାୟ
ଜ୍ଞାନର ସାଗର ପ୍ରଭୁ ଲମ୍ବୋଦର
ବୁଦ୍ଧିରେ ସଦା ଅଜେୟ ।
ପ୍ରଭୁ ଗଜାନନ ଆଶିଷ ଢାଳିବେ
ଜ୍ଞାନର ହେବ ବିକାଶ
ଉତ୍ତମ ବିଚାର ଜାଗିବ ପରାଣେ
ଖୁସି ମିଳିବ ଅଶେଷ ।
ପ୍ରଭୁଙ୍କୁ ପୂଜିବା ବନ୍ଦନା ଗାଇବା
ଦେଇ ଭକ୍ତି ପୁଷ୍ପାଞ୍ଜଳି
ଜ୍ଞାନ ପାଉ ମାନ ଏ ଧର୍ମ ଜଗତେ
କରିବା ତାହାଙ୍କୁ ଅଳି ।
ଶିଶୁ ବୋଲି ପ୍ରଭୁ ତ୍ରୁଟି ନପରଖି
ଢାଳିବେ କରୁଣା ବାରି
ଜ୍ଞାନ ଗାରିମାରେ ଭରିଯିବ ପ୍ରାଣ
ଦୁଃଖ ଯିବ ଅପସରି ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*





# ଆସ ଗଣପତି ଗଣନାୟକ

*ନିରଞ୍ଜନ ସାହୁ*



ଗଣେଶ, ବିଘ୍ନେଶ, ଗଣନାୟକ
ସିଦ୍ଧି, ନିଧି, ବୁଦ୍ଧି, ବିଦ୍ୟାଦାୟକ
ଧରାପୃଷ୍ଠେ ବିଜେ କର
ଭାଦ୍ରବ ଶୁକଳ ଚତୁର୍ଥୀ ତିଥିରେ
ଆସ ପାଶାଙ୍କୁଶଧର ।

ମୂଷିକବାହନ ଅପେକ୍ଷାରତ
ଆରୋହଣ କରି ଆସ ମରତ
ଆସ ଆସ ବିଘ୍ନରାଜ
ବଡ଼ ଶରଧାରେ ଅପେକ୍ଷା କରିଛୁ
ଗଣେଶ ବରତ ଆଜ ।

ଆହେ ଲମ୍ବୋଦର, ଗଜବଦନ
ଆହେ ଗଣନାଥ ଗୌରୀନନ୍ଦନ
ପୂଜା ମଣ୍ଡପରେ ବସ
ଆପଣ ବସିଲେ ଅଧମ ସନ୍ତାନେ
ହେଉଥିବେ ହସହସ ।

ବ୍ରାହ୍ମଣ ଗୋସାଇଁ ପୂଜା କରିବେ
ଆମରି ମନରେ ଭକ୍ତି ଭରିବେ
ଭକତିରେ ଯିବୁ ମଜି
ଆପଣ ଆମକୁ ଦେଖି ହସୁଥିବେ
ଆମରି ଖୁସିରେ ହଜି ।

ଆପଣଙ୍କ ପଦେ ଶରଣ ନେବୁ
ଭକ୍ତି ପୁଷ୍ପାଞ୍ଜଳି ଅରପି ଦେବୁ
ପ୍ରଣାମ ବାଢ଼ିବୁ ଆମେ
ଆପଣଙ୍କ ଆଶୀର୍ବାଦ ରହିଥିଲେ
ସଫଳ ହୋଇବା କାମେ ।

ଆଜି ଆମ ପାଇଁ ଅଲଭ୍ୟ ଯୋଗ
ବ୍ରାହ୍ମଣ ଗୋସାଇଁ ବାଢିବେ ଭୋଗ
ପୂଜା କରି ସମାପନ
ଶେଷରେ ଗୋସାଇଁ ମନ୍ତ୍ର ପାଠକରି
କରାଇବେ ବିସର୍ଜନ ।

*ନିହଲ ପ୍ରସାଦ, ଗଁଦିଆ ପାଟଣା,*
*ଢେଙ୍କାନାଳ-୭୫୯୦୧୬*
*ମୋ-୯୯୩୮୭୪୧୫୮୩*

# ପାଠ ଦାନ ଦିଅ ପାଠ ଠାକୁର

*ପ୍ରଫୁଲ୍ଲ କୁମାର ସାହୁ*



ଗଣ ନାଥ ଆହେ ପାଠ ଠାକୁର
ଟିକି ପିଲାଟି ମୁଁ କରେ ଜୁହାର
ତୁମ ପଦେ ମୋର ଅଳି,
ଦିଅ ପାଠ ଦାନ ହଟାଇ ଅଜ୍ଞାନ
ମଥାରେ ମୋ ଝାଡି ଧୂଳି ।୧।

ଭାଦ୍ରବ ମାସର ଶୁକ୍ଳ ଚତୁର୍ଥୀ
ଆହେ ପ୍ରଭୁ ତୁମ ଜନମ ତିଥି
ଗାଁ ଠୁଁ ସହର ଯାଏ,
ଦେଖ ଦେଖ ଆଜି ଉତ୍ସବ ମୁଖର
ଜନ ମନ ହରି ନିଏ ।୨।

ତୁମ ପୂଜା କରି ଛୁଇଁବି ଖଡ଼ି
ପାଠ ଲେଖିବି ମୁଁ ଧାଡ଼ି କି ଧାଡ଼ି
ନଡ଼ିଆ ବାଢ଼େଇ ଦେଇ,
ଖସା ଲଡୁ କିଣି ଭୋଗ ମୁଁ କରିବି
ପୂଜା ମଣ୍ଡପକୁ ଯାଇ ।୩।

ସ୍କୁଲ କଲେଜ ଓ କ୍ଲବ ପିଲା
ଆଜି ନାହିଁ ତାଙ୍କ କାମରେ ଢିଲା
ସଭିଏଁ ଏକାଠି ହୋଇ,
ସଜାଉ ଅଛନ୍ତି ମଣ୍ଡପ ତୋରଣ
ପ୍ରଭୁ ତୁମ ପୂଜା ପାଇଁ ।୪।

ପାଠ ଦାନ ଦିଅ ପାଠ ଠାକୁର
ଅଜ୍ଞାନ ଅନ୍ଧାର କରହେ ଦୂର
ତୁମ ପଦେ ଏହି ଅଳି,
ସମାଜକୁ ଦିଅ ନୂତନ ଚେତନା
ଜ୍ଞାନାଲୋକ ଉଠୁ ଜଳି ।୫।

*ଯଦୁ-ମାଳତୀ କୃପାନିବାସ, ଶକ୍ତି ବିହାର/ବାଲିପଡ଼ା, ମାହାଙ୍ଗା, କଟକ*
*ମୋ-୭୬୦୯୦୪୪୩୮୩*

# ଗିରିଜାନନ୍ଦନ ପ୍ରଭୁ

*ସୁଧାକର ରାଉତ*



ନମୋ ନମୋ ଗଣନାଥ ଗଉରୀ ନନ୍ଦନ
ଏକଦନ୍ତ ମହାକାୟ ବିଘ୍ନ ବିନାଶନ ।
ଗିରିଜାନନ୍ଦନ ପ୍ରଭୁ ସିଦ୍ଧି ବିନାୟକ
ଅଜ୍ଞାନତା ଦୂର ପାଇଁ ହୁଅ ସହାୟକ ।
ଜଗତ ବନ୍ଦନ ତୁମେ ବୁଦ୍ଧି ଜ୍ଞାନଦାତା
ସର୍ବଦେବତାଙ୍କ ଆଗେ ପୂଜିତ ହେ ପିତା ।
ତୁମ କରୁଣା ବାରିରୁ ଲଭିବାକୁ ଲବେ
ଶ୍ରଦ୍ଧା ଭକତିରେ ପୂଜା କରିଥାନ୍ତି ଭବେ ।
ସର୍ବବିଘ୍ନ ହୁଏ ଦୂର ପଡି ତୁମ ଦୃଷ୍ଟି
ଦୁଃଖ କଷ୍ଟ ଘୁଞ୍ଚିଯାଏ ହେଲେ ଦୟା ବୃଷ୍ଟି ।
ମୂର୍ଖଜନ ପଣ୍ଡିତ ବୋଲାଏ ସିଦ୍ଧି ଲଭି
ଜ୍ଞାନାଲୋକେ ଅଜ୍ଞାନ ଅନ୍ଧାର ଯାଏ ଲିଭି ।
ଜ୍ଞାତସାରେ ବା ଅଜ୍ଞାନେ ହୁଏ ଯେତେ ପାପ
ତୁମ ନାମ ସୁମରିଣ ନ ରହେ ତା ଚାପ ।
ଆହେ ଲମ୍ବୋଦର ଆମେ ତ କୋମଳମତି
ବୁଦ୍ଧିଜ୍ଞାନ ନାହିଁ ବି ଜାଣୁନା ପୂଜା ନୀତି ।
ଢ଼ାଳିଦେଲେ ଆମଠାରେ ଟିକେ କୃପାବାରି
ଭଲ ମଣିଷଟେ ହୋଇ ଭବୁ ହେବା ପାରି ।

*ପ୍ରତାପ ନଗରୀ, କଟକ*
*ମୋ-୮୨୪୯୯୩୨୭୯୨*

# ଭାଇଚାରାର କୃଷି ପରବ

*କୈଳାସ ଚନ୍ଦ୍ର ବେହେରା*



ଭାଦ୍ର ମାସ ଶୁକ୍ଳ ପଞ୍ଚମୀ ଦିନ
ନୂଆ ଖାଇବାକୁ ଉଚ୍ଚାଟ ମନ
ପରବ ପାଳିବା ପାଇଁ
ପଶ୍ଚିମ ଓଡ଼ିଆ ଭାଇ ଭଉଣୀଏ
ବିଦେଶୁ ଆସନ୍ତି ଧାଇଁ ।
ସାଇ ପଡିଶାଏ ଏକାଠି ହୋଇ
ପଣ୍ଡିତ ଡାକନ୍ତି ଲଗନ ପାଇଁ
ଶୁଭବେଳା କରି ସ୍ଥିର
ଦରବ ଯେତେକ ଯୋଗାଡ଼ କରନ୍ତି
ଲିପିପୋଛି ଘର ଦ୍ୱାର ।
ନୂଆଖାଇ ଦିନ ଶୁଭ ଲଗନେ
ନବାନ୍ନ, ଆରିସା ଖିରି ଯତନେ
କରି ଚୁଡ଼ା, ପିଠା ମାନ
ଇଷ୍ଟଦେବୀ ପାଶେ ସମର୍ପଣ କରି
ଭୁଞ୍ଜନ୍ତି କୁଟୁମ୍ବ ଜନ ।
ନୂଆ ପୋଷାକରେ ସଜେଇ ହୋଇ
ନୂଆଖାଇ ଭେଟ କରିବା ପାଇଁ
ସଞ୍ଜରେ ବାହାରି ଯାଇ
ଜୁହାର କରିଣ ବଡ଼ ମାନଙ୍କଠୁଁ
ଫେରନ୍ତି ଆଶିଷ ନେଇ ।
ଲୋକନାଚ ଗୀତ ଗାଆଁ ମୁଲକେ
ବାଜା ଶବଦରେ ଭୂଇଁ ଦୁଲୁକେ
ମନେ ଭରି ନୂଆ ଆଶା
କାନ୍ଧେ ହାତ ଛନ୍ଦି ତାଳେ ତାଳେ ଝୁମି
ଭୁଲିଯାନ୍ତି ରାଗ ରୁଷା ।
ଭାଇଚାରାର ଏ କୃଷି ପରବ
ଦୂରେଇ ମନରୁ ରାଗ, ଗରବ
ଭରେ ଭାବ ଆପଣାର
ସେଇ ମୋ ଓଡ଼ିଆ ଭାଇ ଭଉଣୀଙ୍କୁ
କରୁଛି ମୁଁ ନମସ୍କାର ।

*ପ୍ରାକ୍ତନ ଶିକ୍ଷକ, ତେମଳା,*
*ଶଂଖୋ, କେନ୍ଦୁଝର-୭୫୮୦୨୨*
*ମୋ-୯୧୭୮୦୪୦୧୫୫*

# ଗଛଟିଏ ମୁହିଁ ହେବି

*ସୁରମା ମିଶ୍ର*

ଗଛଟିଏ ମୁହିଁ ହେବି ମୋ ମାଆ ଲୋ
ଗଛଟିଏ ମୁହିଁ ହେବି
ତୋ ସ୍ନେହ ମମତା ପରଶ ପାଇ ମୁଁ
ଖୁସିରେ ବଢ଼ି ଚାଲିବି ॥

ଭୋକିଲା ମାନଙ୍କୁ ମୋ ବକ୍ଷର ଫଳ
ଦେଇ ମୁଁ ଶାନ୍ତି ପାଇବି
ଫୁଲର ସୁଗନ୍ଧ ବିଛାଡ଼ିତ କରି
ମନଟାକୁ ମୋହି ନେବି ॥

ଫୁଲ ଫଳେ ଭରି ଶରୀରକୁ ମୋର
ପ୍ରସ୍ଫୁଟିତ ମୁଁ କରିବି
ଜଗତର ହିତ ସାଧନ ପାଇଁକି
ସବୁ ମୁଁ ବିତରି ଦେବି ॥

ପକ୍ଷୀମାନେ ମୋ ଉପରେ ବସା ବାନ୍ଧି
କରିବେ ନିଡ ରଚନା
କିଚିରି ମିଚିରି କଳରବେ ତାଙ୍କ
ମନ ହେବ ଆନମନା ॥

ଅଙ୍ଗାରକାମ୍ଳକୁ ଆବୋରି ନେଇ ମୁଁ
ବାଣ୍ଟିବି ବିଶୁଦ୍ଧ ବାୟୁ
ସେ ବାୟୁ ସେବନ କରିଲେ ଲୋ ମାଆ
ବଢିବ ସଭିଙ୍କ ଆୟୁ ॥

ପଶୁ ମାନେ ସବୁ ଖରା ବେଳେ ଆସି
ମୋ ଛାଇରେ ଶୋଇଥିବେ
ଛାଇ ଲେଉଟିଲେ ଖରା ମଉଳିଲେ
ଆପେ ଆପେ ଫେରି ଯିବେ ॥

ଏତିକି ସୁଦୟା କର ତୁ ମାଆ ଲୋ
ଏତିକି ସୁଦୟା କର
ପର ଉପକାର କରାଇ ମୋର ଲୋ
ଜୀବନକୁ ଧନ୍ୟ କର ॥



*ବିଏଲ୍-୩୯, ଭିଏସ୍ଏସ୍‌ନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*

# ଜୟ ଗଣେଶ

*ଦୀନବନ୍ଧୁ ପୋଇ*

ଜୟ ଗଣେଶ ଜୟ ବିଘ୍ନେଶ
ଜୟ ହେ ଲମ୍ବୋଦର
ଟିକି ହାତରେ ଟିକି ଜୁହାର
ଟିକିଏ ଘେନା କର ।
ତୁମରି ପୂଜା କରିବୁ ଆମେ
ବୁଝହେ ଆମ ମନ
ଆଶିଷ ଟିକେ ଶିରେ ଥୋଇଲେ
ବଢ଼ିବ ଆମ ଜ୍ଞାନ ।
ଦେଖାଇ ଦେଲ ବିଶ୍ୱ କେଉଁଠି
କେତେ ଯେ ବୁଦ୍ଧିମାନ
ଭାଇଙ୍କ ପାଖେ ତୁମେ ଜିତିଲ
ବଢ଼ିଲା ତମ ମାନ ।
ଛୋଟିଆ ବୋଲି ତୁମ ବାହନ
ନକରି ମନ ଊଣା
ତାହାକୁ ଧରି ବୁଲିଲ ବାପା
ଚାରିପାଖରେ ସିନା ।
ତୁମକୁ ପୂଜି ଭାବ ଭକ୍ତିରେ
ଭାଦ୍ର ଚତୁର୍ଥୀ ଦିନ
ପାଇବୁ ବୋଲି ଆଶା ରଖିଛୁ
ଦିଅ ହେ ଟିକେ ଜ୍ଞାନ ।
ତୁମର ପ୍ରିୟ ରାଶି ଲଡୁଟେ
ଆଣିଛୁ ହେବ ଲାଗି
ହାତକୁ ଯୋଡି ପୂଜା ବେଦୀର
ଦ୍ୱାରେ ରହିଛୁ ଜଗି ।

*ଗୋରଡ଼ାପାଳ, କରମୂଳ, ଢେଙ୍କାନାଳ*
*ଦୂରଭାଷ- ୯୯୩୮୮୦୨୪୧୨*

# ରହୁ ସଦା ତବ ହାତ

*ନଗେନ୍ଦ୍ର ନାଥ ପଟ୍ଟନାୟକ*



ପ୍ରଭୁ ଗଣରାଜ ଜନମ ଉତ୍ସବ
ପାଳିବା ଭକତି ମନେ
ଧୂପ ଦୀପ ଫୁଲ ଭୋଗଥାଳି ଧରି
ଦିଅଁଙ୍କୁ ପୂଜିବା ଧ୍ୟାନେ ।।
ପ୍ରଭୁଙ୍କ ଜଣାଣ ଗାଇବା ସରବେ
ଏକ ଲୟ ସୁରେ ଆମେ
ସକଳ ପ୍ରାଣୀଙ୍କ କଲ୍ୟାଣ ସାଧନ
କର ପ୍ରଭୋ ଏଇ ଧାମେ ।।
ଗିରିଜା ନନ୍ଦନ ବିଘ୍ନ-ବିନାଶକ
ଦୂରକର ସବୁବାଧା
ହରିନେଇ ମନୁ ଅଜ୍ଞାନତା ଆମ
ଦିଅ ଜ୍ଞାନ ବୁଦ୍ଧି ବିଦ୍ୟା ।।
ତିନିପୁରେ ପରା ଅଗ୍ରପୂଜ୍ୟ ତୁମେ
ପ୍ରଭୋ ସିଦ୍ଧି ବିନାୟକ
ତବ ପରଶରେ ଦୂର ହୋଇଯାଉ
ଜନଙ୍କ କଷଣ ଦୁଃଖ
ତୁମେ ପରା ପ୍ରଭୋ ଗଉରୀ ନନ୍ଦନ
ସିଦ୍ଧିଦାତା ଏକଦନ୍ତ
ଆମ ପରି କୁନି ଭକତଙ୍କ ମାଥେ
ରହୁ ସଦା ତବ ହାତ ।।

*ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡ଼ିଶା ସରକାର*
*ଓସ୍କାର ସିଟି, ଲକ୍ଷ୍ମୀ ସାଗର କେନାଲ ରୋଡ*
*ମୋ-୯୪୩୮୩୩୨୧୩୮*

# ଏସିଆନ୍ ଗେମ୍ସ ପୂର୍ବରୁ ଜାପାନରେ ଭୀଷଣ ବନ୍ୟା

## ୪୦୦ ଖେଳାଳି ଓ ଷ୍ଟାଫଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର



**ଟୋକିଓ**

ଏସିଆନ ଗେମ୍ସ ଆରମ୍ଭ ହେବାକୁ ଆଉ ମାତ୍ର ୧୦ ଦିନ ବାକି ଥିବାବେଳେ ଜାପାନର ନାଗୋୟାରେ ଭୀଷଣ ବନ୍ୟା ସ୍ଥିତି ଉପୁଜିଛି। ବିଭିନ୍ନ ରାସ୍ତା ବନ୍ୟା ପାଣିରେ ବୁଡ଼ି ରହି ସମୁଦ୍ର ଭଳି ପ୍ରତୀୟମାନ ହେଉଛି। ସ୍ଥିତି ଏତେ ଭୟଙ୍କର ରହିଛି ଯେ, ୪୦୦ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଜାପାନ ପାଣିପାଗ ସଂସ୍ଥାର ତଥ୍ୟ ଅନୁଯାୟୀ, ସେପ୍ଟେମ୍ବର ୮ ତାରିଖରେ ନାଗୋୟାରେ ଗୋଟିଏ ଘଣ୍ଟାରେ ୧୦୪.୫ ମିମି ବର୍ଷା ହୋଇଥିଲା, ଯାହା ୧୮୯୦ ମସିହାରେ ପର୍ଯ୍ୟବେକ୍ଷଣ ଆରମ୍ଭ ହେବା ପରଠାରୁ ଷ୍ଟେସନରେ ସର୍ବାଧିକ ଘଣ୍ଟା ପ୍ରତି ବର୍ଷା ରେକର୍ଡ କରାଯାଇଛି। ବନ୍ୟାରେ ନାଗୋୟା ସହରର ରାସ୍ତା ଓ ଘର ବୁଡ଼ିଯାଇଛି। ମେୟର ଇଚିରୋ ହିରୋସାବା କିନ୍ତୁ କହିଛନ୍ତି, ଏସିଆନ୍ ଗେମ୍ସ ପାଇଁ କୌଣସି ଚିନ୍ତା ନାହିଁ। ଟୁର୍ଣ୍ଣାମେଣ୍ଟର ଆୟୋଜନ ନିର୍ଦ୍ଧାରିତ ସମୟରେ ହେବ। ଆସନ୍ତା ସେପ୍ଟେମ୍ବର ୧୯ ତାରିଖରେ ନାଗୋୟାରେ ଏସିଆନ୍ ଗେମ୍ସର ଓପନିଂ ସେରିମନି ଅନୁଷ୍ଠିତ ହେବ।

ବୁଧବାର ଆଇଚି ପ୍ରିଫେକ୍ଚରାଲ୍ ଗଭର୍ଣ୍ଣମେଣ୍ଟ ଦ୍ୱାରା ପ୍ରକାଶିତ ପ୍ରଥମ ସରକାରୀ କ୍ଷୟକ୍ଷତି ଆକଳନରେ ବନ୍ୟାସ୍ଥିତି ଯୋଗୁ ତିନି ଜଣ ସାମାନ୍ୟ ଆହତ ହୋଇଥିବା ରିପୋର୍ଟ କରାଯାଇଛି। ନାଗୋୟାରେ ପ୍ରାୟ ୨୦୦ ଗାଡ଼ି ପାଣି ଭିତରେ ବୁଡ଼ି ରହିଛି। ବନ୍ୟା ଯୋଗୁ ୩,୫୦୦ ଲୋକ ଆଶ୍ରୟ ନେଇଥିଲେ।

## ଅଷ୍ଟ୍ରେଲିଆ 'ଏ' ବିପକ୍ଷ ସିରିଜ୍ ପାଇଁ ଟିମ୍ ଇଣ୍ଡିଆ ଘୋଷଣା

# ପାଡିକ୍କଲ୍ ଅଧିନାୟକ, ଦଳକୁ ଫେରିଲେ ହାର୍ଦ୍ଦିକ ପାଣ୍ଡ୍ୟା

**ମୁମ୍ବାଇ**

ଅଷ୍ଟ୍ରେଲିଆର 'ଏ' ଦଳ ସେପ୍ଟେମ୍ବରରୁ ଅକ୍ଟୋବର ପର୍ଯ୍ୟନ୍ତ ଭାରତ ଗସ୍ତରେ ରହିବ। ଏହି ସମୟରେ ଦୁଇଟି ମଲ୍ଟି-ଡେ ବା ବହୁଦିବସୀୟ ଏବଂ ତିନିଟି ଦିନିକିଆ ମ୍ୟାଚ୍ ଖେଳାଯିବ। ସିରିଜ୍ ପାଖେଇ ଆସୁଥିବାରୁ ବିସିସିଆଇ ତରଫରୁ ଏଥିପାଇଁ ସ୍କ୍ୱାଡ୍ ଘୋଷଣା କରାଯାଇଛି। ଏସବୁ ମଧ୍ୟରେ ବଡ଼ କଥା ହେଉଛି ଯେ ଭାରତ ପାଇଁ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳୁଥିବା ବଡ଼ ବଡ଼ ଖେଳାଳିମାନଙ୍କୁ ମଧ୍ୟ ଏହି ଦଳରେ ସାମିଲ କରାଯାଇଛି। ଦିନିକିଆ ମ୍ୟାଚ୍‌ଗୁଡ଼ିକ ପାଇଁ ଦଳର ଅଧିନାୟକତ୍ୱ ରୁତୁରାଜ ଗାଏକ୍ୱାଡ୍‌ଙ୍କୁ ଦିଆଯାଇଥିବା ବେଳେ ବହୁଦିବସୀୟ ମ୍ୟାଚ୍ ପାଇଁ ଦେବଦତ୍ତ ପାଡିକ୍କଲ ଅଧିନାୟକ ହୋଇଛନ୍ତି।

ଭାରତ 'ଏ' ଏବଂ ଅଷ୍ଟ୍ରେଲିଆ 'ଏ' ମଧ୍ୟରେ ସେପ୍ଟେମ୍ବର ମାସରେ ଦୁଇଟି ବହୁଦିବସୀୟ ମ୍ୟାଚ୍ ଖେଳାଯିବ। ଏଠାରେ ବହୁଦିବସୀୟ ମ୍ୟାଚ୍‌ର ଅର୍ଥ ହେଉଛି ଚାରି ଦିନିଆ ମ୍ୟାଚ୍। ଏହି ମ୍ୟାଚ୍‌ଗୁଡ଼ିକ ଟେଷ୍ଟ ଫର୍ମାଟ୍‌ରେ ଖେଳାଯିବ। ସିରିଜ୍‌ର ପ୍ରଥମ ମ୍ୟାଚ୍ ସେପ୍ଟେମ୍ବର ୨୨ ରୁ ୨୫ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ସେହିପରି ଦ୍ୱିତୀୟ ମ୍ୟାଚ୍ ସେପ୍ଟେମ୍ବର ୨୯ରୁ ଆରମ୍ଭ ହୋଇ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଦଳର ନେତୃତ୍ୱ ଦେବଦତ୍ତ ପାଡିକ୍କଲ ନେବେ। ଯିଏକି ବର୍ତ୍ତମାନ ଚମତ୍କାର ଫର୍ମରେ ନଜର ଆସୁଛନ୍ତି।



ଏହାପରେ ତିନିଟି ଦିନିକିଆ ମ୍ୟାଚ୍ ହେବ। ଯାହା ୫୦ ଓଭର ବିଶିଷ୍ଟ ଖେଳାଯିବ କିନ୍ତୁ ଏହାକୁ ଅନ୍ତର୍ଜାତୀୟ ମାନ୍ୟତା ମିଳିବ ନାହିଁ। ଦିନିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍ ଅକ୍ଟୋବର ୬ ତାରିଖରେ ହେବ, ଦ୍ୱିତୀୟ ମ୍ୟାଚ୍ ଅକ୍ଟୋବର ୯ ତାରିଖରେ ହେବ ଏବଂ ସିରିଜ୍‌ର ତୃତୀୟ ତଥା ଶେଷ ମ୍ୟାଚ୍ ଅକ୍ଟୋବର ୧୧ ତାରିଖରେ ଖେଳାଯିବ। ସମସ୍ତ ମ୍ୟାଚ୍ ପୁଡୁଚେରୀରେ ଖେଳାଯିବ।

ଦୀର୍ଘ ଦିନ ଧରି ଭାରତୀୟ ଦଳରୁ ବାହାରେ ଥିବା ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ମଧ୍ୟ ଦିନିକିଆ ଦଳରେ ସାମିଲ କରାଯାଇଛି। ତେବେ ତାଙ୍କ ନାମ ଆଗରେ ଏକ ଷ୍ଟାର୍ ଚିହ୍ନ ଲାଗିଛି। ଏହାର ଅର୍ଥ ଯଦି ସେ ମ୍ୟାଚ୍ ସମୟରେ ସମ୍ପୂର୍ଣ୍ଣ ଫିଟ୍ ରୁହନ୍ତି ତେବେ ହିଁ ଖେଳିବେ। ବର୍ତ୍ତମାନ ଦେଖିବାକୁ ବାକି ରହିଲା ଯେ ପାଣ୍ଡ୍ୟା ସେହି ସମୟ ସୁଦ୍ଧା ସୁସ୍ଥ ହୋଇ ପ୍ରତ୍ୟାବର୍ତ୍ତନ କରିପାରୁଛନ୍ତି କି ନାହିଁ।

ଭାରତ 'ଏ' ବହୁଦିବସୀୟ ଦଳ : ଅମନ ମୋଖାଡ଼େ, ଆୟୁଷ ପାଣ୍ଡେ, ଦେବଦତ୍ତ ପାଡିକ୍କଲ (ଅଧିନାୟକ), ସାଇ ସୁଦର୍ଶନ (ଉପ-ଅଧିନାୟକ), ୟଶ ରାଠୋଡ଼, ଶେଖ ରଶିଦ, କୁମାର କୁଶାଗ୍ର, ଶାମ୍ସ ମୁଲାନୀ, ତନୁଷ କୋଟିଆନ, ତୁଷାର ଦେଶପାଣ୍ଡେ, ଅଂଶୁଲ କମ୍ବୋଜ, ପ୍ରଫୁଲ ହିଙ୍ଗେ, ଏନ ଜଗଦୀଶନ, ନଚିକେତ ଭୂଟେ, ଭି ବୈଶାଖ।

ଭାରତ 'ଏ' ଦିନିକିଆ ଦଳ: ପ୍ରିୟାଂଶ ଆର୍ଯ୍ୟ, ସାଇ ସୁଦର୍ଶନ, ଦେବଦତ୍ତ ପାଡିକ୍କଲ (ଉପ-ଅଧିନାୟକ), ରୁତୁରାଜ ଗାଏକ୍ୱାଡ୍ (ଅଧିନାୟକ), ରଜତ ପାଟିଦାର, କୁମାର କୁଶାଗ୍ର, ନିଶାନ୍ତ ସିନ୍ଧୁ, ବିପ୍ରଜ ନିଗମ, ଅର୍ଶିନ କୁଲକର୍ଣ୍ଣୀ, ଅରଶଦ ଖାନ, ନମନ ଧୀର, ହାର୍ଦ୍ଦିକ ପାଣ୍ଡ୍ୟା, ପ୍ରଭସିମରନ ସିଂ, ଗୁରଜପନୀତ ସିଂ, ୟଶ ଠାକୁର।

# ୟୁଏସ୍ ଓପନ : କାର୍ଲୋସ୍ ଅଲକାରେଜଙ୍କୁ ହରାଇ ସେମିଫାଇନାଲରେ ବେନ୍ ଶେଲଟନ୍



**ନ୍ୟୁୟର୍କ**

ୟୁଏସ୍ ଓପନ ୨୦୨୬ ପୁରୁଷ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ବିଶ୍ୱ ର୍ୟାଙ୍କିଂରେ ୮ମ ସ୍ଥାନରେ ଥିବା ଆମେରିକୀୟ ଖେଳାଳି ବେନ୍ ଶେଲଟନ୍ ୱାର୍ଲ୍ଡ ନମ୍ବର-୩ ଖେଳାଳି କାର୍ଲୋସ୍ ଅଲ୍‌କାରେଜ୍‌ଙ୍କୁ ପରାସ୍ତ କରିଛନ୍ତି। ଏହି ପରାଜୟ ସହ ଗ୍ରାଣ୍ଡସ୍ଲାମରେ ଚାଲିଆସୁଥିବା କାର୍ଲୋସ୍ ଅଲକାରେଜଙ୍କ କ୍ରମାଗତ ୧୮ ମ୍ୟାଚ୍‌ର ବିଜୟର ଧାରା ଉପରେ ବିରାମ ଲାଗିଛି।

କାର୍ଲୋସ୍ ଅଲକାରେଜ୍ ଶେଷ ଥର ପାଇଁ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟରେ ବର୍ଷ ୨୦୨୫ର ୱିମ୍ବଲଡନ ଫାଇନାଲ୍ ମ୍ୟାଚରେ ଜାନିକ୍ ସିନରଙ୍କ ବିପକ୍ଷରେ ହାରିଥିଲେ। ଯାହା ପରେ ସେ ଏହି ମ୍ୟାଚ୍ ହାରିଛନ୍ତି। ବେନ୍ ଶେଲଟନ୍‌ଙ୍କ ବିପକ୍ଷରେ ଏହି କ୍ୱାର୍ଟର ଫାଇନାଲ୍ ମ୍ୟାଚ୍ ୫ ସେଟ୍ ପର୍ଯ୍ୟନ୍ତ ଚାଲିଥିଲା। ଯେଉଁଥିରେ କାର୍ଲୋସ୍ ମାତ୍ର ଦୁଇଟି ସେଟ୍ ନିଜ ନାମରେ କରିବାରେ ସଫଳ ହୋଇଥିଲେ। କହି ରଖୁଛୁ ଯେ, କାର୍ଲୋସ୍ ଅଲକାରେଜ୍ ଆହତ ସମସ୍ୟାରୁ ସୁସ୍ଥ ହୋଇ ଫେରିଥିଲେ। ଆହତ ସମସ୍ୟା ପାଇଁ କାର୍ଲୋସ୍ ଚଳିତ ବର୍ଷ ଖେଳାଯାଇଥିବା ୱିମ୍ବଲଡନ ଏବଂ ଫ୍ରେଞ୍ଚ ଓପନ ଉଭୟରେ ଭାଗ ନେଇପାରି ନଥିଲେ।

ୟୁଏସ୍ ଓପନ ୨୦୨୬ରେ ଏହି କ୍ୱାର୍ଟର ଫାଇନାଲ୍ ମ୍ୟାଚ୍ ଆମେରିକୀୟ ଖେଳାଳି ବେନ୍ ଶେଲଟନ୍‌ଙ୍କ ଓ କାର୍ଲୋସ୍ ଅଲକାରେଜ୍‌ଙ୍କ ମଧ୍ୟରେ ଖେଳାଯାଇଥିଲା। ଏହି ମ୍ୟାଚ୍ ପ୍ରାୟ ୪ ଘଣ୍ଟା ୨୮ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା। ଯେଉଁଥିରେ ପ୍ରଥମ ସେଟ୍‌ର ଶେଷ ଭାଗ ଉଭୟ ଖେଳାଳିଙ୍କ ମଧ୍ୟରେ ବେଶ୍ ରୋମାଞ୍ଚକର ରହିଥିଲା ଏବଂ କାର୍ଲୋସ୍ ଅଲକାରେଜ୍ ଏହି ସେଟ୍‌କୁ ୭-୬ ବ୍ୟବଧାନରେ ନିଜ ନାମରେ କରି ମ୍ୟାଚ୍‌ରେ ୧-୦ ଅଗ୍ରଣୀ ହାସଲ କରି ନେଇଥିଲେ।

ଏହାପରେ ଦ୍ୱିତୀୟ ସେଟ୍‌ରେ ଆମେରିକୀୟ ଖେଳାଳି ବେନ୍ ଶେଲଟନ୍ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରିବା ସହ ଅଲକାରେଜ୍‌ଙ୍କୁ ୬-୧ ବ୍ୟବଧାନରେ ପରାସ୍ତ କରି ମ୍ୟାଚ୍‌କୁ ୧-୧ ସମାନ ସ୍ଥିତିକୁ ଆଣି ଦେଇଥିଲେ। ଏହାପରେ ତୃତୀୟ ସେଟ୍‌ରେ ମଧ୍ୟ ଶେଲଟନ୍ ନିଜର ଏହି ଦବ୍‌ଦବା ବଜାୟ ରଖିବାରେ ସଫଳ ହୋଇଥିଲେ ଏବଂ ଏହାକୁ ୬-୩ ବ୍ୟବଧାନରେ ଜିତି ନେଇଥିଲେ।

ୟୁଏସ୍ ଓପନ୍ ଡିଫେଣ୍ଡିଂ ଚାମ୍ପିଅନ୍ କାର୍ଲୋସ୍ ଅଲ୍‌କାରେଜ୍ ଏହି ମ୍ୟାଚ୍‌ରେ ୨-୧ ବ୍ୟବଧାନରେ ପଛୁଆ ରହିବା ପରେ ଚତୁର୍ଥ ସେଟ୍‌ରେ ପ୍ରତ୍ୟାବର୍ତ୍ତନ କରିବାରେ ସଫଳ ହୋଇଥିଲେ ଏବଂ ଏହାକୁ ସେ ଏକତରଫା ଭାବେ ୬-୧ ବ୍ୟବଧାନରେ ନିଜ ନାମରେ କରିଥିଲେ। ଯାହା ଫଳରେ ମ୍ୟାଚ୍ ୨-୨ ସମାନ ସ୍ଥିତିକୁ ଆସିଯାଇଥିଲା।

ଏହାପରେ ସମସ୍ତଙ୍କ ନଜର ଏହି ମ୍ୟାଚ୍‌ର ଶେଷ ସେଟ୍ ଉପରେ ଥିଲା। ଯେଉଁଥିରେ କାର୍ଲୋସ୍ ଅଲକାରେଜ୍ ଏବଂ ବେନ୍ ଶେଲଟନ୍‌ଙ୍କ ମଧ୍ୟରେ କଡ଼ା ମୁକାବିଲା ଦେଖିବାକୁ ମିଳିଥିଲା ଏବଂ ମ୍ୟାଚ୍ ଟାଇ-ବ୍ରେକର୍ ପର୍ଯ୍ୟନ୍ତ ଯିବା ପରେ ଶେଲଟନ୍ ୭-୬ ବ୍ୟବଧାନରେ ଏହାକୁ ଜିତିବାରେ ସଫଳ ହୋଇଥିଲେ ଓ ୟୁଏସ୍ ଓପନ୍ ୨୦୨୬ରେ ଏକ ବଡ଼ ବିପର୍ଯ୍ୟୟ କରିଥିଲେ।

# ନାରଙ୍ଗୀ ପରିବର୍ତ୍ତେ ନୀଳ ଜର୍ସି ପିନ୍ଧି ଖେଳିବ ଭାରତୀୟ ହକି ଦଳ : ଦିଲୀପ ତିର୍କୀ

**ନୂଆଦିଲ୍ଲୀ**

ହକି ଇଣ୍ଡିଆ ଭାରତୀୟ ହକି ଦଳର ଜର୍ସି ରଙ୍ଗ ବଦଳାଇ ଗେରୁଆ କରିବାକୁ ନେଇ ନିଜର ବିବାଦୀୟ ନିଷ୍ପତ୍ତିକୁ ପ୍ରତ୍ୟାହାର କରିନେଇଛି। ଆଗାମୀ ୨୦୨୬ ଏସିଆନ୍ ଗେମ୍ସ ପାଇଁ ହକି ଇଣ୍ଡିଆ ଭାରତୀୟ ଅଲିମ୍ପିକ୍ ଆସୋସିଏସନକୁ ଅବଗତ କରାଇଛି ଯେ ଭାରତୀୟ ହକି ଦଳର ପ୍ରଥମ ଏବଂ ମୁଖ୍ୟ ରଙ୍ଗ ନୀଳ ହିଁ ରହିବ। ଯେଉଁଠାରେ କି ନାରଙ୍ଗୀ ରଙ୍ଗକୁ ଦ୍ୱିତୀୟ ବିକଳ୍ପ ଭାବରେ ରଖାଯିବ।

ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀ କହିଛନ୍ତି ଯେ ଭାରତୀୟ ପୁରୁଷ ଏବଂ ମହିଳା ହକି ଦଳ ଜାପାନର ଆଇଚି-ନାଗୋୟାଠାରେ ଅନୁଷ୍ଠିତ ହେବାକୁ ଥିବା ଆଗାମୀ ଏସିଆନ୍ ଗେମ୍ସରେ ନୀଳ ଜର୍ସି ପିନ୍ଧି ଖେଳିବେ। ତିର୍କୀ କହିଛନ୍ତି ଯେ ଭାରତୀୟ ଅଲିମ୍ପିକ୍ ଆସୋସିଏସନ (ଆଇଓଏ) ଦଳର କିଟ୍ ରଙ୍ଗ ପାଇଁ ବିକଳ୍ପ ଦେଇଥିଲା, ଯାହା ପରେ ହକି ଇଣ୍ଡିଆ ଭାରତୀୟ ଦଳର ଜର୍ସି ପାଇଁ ନୀଳ ରଙ୍ଗକୁ ପ୍ରଥମ ପସନ୍ଦ କରିଥିଲା।

ଏସୀୟ କ୍ରୀଡ଼ାରେ ଭାଗ ନେବାକୁ ଯାଉଥିବା ଖେଳାଳିମାନଙ୍କ ପାଇଁ ଆୟୋଜିତ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅବସରରେ ତିର୍କୀ କହିଛନ୍ତି, 'ଆଇଓଏ ଆମକୁ ଦଳର କିଟ୍ ପାଇଁ ରଙ୍ଗର ବିକଳ୍ପ ଦେଇଥିଲା। ହକି ଇଣ୍ଡିଆ ଭାରତୀୟ ଦଳର ଜର୍ସି ପାଇଁ ପ୍ରଥମ ରଙ୍ଗ ନୀଳ ଏବଂ ଦ୍ୱିତୀୟ ରଙ୍ଗ ନାରଙ୍ଗୀ ବାଛିଛି। ମୁଁ ବିଶ୍ୱକପ୍ ପୂର୍ବରୁ ମଧ୍ୟ କହିଥିଲି ଯେ ଦଳର ଜର୍ସିର ନାରଙ୍ଗୀ ରଙ୍ଗ ସ୍ଥାୟୀ ନୁହେଁ। ଭବିଷ୍ୟତରେ ଏହାକୁ ବଦଳାଯାଇ ମଧ୍ୟ ପାରେ। ବର୍ତ୍ତମାନ ଏସୀୟ କ୍ରୀଡ଼ାରେ ନୀଳ ରଙ୍ଗ ଫେରି ଆସିଛି।




ଦଳ ନୀଳ ଜର୍ସିରେ ହିଁ ଖେଳିବ।'

ହକି ଇଣ୍ଡିଆର କୋଷାଧ୍ୟକ୍ଷ ଶେଖର ମନୋହରନ ମଧ୍ୟ ମଙ୍ଗଳବାର ଦିନ ସ୍ପଷ୍ଟ କରିଛନ୍ତି, 'ଭାରତୀୟ ଅଲିମ୍ପିକ୍ ଆସୋସିଏସନ ଆମକୁ କିଟ୍ ପାଇଁ ଆମର ପସନ୍ଦ ମାଗିଥିଲା। ହକି ଇଣ୍ଡିଆ ପ୍ରଥମ ପ୍ରାଥମିକତା ନୀଳ ରଙ୍ଗକୁ ହିଁ ଦେଇଛି, ଯେଉଁଠାରେ କି ସେକେଣ୍ଡାରୀ ରଙ୍ଗ ଭାବରେ ଗେରୁଆକୁ ବାଛିଛି।' ମନେ ପକାଇଦେଉଛୁ ଯେ ଅଗଷ୍ଟ ୨୦୨୬ରେ ଏଫ୍‌ଆଇଏଚ୍ (ଏଫଆଇଏଚ) ହକି ବିଶ୍ୱକପ୍ ପୂର୍ବରୁ ହକି ଇଣ୍ଡିଆ ନୀଳ ଜର୍ସି ହଟାଇ ଗେରୁଆ ଜର୍ସି ଆପଣାଇବାକୁ ଘୋଷଣା କରିଥିଲା। ଯାହା ପରେ ସାରା ଦେଶରେ ପ୍ରବଳ ବିବାଦ ଦେଖାଦେଇଥିଲା।

ହକି ଇଣ୍ଡିଆ ପ୍ରାରମ୍ଭରେ ଦାବି କରିଥିଲା ଯେ ନୀଳ ଟର୍ଫ ଉପରେ ନୀଳ ଜର୍ସି ପିନ୍ଧିବା ଦ୍ୱାରା ଖେଳାଳି ଏବଂ କୋଚ୍‌ମାନଙ୍କୁ ଦୃଶ୍ୟମାନତାର ସମସ୍ୟା ହେଉଥିଲା। ଯାହା ପାଇଁ ଖେଳାଳିମାନେ ହଳଦିଆ କିମ୍ବା ନାରଙ୍ଗୀ ରଙ୍ଗ ବାଛିବାକୁ ପରାମର୍ଶ ଦେଇଥିଲେ। ତେବେ ଏହି ନିଷ୍ପତ୍ତିକୁ ଚାରିଆଡ଼ୁ ବିରୋଧ କରାଯିବା ଆରମ୍ଭ ହୋଇଥିଲା। ପରଗଟ ସିଂହ, ଧନରାଜ ପିଲ୍ଲେ ଏବଂ ବୀରେନ୍ ରାସକିନ୍‌ହାଙ୍କ ଭଳି ପୂର୍ବତନ ଦିଗ୍ଗଜ ଅଧିନାୟକମାନେ ଭାରତୀୟ ହକିର ଐତିହାସିକ ପରିଚୟ ସହିତ ତାମସା କରିବା ନେଇ ପ୍ରଶ୍ନ ଉଠାଇଥିଲେ। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାରତୀୟ ହକିର ବଡ଼ ପୃଷ୍ଠପୋଷକ କୁହାଯାଉଥିବା ନବୀନ ପଟ୍ଟନାୟକ ଏହାକୁ ରାଜନୀତି ପ୍ରେରିତ ନିଷ୍ପତ୍ତି ବୋଲି ଦର୍ଶାଇ ଦୃଢ଼ ନିନ୍ଦା କରିଥିଲେ।

ବିବାଦ ବଢ଼ିବା ପରେ ହକି ଇଣ୍ଡିଆର ସଭାପତି ଦିଲୀପ ତିର୍କୀଙ୍କ ଆଭ୍ୟନ୍ତରୀଣ ଇମେଲ୍ ଲିକ୍ ହୋଇଥିଲା। ଯେଉଁଥିରେ ସେ ଖୁଲାସା କରିଥିଲେ ଯେ ଜର୍ସି ବଦଳାଇବାର ନିଷ୍ପତ୍ତି ତାଙ୍କର କିମ୍ବା କାର୍ଯ୍ୟକାରୀ ବୋର୍ଡର ଜ୍ଞାତସାର ଏବଂ ପରାମର୍ଶ ବିନା ନିଆଯାଇଥିଲା। ଏହି ଯୁକ୍ତିର ଅସାରତା ସେତେବେଳେ ଆହୁରି ସ୍ପଷ୍ଟ ହୋଇଯାଇଥିଲା, ଯେତେବେଳେ ବିଶ୍ୱକପ୍ ସମୟରେ ଇଂଲଣ୍ଡ ଏବଂ ନେଦରଲାଣ୍ଡ ଭଳି ଦଳଗୁଡ଼ିକ ନୀଳ ଟର୍ଫ ଉପରେ ହାଲୁକା ନୀଳ କିଟ୍ ପିନ୍ଧି ହିଁ ଭାରତ ଅପେକ୍ଷା ଭଲ ପ୍ରଦର୍ଶନ କରିଥିଲେ। ବିଶ୍ୱକପ୍‌ରେ ଭାରତୀୟ ପୁରୁଷ ଦଳ ଅଷ୍ଟମ ସ୍ଥାନରେ ରହିଥିବା ବେଳେ ମହିଳା ଦଳ ନିଜର ସର୍ବଶ୍ରେଷ୍ଠ ପଞ୍ଚମ ସ୍ଥାନ ହାସଲ କରିଥିଲା।

# ଆଇସିସି ମହିଳା ଟି-ଟ୍ୱେଣ୍ଟି ର୍ୟାଙ୍କିଂ : ଟପ୍‌ରେ ଶ୍ରୀଚରଣୀ, ଉଠିଲେ ଦୀପ୍ତି

**ନୂଆଦିଲ୍ଲୀ**

ସଦ୍ୟ ଘୋଷିତ ଆଇସିସି ମହିଳା ଟି-ଟ୍ୱେଣ୍ଟି ମାନ୍ୟତା ତାଲିକାରେ ଭାରତୀୟ ଅଲରାଉଣ୍ଡର ଦୀପ୍ତି ଶର୍ମାଙ୍କ ସ୍ଥାନରେ ଉନ୍ନତି ଘଟିଛି। ବୋଲିଂ ମାନ୍ୟତା ତାଲିକାରେ ସେ ୨ଟି ସ୍ଥାନ ଉନ୍ନତି ଘଟାଇ ଷଷ୍ଠରେ ରହିଛନ୍ତି। ଚଳିତ ମହିଳା ଟି-୨୦ ଏସିଆ କପ୍‌ର ପ୍ରଦର୍ଶନ ତାଙ୍କ ମାନ୍ୟତାରେ ଉନ୍ନତି ଆଣିଛି। ସେ ୩ଟି ମ୍ୟାଚ୍ ଖେଳି ୮ ୱିକେଟ୍ ନେଇ ସାରିଛନ୍ତି। ଅନ୍ୟ ଭାରତୀୟ ସ୍ପିନର ଏନ୍ ଶ୍ରୀ ଚରଣୀ ପୂର୍ବଭଳି ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ସେ ମଧ୍ୟ ୭ଟି ୱିକେଟ୍ ହାସଲ କରିଛନ୍ତି। ପେସ୍ ବୋଲର କ୍ରାନ୍ତି ଗୌଡ଼ ୬ଟି ସ୍ଥାନ ଉଠି ୭୮ତମରେ ରହିଛନ୍ତି।

ବ୍ୟାଟିଂ ମାନ୍ୟତା ତାଲିକାରେ ଭାରତର ସ୍ମୃତି ମନ୍ଧନା ପଞ୍ଚମ, ଶେଫାଳି ବର୍ମା ସପ୍ତମ ଓ ହର୍ମନପ୍ରୀତ କୌର ଦଶମ ସ୍ଥାନ ବଜାୟ ରଖିଛନ୍ତି। ଅନ୍ୟ ପଟରେ ଜେମିମା ରୋଡ୍ରିଗ୍ସ ୨୦ତମ, ରିଚା ଘୋଷ ୨୭ତମ ସ୍ଥାନକୁ ଖସିଛନ୍ତି। ଅଷ୍ଟ୍ରେଲିଆର ବେଥ ମୁନି, ଜର୍ଜିୟା ଭୋଲ ଓ ଦକ୍ଷିଣ ଆଫ୍ରିକାର ଲାଉରା ଉଲଭାର୍ଟ ଯଥାକ୍ରମେ ପ୍ରଥମରୁ ତୃତୀୟ ସ୍ଥାନ ବଜାୟ ରଖିଛନ୍ତି। ଅଲରାଉଣ୍ଡର ତାଲିକାରେ ଦୀପ୍ତିଙ୍କ ପଞ୍ଚମ ସ୍ଥାନ ଅପରିବର୍ତ୍ତିତ ରହିଛି। ମାତ୍ର ଶେଫାଳି ୨ଟି ସ୍ଥାନ ଉଠି ୨୦ତମ ସ୍ଥାନରେ ରହିଛନ୍ତି। ୱେଷ୍ଟଇଣ୍ଡିଜ୍‌ର ହେଲି ମାଥ୍ୟୁସଙ୍କ ଶୀର୍ଷ ସ୍ଥାନ ସୁରକ୍ଷିତ ରହିଛି।

ଅପଡେଟ୍ ର୍ୟାଙ୍କିଙ୍ଗ୍ ଅନୁଯାୟୀ, ଦୀପ୍ତିଙ୍କ ସଦ୍ୟତମ ଗତିବିଧି ମହିଳା ଖେଳର ସବୁଠାରୁ ଛୋଟ ଫର୍ମାଟରେ ପ୍ରମୁଖ ବୋଲରମାନଙ୍କ ମଧ୍ୟରେ ତାଙ୍କର ସ୍ଥାନକୁ ନିଶ୍ଚିତ କରିଛନ୍ତି। ସେ ଡିସେମ୍ବର ୨୦୨୫ରେ ଆଇସିସି ମହିଳା ଟି୨୦ ବୋଲିଂ ର୍ୟାଙ୍କିଙ୍ଗରେ ପ୍ରଥମ ସ୍ଥାନରେ ପହଞ୍ଚିଥିଲେ ଏବଂ ତାଙ୍କର ବର୍ତ୍ତମାନର ଷଷ୍ଠ ସ୍ଥାନ ପରବର୍ତ୍ତୀ ବର୍ଷ ପର୍ଯ୍ୟନ୍ତ ସେ ଯେଉଁ ସ୍ଥିରତା ରହିଛି ତାହା ତାଙ୍କ ପ୍ରଦର୍ଶନ ପାଇଁ ହୋଇଛି। ଚଳିତ ଟ-ଟ୍ୱେଣ୍ଟି ବିଶ୍ୱକପରେ ମଧ୍ୟ ଦୀପ୍ତିଙ୍କର ଭଲ ପ୍ରଦର୍ଶନ ଦେଖିବାକୁ ମିଳିଥିଲା। ଏହା ସହିତ ଚଳିତ ଏସିଆ କପରେ ଦୀପ୍ତି ହଂକଂ ବିପକ୍ଷରେ ବିନା ରନ୍ ଦେଇ ୩ ୱିକେଟ୍ ହାସଲ କରିଥିଲେ। କ୍ୟାରିୟରରେ ୧୫୦ତମ ମ୍ୟାଚରେ ଦୀପ୍ତି ଏହି ସଫଳତା ହାସଲ କରିଥିଲେ।

ଚଳିତ ମହିଳା ଏସିଆ କପରେ ତିନୋଟି ଗ୍ରୁପ୍-ଷ୍ଟେଜ୍ ମ୍ୟାଚ୍‌ରେ ଆଠଟି ୱିକେଟ୍ ଭାରତର ଅଭିଯାନରେ ବଲ୍ ସହିତ ଏକ ନିରନ୍ତର ଅବଦାନକୁ ପ୍ରତିନିଧିତ୍ୱ କରିଛନ୍ତି। ସେହି ଖେଳଗୁଡ଼ିକରେ ତାଙ୍କର ୱିକେଟ୍ ନେବା ଫର୍ମ ଷ୍ଟାଣ୍ଡିଂରେ ଦୁଇ ସ୍ଥାନ ଲମ୍ଫ ପାଇଁ ସହାୟକ ହୋଇଛି।



GOVERNMENT OF ODISHA
OFFICE OF THE SUPERINTENDING ENGINEER
PHULBANI (R&B) DIVISION, PHULBANI
AT/PO./PS- PHULBANI, PIN-762001
E-MAIL: - eeplbrb@gmail.com, Tel-06842-2532102
INVITATION FOR BID (IFB)/ NOTICE INVITING TENDER (NIT)
e-Procurement Tender Call Notice
Bid Identification No.: - SE-R&B-PLB-08/2026-27, DATE: - 02.09.2026

34001/768/2627

Letter No. 5268 Date. 02.09.2026

The **Superintending Engineer, Phulbani (R&B) Division, Phulbani** on behalf of Governor of Odisha invites percentage rate bid in **Single Cover** system in **ONLINE MODE** for the construction of works detailed in the table below from **"MV", "HT", "D" and "C" Class Contractors** registered with the State Governments and contractors of equivalent Grade/ Class registered with Central Government/ MES/ Railways for execution of Civil and Electrical works. The scanned of proof of registration from the appropriate authority shall be enclosed along with the bid.

| | | | |
|---|---|---|---|
| 1. | Name/Type of Work | : | "Building Works" |
| 2. | No. of Tender | : | 03 (Three) Numbers |
| 3. | Estimated Cost put to Tender. (T.S Amount) | : | Rs.4.06 Lakhs to Rs. 8.52 Lakhs |
| 4. | E.M.D. | : | Rs.4,100/- to Rs. 8,600/- |
| 5. | Period of completion | : | 01 (Two) & 2 (Two) Calendar Months. |
| 6. | Class of Contractor or Eligibility of the bidders | : | **"MV", "HT", "D" and "C" Class Contractors** (Orissa P.W.D. or equivalent class of other licensing authority) |
| 7. | Tender Cost or Cost of participation in on line Bid | : | Rs. 2,000/- to Rs. 4,000/- (Non-refundable) for Bid Documents. |
| 8. | Availability of Bid document for on line bidding | : | From 10.09.2026 at 10:00 AM to 22.09.2026 up to 05:00 PM |
| 9. | Clarification regarding bidding online | : | From 10.09.2026 at 10:00 AM to 19.09.2026 up to 05:00 PM |
| 10. | Date, Time and Place of opening of the Technical & Financial Bid document | : | On 23.09.2026 at 11:30 AM in the Office of the Superintending Engineer, Phulbani (R&B) Division, at Phulbani, Dist: Kandhamala |

The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future Addendums, corrigendums or cancellations will be available on ONLINE MODE only.

Sd/- Superintending Engineer
Phulbani (R&B) Division, Phulbani
OIPR-34001/34066/1/26-27/0010

E-Mail I.D.-eernbkdp@gmail.com
Tel. (06727)-220268
Fax No.(06727)-220862

34001/766/2627

OFFICE OF THE SUPERINTENDING ENGINEER
KENDRAPADA (R&B) DIVISION-I, KENDRAPADA
GOVERNMENT OF ODISHA "e" procurement Notice (Short Notice)
e-procurement Notice for Road works
**Bid Identification No. S.E., R & B KDP- 04/2026-27**

| | | |
|---|---|---|
| 22. No of work | :- | 1 number building work |
| 23. Estimated Cost | :- | ₹15.18 lakhs (Approximately) |
| 24. Period of completion | :- | 45 days |
| 25. Date and time of sale and receipt of bid document | :- | From 9:00 AM of 10/09/2026 to 5:00 PM of 21/09/2026 |
| 26. Last date/time of receipt of bids | :- | 5:00 PM of 21/09/2026 |
| 27. Date and time of Opening of Bids | :- | 5.30 AM of 21/09/2026 |
| 28. Name and address of the Officer Inviting Bid | :- | Superintending Engineer, Kendrapada (R&B) Division-1, Kendrapada |

Further details with any addendum, corrigendum, cancellation can be seen from the State Govt. portal **"https://tendersorissa.gov.in"**

Sd/- Superintending Engineer,
Kendrapada (R&B) Division-I
OIPR-34001/34097/1/26-27/0005

# ଓଡ଼ିଶାର ବନ୍ୟା ସମସ୍ୟା ରିଲିଫ୍‌ରୁ ଦୀର୍ଘସ୍ଥାୟୀ ପ୍ରସ୍ତୁତି ଆଡ଼କୁ ଯିବାର ସମୟ

**ଦୁର୍ଗା ଚରଣ ସ୍ୱାଇଁ**

ବନ୍ୟା ଓଡ଼ିଶା ପାଇଁ ନୂଆ ଘଟଣା ନୁହେଁ। ଦୀର୍ଘ ସମୁଦ୍ରତଟ, ଅନେକ ନଦୀ ଏବଂ ପ୍ରବଳ ବର୍ଷା ଓ ବାତ୍ୟାପ୍ରବଣ ବିସ୍ତୃତ ଅଞ୍ଚଳ ଯୋଗୁଁ ରାଜ୍ୟ ଦୀର୍ଘଦିନ ଧରି ବନ୍ୟା ବିପଦର ସମ୍ମୁଖୀନ ହୋଇଆସିଛି। ବର୍ଷ ବର୍ଷ ଧରି ଓଡ଼ିଶା ଏକ ସୁଦୃଢ଼ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ଗଢ଼ି ତୋଳିଛି। ଆଗୁଆ ସତର୍କ ସୂଚନା, ଲୋକଙ୍କୁ ସ୍ଥାନାନ୍ତରଣ, ବାତ୍ୟା ଆଶ୍ରୟସ୍ଥଳୀ, ଉଦ୍ଧାରକାରୀ ଦଳ ଏବଂ ରିଲିଫ୍ କାର୍ଯ୍ୟ ଅନେକ ଜୀବନ ରକ୍ଷା କରିଛି। ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲାରେ ଓଡ଼ିଶାର ପଦକ୍ଷେପକୁ ଅନ୍ୟ ରାଜ୍ୟମାନଙ୍କ ପାଇଁ ଏକ ଆଦର୍ଶ ଭାବେ ମଧ୍ୟ ଦେଖାଯାଏ।

କିନ୍ତୁ ସମସ୍ୟାର ପ୍ରକୃତି ଏବେ ବଦଳୁଛି।

ଚଳିତ ବର୍ଷ ବାରମ୍ବାର ଘଟିଥିବା ବନ୍ୟା ଦେଖାଇ ଦେଇଛି ଯେ ବିପର୍ଯ୍ୟୟ ପରିଚାଳନା କେବଳ ସ୍ଥାନାନ୍ତରଣ ଓ ରିଲିଫ୍‌ରେ ସୀମିତ ରହିପାରିବ ନାହିଁ। ଅତ୍ୟଧିକ ଜଳ ସହ କିପରି ନିରାପଦ ଭାବେ ବଞ୍ଚିହେବ, ଓଡ଼ିଶାକୁ ଏବେ ସେଥିପାଇଁ ଅଧିକ ଗମ୍ଭୀରତାର ସହ ଚିନ୍ତା କରିବାକୁ ହେବ।

ସମ୍ପ୍ରତିର ବନ୍ୟାରେ ଅନେକ ନଦୀ ପ୍ରଣାଳୀ ପ୍ରଭାବିତ ହୋଇଛି। ବାଲେଶ୍ୱରରେ ହଜାର ହଜାର ଲୋକଙ୍କୁ ପ୍ରଭାବିତ ଗାଁଗୁଡ଼ିକରୁ ସ୍ଥାନାନ୍ତର କରାଯାଇଛି। ନଦୀ ଓ ଏହାର ଶାଖାନଦୀଗୁଡ଼ିକର ଜଳସ୍ତର ବଢ଼ିବାରୁ ଯାଜପୁର ଓ ମୟୂରଭଞ୍ଜର କେତେକ ଅଞ୍ଚଳ ମଧ୍ୟ ଜଳମଗ୍ନ ହୋଇଛି। ସୁବର୍ଣ୍ଣରେଖା, ବୈତରଣୀ, ସାଳନ୍ଦୀ ଓ ବୁଢ଼ାବଳଙ୍ଗ ନଦୀ ସମ୍ପ୍ରତିର ପରିସ୍ଥିତିକୁ ପ୍ରଭାବିତ କରିଛି।

ବନ୍ୟାପ୍ରବଣ ଗାଁରେ ବସବାସ କରୁଥିବା ଲୋକଙ୍କ ପାଇଁ ବାରମ୍ବାର ବନ୍ୟାର ଅର୍ଥ ହେଉଛି ବାରମ୍ବାର କ୍ଷତି। ଘରଦ୍ୱାର କ୍ଷତିଗ୍ରସ୍ତ ହୁଏ, ରାସ୍ତା ଅଚଳ ହୋଇଯାଏ ଏବଂ ଚାଷଜମି ଦୀର୍ଘ ସମୟ ଧରି ପାଣିରେ ବୁଡ଼ି ରହେ। ଗୃହପାଳିତ ପଶୁ ହାନି ହୋଇପାରେ ଏବଂ ସ୍କୁଲ୍ ବନ୍ଦ ରଖିବାକୁ ପଡ଼ିପାରେ। ପାଣି ହ୍ରାସ ପାଇବା ପରେ ମଧ୍ୟ ଲୋକମାନଙ୍କୁ କ୍ଷତିଗ୍ରସ୍ତ ରାସ୍ତା, ଦୂଷିତ ପାଣି ଓ ରୋଗବ୍ୟାଧିର ଆଶଙ୍କା ସହ ମୁକାବିଲା କରିବାକୁ ପଡ଼େ।

ସମସ୍ୟା କେବଳ ଗ୍ରାମୀଣ ଓଡ଼ିଶାରେ ସୀମିତ ନୁହେଁ।

ସହରୀ ବନ୍ୟା ମଧ୍ୟ ଏକ ସମାନ ଗମ୍ଭୀର ଚିନ୍ତାର ବିଷୟ ହୋଇଉଠୁଛି। ନିକଟରେ ପ୍ରବଳ ବର୍ଷା ପରେ ରାଉରକେଲାରେ ଡ୍ରେନେଜ୍ ବ୍ୟବସ୍ଥା ଅତ୍ୟଧିକ ଜଳର ଚାପ ସମ୍ଭାଳି ନ ପାରିବାରୁ ଗୁରୁତର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ସହରର ଭୂତଳ ସ୍ୱେରେଜ୍ ବ୍ୟବସ୍ଥା ମଧ୍ୟ ପ୍ରଭାବିତ ହୋଇଥିଲା ଏବଂ ବର୍ଷାଜଳ ଓଲଟା ଦିଗକୁ ଫେରିଆସିଥିଲା। ବିଭିନ୍ନ ଡ୍ରେନେଜ୍ ବ୍ୟବସ୍ଥା ହଠାତ୍ ବଢ଼ିଯାଇଥିବା ବର୍ଷାଜଳର ପରିମାଣକୁ ସମ୍ଭାଳି ନ ପାରିବାରୁ ଅନେକ ସ୍ଥାନରେ ପାଣି ଜମି ରହିଥିଲା।

ଭୁବନେଶ୍ୱର ମଧ୍ୟ ପ୍ରବଳ ବର୍ଷା ପରେ ଗୁରୁତର ଜଳବନ୍ଦୀର ସମ୍ମୁଖୀନ ହୋଇଛି। ଦ୍ରୁତ ଗତିରେ ବଢ଼ୁଥିବା ରାଜଧାନୀ ସହର ପାଇଁ ଏହା ନିଶ୍ଚିତ ଭାବେ ଚିନ୍ତାର ବିଷୟ। ରାସ୍ତା, ଘର, କାର୍ଯ୍ୟାଳୟ ଓ ବଜାରରେ ଘଣ୍ଟା ଘଣ୍ଟା ଧରି ବର୍ଷାଜଳ ଜମି ରହିଲେ ସହରର ସାଧାରଣ ଜୀବନ ଓ କାର୍ଯ୍ୟକଳାପ ସ୍ୱାଭାବିକ ରହିପାରେ ନାହିଁ।

ସହରୀକରଣ ମଧ୍ୟ ଏହି ସମସ୍ୟାର ଏକ କାରଣ। ସହର ବିସ୍ତାରିତ ହେବା ସହ ପ୍ରାକୃତିକ ଜଳନିଷ୍କାସନ ପଥ ଓ ଜଳାଭୂମି ଗୁଡ଼ିକ ଚାପରେ ପଡୁଛି ! ଖୋଲା ଜମିର ସ୍ଥାନ ନେଉଛି ଘର, ରାସ୍ତା ଓ କଂକ୍ରିଟ୍‌ର ଆବରଣ। ପୂର୍ବରୁ ଯେଉଁ ବର୍ଷାଜଳ ମାଟିରେ ଶୋଷିତ ହେଉଥିଲା, ଏବେ ତାହା ଦ୍ରୁତ ଗତିରେ ଡ୍ରେନ୍‌କୁ ପ୍ରବାହିତ ହେଉଛି। ଡ୍ରେନ୍‌ଗୁଡ଼ିକ ଛୋଟ ହେଲେ, ଅବରୋଧିତ ହେଲେ କିମ୍ବା ପରସ୍ପର ସହ ଠିକ୍ ଭାବେ ସଂଯୁକ୍ତ ନ ଥିଲେ ରାସ୍ତା ଓ ନିମ୍ନାଞ୍ଚଳରେ ପାଣି ଜମିଯାଏ।

ଏହାର ଅର୍ଥ ବିକାଶକୁ ବନ୍ଦ କରିଦେବା ନୁହେଁ। ଓଡ଼ିଶାକୁ ଉନ୍ନତ ରାସ୍ତା, ଆବାସ, ଶିଳ୍ପ ଏବଂ ସହରୀ ଭିତ୍ତିଭୂମି ଆବଶ୍ୟକ। କିନ୍ତୁ ବିକାଶର ଯୋଜନା ଓ କାର୍ଯ୍ୟାନ୍ୱୟନ ସମୟରେ ପ୍ରାକୃତିକ ଜଳପ୍ରବାହକୁ ସମ୍ମାନ କରିବାକୁ ହେବ !

ଜଳାଭୂମି, ପୋଖରୀ ଓ ପ୍ରାକୃତିକ ଜଳନିଷ୍କାସନ ପଥର ସୁରକ୍ଷା ଏଥିପାଇଁ ଏକ ମୁଖ୍ୟ ପଦକ୍ଷେପ। ଏଗୁଡ଼ିକ ନିର୍ମାଣ ପାଇଁ ଅପେକ୍ଷା କରିଥିବା ଖାଲି ଜମି ନୁହେଁ। ପ୍ରବଳ ବର୍ଷା ସମୟରେ ଏଗୁଡ଼ିକ ପ୍ରାକୃତିକ ଜଳଧାରଣ କ୍ଷେତ୍ର ଭାବେ କାମ କରେ। ସ୍ୱଳ୍ପକାଳରେ ସେଗୁଡ଼ିକୁ ନଷ୍ଟ କରି ସହରକୁ ଅଧିକ ବିକଶିତ ଦେଖାଇହେବ, କିନ୍ତୁ ଦୀର୍ଘକାଳରେ ଏହା ବନ୍ୟା ସମସ୍ୟାକୁ ଆହୁରି ଗମ୍ଭୀର କରିପାରେ ଓ ଡ୍ରେନେଜ୍ ଯୋଜନାକୁ ମଧ୍ୟ ଏକ ନୂଆ ଦୃଷ୍ଟିକୋଣ ଆବଶ୍ୟକ। ଡ୍ରେନ୍‌ଗୁଡ଼ିକୁ ପୃଥକ ପୃଥକ ପ୍ରକଳ୍ପ ଭାବେ ଦେଖିବା ପରିବର୍ତ୍ତେ ସହରଗୁଡ଼ିକୁ ସମନ୍ୱିତ ଡ୍ରେନେଜ୍ ନେଟୱାର୍କ ବିକଶିତ କରିବାକୁ ହେବ। ରାସ୍ତା, ବର୍ଷାଜଳ ନିଷ୍କାସନ ଡ୍ରେନ୍, ସ୍ୱେରେଜ୍ ବ୍ୟବସ୍ଥା, କେନାଲ୍ ଏବଂ ପ୍ରାକୃତିକ ଜଳାଶୟ ପରସ୍ପର ସହ ସମନ୍ୱିତ ଭାବେ କାମ କରିବା ଦରକାର।

ସ୍ଥାନୀୟ ସ୍ତରରେ ବନ୍ୟା ପୂର୍ବାନୁମାନ ବ୍ୟବସ୍ଥାକୁ ମଧ୍ୟ ଆହୁରି ସୁଦୃଢ଼ କରିବା ଆବଶ୍ୟକ। କେବଳ 'ପ୍ରବଳ ବର୍ଷା ହେବ' ବୋଲି ସାଧାରଣ ସତର୍କ ସୂଚନା ଦେବା ଯଥେଷ୍ଟ ନୁହେଁ। କେଉଁ ଗାଁ କିମ୍ବା କେଉଁ ରାସ୍ତାରେ ବନ୍ୟା ହେବାର ସମ୍ଭାବନା ରହିଛି, କେବେ ପାଣି ପହଞ୍ଚିପାରେ ଏବଂ ଲୋକମାନେ କେଉଁଠାକୁ ଯିବେ –ସେ ସୂଚନା ସେମାନଙ୍କ ପାଖରେ ସମୟରେ ପହଞ୍ଚିବା ଦରକାର।

ପ୍ରଯୁକ୍ତି ଏଥିରେ ସହାୟକ ହୋଇପାରେ। ଉପଗ୍ରହ ଚିତ୍ର, ପାଣିପାଗ ପୂର୍ବାନୁମାନ, ନଦୀଜଳସ୍ତର ମାପିବା ସେନ୍ସର ଏବଂ ମୋବାଇଲ୍ ସତର୍କ ସୂଚନା ମୂଲ୍ୟବାନ ତଥ୍ୟ ଯୋଗାଇପାରେ। କିନ୍ତୁ ଏହି ପ୍ରଯୁକ୍ତି ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବା ମଧ୍ୟ ସେତିକି ଜରୁରୀ। ଯେଉଁ ସତର୍କ ସୂଚନା ସମୟରେ ଜଣେ ଚାଷୀ, ମତ୍ସ୍ୟଜୀବୀ କିମ୍ବା ବସ୍ତିବାସୀଙ୍କ ପାଖରେ ପହଞ୍ଚିପାରେ ନାହିଁ, ତାହାର ମୂଲ୍ୟ ବହୁତ କମ୍। ବନ୍ୟା ପରିଚାଳନାର ଦାୟିତ୍ୱ କେବଳ ସରକାରଙ୍କର ହୋଇପାରେ ନାହିଁ। ନାଗରିକଙ୍କର ମଧ୍ୟ ଏଥିରେ ଭୂମିକା ରହିଛି। ଡ୍ରେନ୍‌ରେ ପ୍ଲାଷ୍ଟିକ୍ ଓ ଆବର୍ଜନା ପକାଇବା, ପ୍ରାକୃତିକ ଜଳପଥ ଉପରେ ବେଆଇନ ନିର୍ମାଣ କରିବା ଏବଂ ସତର୍କ ସୂଚନାକୁ ଅଣଦେଖା କରିବା ଏକ କଠିନ ପରିସ୍ଥିତିକୁ ଆହୁରି ଖରାପ କରିପାରେ।

ଏପଟେ ସରକାରଙ୍କୁ ଜରୁରୀକାଳୀନ ରିଲିଫ୍‌ର ସୀମା ଛାଡ଼ି ଆଗକୁ ଦେଖିବାକୁ ହେବ। ରିଲିଫ୍ ଆବଶ୍ୟକ, କିନ୍ତୁ ଏହା କେବଳ ପ୍ରଥମ ପଦକ୍ଷେପ। ଓଡ଼ିଶାକୁ ଦୀର୍ଘମିଆଦୀ ଭାବେ ବନ୍ୟା-ସହନଶୀଳ ଗାଁ ଓ ସହର ଗଢ଼ିବା ପାଇଁ ଏକ ସୁସଂଗଠିତ କାର୍ଯ୍ୟକ୍ରମ ଆବଶ୍ୟକ।

ବନ୍ୟାପ୍ରବଣ ଅଞ୍ଚଳରେ ଘରଗୁଡ଼ିକୁ ବନ୍ୟାର ଚାପ ସହିପାରିବା ଭଳି ଡିଜାଇନ୍ କରାଯାଇପାରେ। ସ୍ଥାନୀୟ ବନ୍ୟାର ଧାରା ଓ ଇତିହାସକୁ ବିଚାରରେ ରଖି ରାସ୍ତା ଓ ସେତୁ ନିର୍ମାଣ କରାଯାଇପାରେ। ସ୍କୁଲ୍ ଓ ସରକାରୀ କୋଠାଗୁଡ଼ିକୁ ଆବଶ୍ୟକ ସମୟରେ ନିରାପଦ ଆଶ୍ରୟସ୍ଥଳୀ ଭାବେ ମଧ୍ୟ ବ୍ୟବହାର କରାଯାଇପାରେ। ଗୁରୁତ୍ୱପୂର୍ଣ୍ଣ ବିଦ୍ୟୁତ୍ ଓ ଯୋଗାଯୋଗ ଭିତ୍ତିଭୂମିକୁ ବନ୍ୟାଜଳରୁ ସୁରକ୍ଷିତ ରଖାଯାଇପାରେ।

କୃଷି କ୍ଷେତ୍ରକୁ ମଧ୍ୟ ଗୁରୁତ୍ୱ ଦେବା ଆବଶ୍ୟକ। ବନ୍ୟାପ୍ରବଣ ଅଞ୍ଚଳର ଚାଷୀମାନଙ୍କୁ ଫସଲ ଚୟନ, ଫସଲ ବୀମା ଏବଂ ବିକଳ୍ପ ଆୟର ଉତ୍ସ ସମ୍ପର୍କରେ ଅଧିକ ଓ ଭଲ ସୂଚନା ଦରକାର। ଯେଉଁଠାରେ ବନ୍ୟାକୁ ଏଡ଼ାଇବା ସମ୍ଭବ ନୁହେଁ, ସେଠାରେ ଯୋଜନାବଦ୍ଧ ପଦକ୍ଷେପ ମାଧ୍ୟମରେ ସମୁଦାୟର ଆର୍ଥିକ କ୍ଷତି କମାଇବାକୁ ହେବ।

ବିପର୍ଯ୍ୟୟ ଘଟିଲେ ଓଡ଼ିଶା ପ୍ରଭାବଶାଳୀ ଭାବେ ମୁକାବିଲା କରିପାରେ ବୋଲି ପ୍ରମାଣ କରିଛି। ପରବର୍ତ୍ତୀ ଚ୍ୟାଲେଞ୍ଜ ହେଉଛି – ବିପର୍ଯ୍ୟୟ ଘଟିବା ପରେ କ୍ଷତି କମାଇବା ନୁହେଁ, ବରଂ ପ୍ରଥମ ସ୍ଥାନରେ ହିଁ କ୍ଷତିକୁ ଯଥାସମ୍ଭବ କମାଇବା। ତେଣୁ ୨୦୨୬ର ବାରମ୍ବାର ବନ୍ୟାକୁ କେବଳ ଆଉ ଏକ ମୌସୁମୀ ଘଟଣା ଭାବେ ଦେଖିଲେ ଚଳିବ ନାହିଁ। ଏହାକୁ ଏକ ସତର୍କ ସଙ୍କେତ ଏବଂ ଏକ ସୁଯୋଗ ଭାବେ ଦେଖିବା ଦରକାର

ପ୍ରଶ୍ନ ଏବେ ଏହା ନୁହେଁ ଯେ ବନ୍ୟା ପରେ ଓଡ଼ିଶା ଲୋକଙ୍କୁ ଉଦ୍ଧାର କରିପାରିବ କି ନାହିଁ। ଓଡ଼ିଶା ତାହା କରିପାରେ। ବଡ଼ ପ୍ରଶ୍ନ ହେଉଛି- ଓଡ଼ିଶା ଏପରି ଗାଁ ଓ ସହର ଗଢ଼ିପାରିବ କି, ଯେଉଁଠାରେ ପ୍ରଥମେ ହିଁ କମ୍ ଲୋକଙ୍କୁ ଉଦ୍ଧାର କରିବାର ଆବଶ୍ୟକତା ପଡ଼ିବ ? ଏଥିପାଇଁ ଉନ୍ନତ ଯୋଜନା, ଅଧିକ ସୁଦୃଢ଼ ଭିତ୍ତିଭୂମି, ପ୍ରାକୃତିକ ଜଳାଶୟର ସୁରକ୍ଷା ଏବଂ ଅଧିକ ଜନସଚେତନତା ଆବଶ୍ୟକ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଚିନ୍ତାଧାରାରେ ପରିବର୍ତ୍ତନ-ପ୍ରତ୍ୟେକ ବନ୍ୟା ସହ ଲଢ଼ିବା ପରିବର୍ତ୍ତେ ଜଳ ସହ ସୁରକ୍ଷିତ ଭାବେ ବଞ୍ଚିପାରୁଥିବା ଏକ ପ୍ରସ୍ତୁତ ରାଜ୍ୟ ଗଢ଼ିବା। ବିପର୍ଯ୍ୟୟ ସମୟରେ ଜୀବନ ବଞ୍ଚାଇବାରେ ଓଡ଼ିଶା ନିଜକୁ ଆହୁରି ସକ୍ଷମ କରିଛି। ଏବେ ତାହାର ପରବର୍ତ୍ତୀ ସଫଳତା ହେଉ-ପରବର୍ତ୍ତୀ ବନ୍ୟା ଆସିବା ପୂର୍ବରୁ ଲୋକଙ୍କ ଜୀବିକା, ଘରବାଡ଼ି ଓ ସହରଗୁଡ଼ିକୁ ସୁରକ୍ଷିତ କରିବା।

ଉତ୍କଳ ଦୀପିକା
ଭୁବନେଶ୍ୱର, ୧୦ ସେପ୍ଟେମ୍ବର, ଗୁରୁବାର, ୨୦୨୬
RNI Regd. No. : 52640/94
Postal Regd. No. : BN/60/25-27

# ୧୪ରେ ବାଲିତୃତୀୟା ବ୍ରତ ଓ ଗଣେଶ ପୂଜା : ଶ୍ରୀମନ୍ଦିର ମୁକ୍ତିମଣ୍ଡପ ପଣ୍ଡିତ

**ପୁରୀ, ୯/୯ ନ୍ୟୁଜ ବ୍ୟୁରୋ**

ଚଳିତ ବର୍ଷ ବାଲିତୃତୀୟା ତଥା ଗୌରୀ ବ୍ରତ ଓ ଗଣେଶ ଚତୁର୍ଥୀ ଗୋଟିଏ ଦିନରେ ପଡୁଛି । ଏଣୁ ଜନମାନସରେ ସନ୍ଦେହ ଉପୁଜିଛି । ଗଣେଶ ଚତୁର୍ଥୀ ପୂର୍ବ ଦିନ ବାଲିତୃତୀୟା ଉପବାସ ପଡ଼େ । ଏଥର ଆଗେ ଚତୁର୍ଥୀ ପରେ ତୃତୀୟା ବ୍ରତ କିପରି ହେବ ବୋଲି ଦ୍ୱନ୍ଦ ସୃଷ୍ଟି ହେଉଛି । ହେଲେ ଏଭଳି ପୂର୍ବରୁ ବହୁବାର ହୋଇଛି । ଗୋଟିଏ ଦିନରେ ବାଲିତୃତୀୟା ବ୍ରତ ଓ ଗଣେଷ ପୂଜା ପାଳନ ପାଇଁ ଶାସ୍ତ୍ରୀୟ ମତ ରହିଛି । ଏଥିରେ କୌଣସି ଦ୍ୱନ୍ଦ୍ୱର ଅବକାଶ ନାହିଁ । ଚଳିତ ବର୍ଷ ମଧ୍ୟ ୧୪ ତାରିଖ ସୋମବାରରେ ବାଲିତୃତୀୟା ତଥା



ଗୌରୀ ବ୍ରତ ଓ ଗଣେଶ ପୂଜା ପାଳନ କରାଯିବା ବିଧେୟ ଯାହାକି ପାଞ୍ଜିରେ ରହିଥିବା କହିଛନ୍ତି ମୁକ୍ତିମଣ୍ଡପ ପଣ୍ଡିତ ରବି ଚରଣ ରଥ । ପଣ୍ଡିତ ଶ୍ରୀ ରଥ କୁହନ୍ତି ଆସନ୍ତା ୧୩ ତାରିଖ ରବିବାର ସକାଳ ତଥା ସୂର୍ଯ୍ୟୋଦୟକୁ ଦ୍ୱିତୀୟା ପ୍ରାତଃ ୬ଟା ୪୩ ମିନିଟ୍ ପର୍ଯ୍ୟନ୍ତ ରହୁଛି । ପରେ ତୃତୀୟା ପୁରାଦିନ ରହି ପରଦିନ ଅର୍ଥାତ୍ ୧୪ ତାରିଖ ସୂର୍ଯ୍ୟୋଦୟ ପରକୁ ଅର୍ଥାତ୍ ସୋମବାର ସକାଳ ୬ଟା ୩୮ ମିନିଟ୍ ପର୍ଯ୍ୟନ୍ତ ରହୁଛି । ପରେ ଚତୁର୍ଥୀ ଆରମ୍ଭ ହୋଇ ସମଗ୍ର ଦିନ ରହି ପରଦିନ ଅର୍ଥାତ୍ ୧୫ ତାରିଖ ମଙ୍ଗଳବାର ସକାଳ ୭ଟା ୧୫ ମିନିଟ୍ ପର୍ଯ୍ୟନ୍ତ ରହୁଛି । ଶାସ୍ତ୍ରୀୟ ସିଦ୍ଧାନ୍ତ ହେଉଛି ବାଲିତୃତୀୟା ତଥା ଗୌରୀ ବ୍ରତ ତୃତୀୟା ତିଥିରେ ଚତୁର୍ଥୀ ଯୁକ୍ତା ହେବା ବିଧେୟ । ପୁଣି ଦ୍ୱିତୀୟା ଯୁକ୍ତ ହୋଇ ତୃତୀୟାରେ ପାଳନ କରାଗଲେ ବ୍ରତୀର କ୍ଷତି ହୋଇଥାଏ । ତୃତୀୟା ପରଦିନ ଅର୍ଥାତ୍ ଚତୁର୍ଥୀ ତିଥିକୁ ୨ ଦଣ୍ଡ ମାତ୍ର ଅର୍ଥାତ୍ ୪୮ ମିନିଟ୍ ସୂର୍ଯ୍ୟୋଦୟକୁ ଥିଲେ ସେହି ପରଦିନ ହିଁ ବାଲିତୃତୀୟା ଉପବାସ ପାଳନୀୟ ବୋଲି ଶାସ୍ତ୍ରୋକ୍ତି ରହିଛି । ଗଣେଶ ଚତୁର୍ଥୀ ତିଥି ମଧ୍ୟାହ୍ନକୁ ଥିବା ଦିନ ହିଁ ଗଜାନନଙ୍କ ପୂଜା ଓ ବିନାୟକ ବ୍ରତାଦି କରିବା ବିଧେୟ । ଏହା ପୁଣି ତୃତୀୟା ଯୁକ୍ତ ହୋଇ ହେବା କଥା । ୧୪ ତାରିଖ ସୋମବାର ତୃତୀୟା ଯୁକ୍ତ ଥିବାରେ ସେହିଦିନ ହିଁ ଗଣେଶ ଚତୁର୍ଥୀ ପାଳନୀୟ ବୋଲି କହିଛନ୍ତି ମୁକ୍ତିମଣ୍ଡପ ପଣ୍ଡିତ ଶ୍ରୀ ରଥ । ଏଣୁ ବାଲିତୃତୀୟା ଓ ଗଣେଶ ପୂଜା ୧୪ ତାରିଖ ସୋମବାର ହେବ । ଏଥିରେ ଦ୍ୱିମତ ନାହିଁ । ଏହା ପାଞ୍ଜିରେ ମଧ୍ୟ ଉଲ୍ଲେଖ ରହିଛି । ସେହିଦିନ ସକାଳୁ ନିର୍ଜଳ ରହି ବାଲିତୃତୀୟା ତଥା ଗୌରୀ ବ୍ରତ ପାଳନ ସହ ପୂଜାର୍ଚ୍ଚନା କରାଯିବା ସହ ଗଜାନନଙ୍କ ପୂଜନ କରାଯିବ ।



# ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ କୃଷ୍ଣ ବଳରାମ ବେଶ

**ପୁରୀ ୦୯ ।୦୯ ନ୍ୟୁଜ ବ୍ୟୁରୋ**

ବୁଧବାର ଭାଦ୍ରବ କୃଷ୍ଣ ତ୍ରୟୋଦଶୀ ତିଥିରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ କୃଷ୍ଣ ବଳରାମ ବେଶ ଅନୁଷ୍ଠିତ ହୋଇଯାଇଛି । ମଧ୍ୟାହ୍ନ ଧୂପ ନୀତି ପରେ ରତ୍ନସିଂହାସନରେ ଏହି ବେଶ ଅନୁଷ୍ଠିତ ହୋଇଥିଲା । ତେବେ ଏହି ବେଶରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀକୃଷ୍ଣ ରୂପରେ, ବଡଠାକୁର ବଳରାମ ଓ ଦେବୀ ସୁଭଦ୍ରା ଭଗିନୀ ରୂପରେ ଶୋଭା ପାଇଥିଲେ । ଶ୍ରୀଜଗନ୍ନାଥ ଦକ୍ଷିଣ ଭୁଜରେ ବଂଶୀ ଓ ବାମ ଭୁଜରେ ପଦ୍ମ, ବଡଠାକୁର ଡାହାଣ ଭୁଜରେ ସିଙ୍ଗା ଏବଂ ବାମ ଭୁଜରେ ପଦ୍ମ ଧାରଣ କରିଥାନ୍ତି । ଶ୍ରୀଜଗନ୍ନାଥ ଓ ବଳରାମ ପଦକୁ ଛନ୍ଦି ଦଣ୍ଡାୟମାନ ଭଙ୍ଗୀରେ ରହିଥାନ୍ତି । ଦେବୀ ସୁଭଦ୍ରା ଏକ ଛୋଟ ଖଟୁଳି ଉପରେ ପଦ୍ମାସନରେ ଉପବେଶନ କଳାଭଳି ରହିଥାନ୍ତି । ବର୍ଷକ ମଧ୍ୟରେ କେବଳ ଏହି ଦିନ ଦେବୀ ସୁଭଦ୍ରା ଚତୁର୍ଭୁଜା ରୂପ ଧାରଣ କରନ୍ତି ।

## ନୀଳାଦ୍ରି ଆଧ୍ୟାତ୍ମିକ ଟ୍ରଷ୍ଟର ଭକ୍ତିମୟ ସନ୍ଧ୍ୟା

# ମହାପ୍ରଭୁଙ୍କ ଲୀଳା ଅକଳ୍ପନୀୟ




**ଭୁବନେଶ୍ୱର, ୯/୦୯ ନ୍ୟୁଜ ବ୍ୟୁରୋ**

ଦାରୁବ୍ରହ୍ମ ଶ୍ରୀ ଜଗନ୍ନାଥ ହେଉଛନ୍ତି ବିଶ୍ୱର ସର୍ବଶ୍ରେଷ୍ଠ ରହସ୍ୟମୟ ଠାକୁର । ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଠାରୁ ଆଜ୍ଞାମାଳ ପ୍ରାପ୍ତ ହୋଇ ଶ୍ରୀକୃଷ୍ଣ ଓ ଶ୍ରୀରାମଙ୍କ ଜନ୍ମଲୀଳା ପାଳିତ ହୋଇଥାଏ । ରାମ, କୃଷ୍ଣ ତଥା ଜଗନ୍ନାଥ ତତ୍ତ୍ୱତଃ ଏକ ଓ ଅଭିନ୍ନ ବୋଲି ବାଲ୍ମୀକି ରାମାୟଣ, ଶ୍ରୀମଦ୍‌ଭାଗବତ ଓ ସ୍କନ୍ଦପୁରାଣ ଆଧାରରେ ପ୍ରାମାଣିକ ବକ୍ତବ୍ୟ ରଖିବା ସହ ଭାଦ୍ରବମାସରେ ସବୁଠାରୁ ଅଧିକଦିନ ଧରି ଶ୍ରୀକୃଷ୍ଣଙ୍କ ବାଲ୍ୟଲୀଳା ପ୍ରସ୍ତାବ ମଧ୍ୟରେ କାଳିୟଦଳନ, ବନଭୋଜି, ନନ୍ଦ ଉତ୍ସବ, କୃଷ୍ଣବଳରାମ ବେଶ ଇତ୍ୟାଦି ବିଶେଷ ନୀତିମାନ ଅନୁଷ୍ଠିତ ହେବା ଫଳରେ ଭକ୍ତମାନେ ଅପାର ସନ୍ତୋଷ ପ୍ରାପ୍ତ ହୋଇଥାନ୍ତି ବୋଲି ଶ୍ରୀଜଗନ୍ନାଥ ଚେତନା ଭିତ୍ତିକ ନୀଳାଦ୍ରି ଆଧ୍ୟାତ୍ମିକ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଦାରୁବ୍ରହ୍ମଙ୍କ ଲୀଳା ମଧୁରୀ କାର୍ଯ୍ୟକ୍ରମରେ ବିଶିଷ୍ଟ ବିଦ୍ୱାନ୍ ତଥା ପ୍ରବକ୍ତା ଡଃ କୃଷ୍ଣକେଶବ ଷଡ଼ଙ୍ଗୀ ପ୍ରକାଶ କରିଥିଲେ । ସ୍ଥାନୀୟ ବୁଦ୍ଧ ମନ୍ଦିର ସଭାକକ୍ଷଠାରେ ମଙ୍ଗଳବାର ସନ୍ଧ୍ୟାରେ ଆୟୋଜିତ ଏହି ମନୋଜ୍ଞ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଚତୁର୍ଦ୍ଧା ବିଗ୍ରହଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱାଳନ ପୂର୍ବକ ଡ଼ଃ ସର୍ବେଶ୍ୱର ବୈଠାରୁଙ୍କ ଦ୍ୱାରା ଭକ୍ତି ସଙ୍ଗୀତ ପରିବେଷଣ କରାଯାଇଥିଲା । ଟ୍ରଷ୍ଟର ସଭାପତି ଦଇତାସେବକ ରାମଚନ୍ଦ୍ର ଦାସ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ 'ଶ୍ରୀଜଗନ୍ନାଥ ଓ ଶ୍ରୀକୃଷ୍ଣ' ଶୀର୍ଷକ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ବିଶଦ ବିବରଣୀ ସାଧାରଣ ସମ୍ପାଦକ ନନ୍ଦକିଶୋର ଜେନା ଉପସ୍ଥାପନ କରିଥିଲେ । ରାଧାବଲ୍ଲଭ ମଠର ମଠାଧୀଶ ମହନ୍ତ ରାମକୃଷ୍ଣ ଦାସ ମହାରାଜ ମୁଖ୍ୟଅତିଥି ଭାବରେ ଆଶୀର୍ବଚନ ପ୍ରଦାନ କରିଥିଲେ । ଏହି ଅବସରରେ କାର୍ଯ୍ୟକାରୀ ସଭାପତି ଡକ୍ଟର ଭାସ୍କର ମିଶ୍ର ଓ ସଂଗଠନ ସମ୍ପାଦକ ବରିଷ୍ଠ ସେବକ ବିଶ୍ୱନାଥ ସାମନ୍ତରା ପ୍ରମୁଖ ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଲୀଳା ସମ୍ବନ୍ଧୀୟ ନୀତି, ଭୋଗ ଓ ବେଶ ସମ୍ପର୍କରେ ଉପସ୍ଥିତ ଜଗନ୍ନାଥପ୍ରେମୀଙ୍କ ସମ୍ମୁଖରେ ବିସ୍ତୃତ ଭାବେ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମକୁ ଟ୍ରଷ୍ଟର ସଭ୍ୟା ଶ୍ରୀମତୀ ସୁମିତ୍ରା ଜେନାଙ୍କ ସହ ସଦସ୍ୟ ବିଜୟ କୁମାର ପାତ୍ର, ରବିନାରାୟଣ ମହାପାତ୍ର, ରବୀନ୍ଦ୍ର ନାରାୟଣ ସାମଲ, ଅରୁଣ କୁମାର ଲେଙ୍କା, ରମେଶ ଚନ୍ଦ୍ର ପାଢ଼ୀ, ଦେବେନ୍ଦ୍ର କୁମାର ଦାସ, ମିଲନ୍ କୁମାର ସାହୁ, ଦିଲ୍ଲୀପ କୁମାର ପଟ୍ଟନାୟକ, ରାଧା ବଲ୍ଲଭ ସିଂହ, ମିହିର କୁମାର ଜେନା ପ୍ରମୁଖ ପରିଚାଳନା କରିଥିଲେ । ପରିଶେଷରେ ସହସମ୍ପାଦକ ରବି ରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଇନ ଉଲ୍ଲଂଘନ ମାମଲାରେ ବଡ଼ଗଡ଼ ଥାନାକୁ ନୋଟିସ୍ ଜାରି କଲେ ହାଇକୋର୍ଟ

**କଟକ, ୯/୯ ନ୍ୟୁଜ ବ୍ୟୁରୋ**

ବେଆଇନ ଗିରଫଦାରୀ ଓ ଆଇନ ଉଲ୍ଲଂଘନ ଅଭିଯୋଗରେ ବଡ଼ଗଡ଼ ଥାନା ଅଧିକାରୀଙ୍କୁ ହାଇକୋର୍ଟ ନୋଟିସ୍ । ୭ ବର୍ଷରୁ କମ୍ ଜେଲଦଣ୍ଡ ବ୍ୟବସ୍ଥା ଥିବା ଦଫାରେ ରୁଜୁ ମାମଲାରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ର ଧାରା ୩୫ (୩)ରେ ନୋଟିସ ନଦେଇ ତଥା ସୁପ୍ରିମକୋର୍ଟଙ୍କ ରାୟର ଉଲ୍ଲଂଘନ କରି ଜଣେ ୧୯ ବର୍ଷୀୟ ଯୁବକଙ୍କୁ ବେଆଇନ ଭାବେ ଗିରଫ କରାଯିବା ଘଟଣାରେ ଭୁବନେଶ୍ୱର ବଡ଼ଗଡ ଆଇଆଇସିଙ୍କ ପାଇଁ ଅଡୁଆ ବଢିଛି ।



ମାମଲାଟିକୁ ଓଡ଼ିଶା ହାଇକୋର୍ଟ ଅତି ଗୁରୁତ୍ୱର ନେବା ସହ ନଥିପତ୍ର ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଘଟଣାରେ ଭୁବନେଶ୍ୱର ବଡ଼ଗଡ଼ ଥାନାର ଆଇଆଇସି ଓ ଏସଆଇଙ୍କ ବିରୋଧରେ ଅଦାଲତ ଅବମାନନା ପ୍ରକ୍ରିୟା ଆରମ୍ଭ କରିବା ଓ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପ୍ରସଙ୍ଗ ନେଇ ଦାୟର ମାମଲାକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରି ସରକାରଙ୍କ ନିକଟରୁ ତଥ୍ୟ ତଲବ କରିଛନ୍ତି । ମାମଲାର ପ୍ରତିପକ୍ଷ ବଡ଼ଗଡ଼ ଥାନା ଆଇଆଇସି ତୃପ୍ତି ରଞ୍ଜନ ନାୟକ ଓ ଡି ବଳିୟାର ସିଂହଙ୍କୁ ହାଇକୋର୍ଟ ନୋଟିସ୍ ଜାରି କରିଛନ୍ତି । ମାମଲାରେ ଚାର୍ଜସିଟର କପି ଓ ଅନ୍ୟାନ୍ୟ ନଥିପତ୍ର ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏଥି ସହିତ ଯୁବକଙ୍କ ଗିରଫଦାରୀ ସମ୍ପର୍କିତ ଆରେଷ୍ଟ ମେମୋ, ଚେକ୍‌ଲିଷ୍ଟ ଓ ଅନ୍ୟାନ୍ୟ ନଥିପତ୍ର ପରବର୍ତ୍ତୀ ଶୁଣାଣି ପୂର୍ବରୁ ଦାଖଲ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ କହିଛନ୍ତି । ଜଷ୍ଟିସ ଆର.କେ.ପଟ୍ଟନାୟକଙ୍କୁ ନେଇ ଗଠିତ ଖଣ୍ଡପୀଠ ଯୁବକଙ୍କ ବାପା ଅନୁରାଗ ଅରୋରାଙ୍କ ତରଫରୁ ଦାୟର ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ସେପଟେ ସେପ୍ଟେମ୍ବର ୨୨କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି । ମାମଲାର ବିବରଣୀରୁ ଜଣା ପଡିଛି ଯେ, ଭାରତୀୟ ନ୍ୟାୟ ସଂହିତାର ଧାରା ୭୪, ୭୭ ଓ ଆଇଟି ଆଇନର ଧାରା ୬୭(ଏ)ରେ ବଡ଼ଗଡ଼ ଥାନାରେ ରୁଜୁ ମାମଲାରେ ଯୁବକଙ୍କୁ ଗିରଫ କରାଯିବା ସହିତ ୨୦୨୬, ଜାନୁଆରି ୮ରେ କୋର୍ଟ ଚାଲାଣ କରାଯାଇଥିଲା । ଜାନୁଆରି ୧୬ରେ ତାଙ୍କୁ ଅଦାଲତ ଜାମିନ ମଞ୍ଜୁର କରାଯାଇଥିଲା । ଯେଉଁ ଦଫାରେ ପୋଲିସ ମାମଲା ରୁଜୁ କରିଥିଲା ସେଥିରେ ୭ ବର୍ଷରୁ କମ୍ ଦଣ୍ଡ ବ୍ୟବସ୍ଥା ଥିଲା । ତେଣୁ ସେହି ମାମଲାରେ ପୋଲିସ ବିଏନଏସଏସର ଧାରା ୩୫(୩) ଅନୁସାରେ ଯୁବକଙ୍କୁ ପ୍ରଥମେ ନୋଟିସ ଜାରି କରିବା କଥା । କିନ୍ତୁ ଏପରି ନ କରି ଯୁବକଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା ଓ ସେ ବିଚାରାଧୀନ ବନ୍ଦୀ ଭାବେ କିଛି ଦିନ ଜେଲରେ ରହିବା ପରେ ଜାମିନରେ ମୁକୁଳିଥିଲେ । ଇତି ମଧ୍ୟରେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଯୁବକଙ୍କ ବିରୋଧରେ ବରଗଡ଼ ଥାନାରେ ରୁଜୁ ଏତଲା ଆଧାରରେ ଭୁବନେଶ୍ୱର ଜେଏମଏଫସି ଅଦାଲତରେ ବିଚାରାଧୀନ ମାମଲା ରଦ୍ଦ ହୋଇ ସାରିଛି ବୋଲି ଶୁଣାଣି ବେଳେ ଆବେଦନକାରୀଙ୍କ ତରଫରୁ ଅବଗତ କରାଯାଇଥିଲା । କିନ୍ତୁ ସେତେବେଳେ ବିଏନଏନଏସରେ ଥିବା ବ୍ୟବସ୍ଥା ଓ ସୁପ୍ରିମକୋର୍ଟଙ୍କ ଅର୍ଣ୍ଣେସ କୁମାର ଓ ସତେନ୍ଦ୍ର କୁମାର ଅନ୍ତିଲ ମାମଲାର ରାୟର ସ୍ପଷ୍ଟ ଉଲ୍ଲଂଘନ କରି ଯୁବକଙ୍କୁ ଗିରଫ କରାଯାଇଥିଲା । ଏଭଳି ସ୍ଥିତିରେ ମାମଲାର ପ୍ରତିପକ୍ଷ ପୋଲିସ ଅଧିକାରୀଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ପ୍ରକ୍ରିୟା ଆରମ୍ଭ କରାଯିବା ସହିତ ସେମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ପ୍ରଦାନ କରାଯାଉ ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା ।

# ମର୍ମନ୍ତୁଦ ସଡ଼କ ଦୁର୍ଘଟଣା : ଦୁଇ ମୃତ

**ରାଜଗାଙ୍ଗପୁର, ୯/୯ ନ୍ୟୁଜ ବ୍ୟୁରୋ**

ବୁଧବାର ଅପରାହ୍ନ ୩ଟା ସମୟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଦୁଇ ଜଣଙ୍କର ପ୍ରାଣ ହାନି ଘଟିଛି । ପ୍ରକାଶ ଥାଉ କି ବୁଧବାର ଅପରାହ୍ନ ସମୟରେ ମିଟୁ ଦାସ (୫୫ ବର୍ଷ) ଓ ଜୀବନ ବଲ୍ଲଭ ଖଣ୍ଡୁଆଲ (୫୩ ବର୍ଷ) ଦୁହେଁ ଏକ ମଟର ସାଇକେଲ ଦ୍ୱାରା କୌଣସି କାମ ପାଇଁ ରାଉରକେଲା ଅଭିମୁଖେ ଯାତ୍ରା କରିବା ସମୟରେ ଭାରସାମ୍ୟ ହରେଇ ଝଗରପୁର ପାଖେ ଏକ ମାଲ ବୋଝେଇ ଟ୍ରକ୍‌କୁ ପଛପଟୁ ଧକ୍କା ଦେବା ଫଳରେ ସେମାନେ ସେଇଠାରେ ପଡ଼ି ଯାଇଥିଲେ । ଆଖପାଖ ଲୋକଙ୍କ ଜରିଆରେ ସେମାନଙ୍କୁ ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠା ଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବାର ଜଣା ପଡିଛି । ପ୍ରକାଶ ଥାଉ କି ମିଟୁ ଦାସ ଓ ଜୀବନ ବଲ୍ଲଭ ଖଣ୍ଡୁଆଲ ଦୁହେଁ ରାଜଗାଙ୍ଗପୁରରେ ଟ୍ରାଫିକ୍ କଲୋନୀର ବାସିନ୍ଦା ଅଟନ୍ତି । ଏହି ଖବର ପ୍ରସାର ହେବା ପରେ ରାଜଗାଙ୍ଗପୁରରେ ଶୋକର ଛାୟା ଖେଳିଯାଇଛି ।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**
ତାରିଖ :-୦୯/୦୯/୨୦୨୬
୪,୮୨,୮୭୧/- ଟଙ୍କା
ସୁନା:- ୦୪ ଗ୍ରାମ୍ ୨୫୦ମିଲିଗ୍ରାମ
ରୂପା:- ୪୨ ଗ୍ରାମ୍ ୨୦୦ମିଲିଗ୍ରାମ

# କଟକରେ ଚାଞ୍ଚଲ୍ୟ ! ଘରୋଇ କଲେଜ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କଟକ, ୦୯/୦୮ ନ୍ୟୁଜ ବ୍ୟୁରୋ**

କଟକରେ ଘରୋଇ କଲେଜ ଛାତ୍ରଙ୍କ ମୃତ୍ୟୁକୁ ନେଇ ଚାଞ୍ଚଲ୍ୟ । ଝୁଲନ୍ତା ଅବସ୍ଥାରେ ମିଳିଲା ୧୭ ବର୍ଷୀୟ ଛାତ୍ରଙ୍କ ମୃତଦେହ । ଘଟଣାକୁ ନେଇ ଏବେ ଅନେକ ପ୍ରଶ୍ନ ଉଠିଛି । ଏପଟେ ଛାତ୍ରଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, କଟକ ସିଡିଏ ଅଞ୍ଚଳରେ ଥିବା ଏକ ଘରୋଇ କଲେଜରେ ମଙ୍ଗଳବାର ରାତିରେ ଏହି ଦୁଃଖଦ ଘଟଣା ଘଟିଛି । ମୃତ ଛାତ୍ର ହେଉଛନ୍ତି ଢେଙ୍କାନାଳ ଜିଲ୍ଲା ଶଙ୍କରପୁର ଅଞ୍ଚଳର ଚିନ୍ମୟ କୁମାର ସାହୁ । ତାଙ୍କ ବୟସ ୧୭ ବର୍ଷ । ଚିନ୍ମୟ ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷର ବିଜ୍ଞାନ ଛାତ୍ର ଥିଲେ । ଗତକାଲି ରାତିରେ କଲେଜ ପରିସରରେ ତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିଥିବା ସୂଚନା ରହିଛି । ଘଟଣା ପରେ ଚିନ୍ମୟଙ୍କ ପରିବାରକୁ ଖବର ଦିଆଯାଇଥିଲା । ପରେ ପରିବାର ପକ୍ଷରୁ ଫେଜ୍-୨ ଥାନାରେ ଲିଖିତ ଅଭିଯୋଗ କରାଯାଇଛି । ତେବେ ଘଟଣାକୁ ନେଇ ଚିନ୍ମୟଙ୍କ ପରିବାର ଗୁରୁତର ଅଭିଯୋଗ ଆଣିଛନ୍ତି । ତାଙ୍କ ପୁଅଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ତେବେ ଏହା ହତ୍ୟା ନା ଅନ୍ୟ କୌଣସି କାରଣରୁ ଛାତ୍ରଙ୍କ ମୃତ୍ୟୁ ହୋଇଛି, ସେନେଇ ତଦନ୍ତ ପରେ ହିଁ ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିବ । ଘଟଣାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ମୃତ୍ୟୁର ପ୍ରକୃତ କାରଣ ଏବେ ତଦନ୍ତର ବିଷୟ । ଚିନ୍ମୟଙ୍କ ଅକାଳ ମୃତ୍ୟୁରେ ପରିବାର ଓ ପରିଚିତଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି ।

# ଲୋକ ଭବନରେ ରାଜ୍ୟପାଳଙ୍କୁ ଭେଟିଲେ ଉପ ମହାଲେଖା ପରୀକ୍ଷକ

**ଭୁବନେଶ୍ୱର,୦୯/୦୯ ନ୍ୟୁଜ ବ୍ୟୁରୋ**

ଭାରତୀୟ ଅଡିଟ୍ ଓ ଆକାଉଂଟସ୍ ବିଭାଗର ଉପ ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ (ଡେପୁଟି ସିଏଜି) ପ୍ରମୋଦ କୁମାର ବୁଧବାର ଲୋକ ଭବନରେ ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି । ଏହି ଅବସରରେ ଜନସାଧାରଣଙ୍କ ପ୍ରତି ଉତ୍ତରଦାୟୀତ୍ୱ, ପ୍ରଶାସନିକ ସ୍ୱଚ୍ଛତା ଓ ସୁଶାସନ ସମ୍ପର୍କିତ ବିଭିନ୍ନ ବିଷୟ ଉପରେ ଆଲୋଚନା ହୋଇଥିଲା । ସରକାରୀ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ଉତ୍ତରଦାୟୀତ୍ୱକୁ ଅଧିକ ସୁଦୃଢ଼ କରିବା ସହ ଉତ୍ତମ ଶାସନ ବ୍ୟବସ୍ଥା ନିଶ୍ଚିତ କରିବା ନେଇ ମତ ବିନିମୟ ହୋଇଥିଲା ।

# ୧.୧୫ କୋଟି ସରକାରୀ ଅର୍ଥ ଆତ୍ମସାତ : କନିଷ୍ଠ ସହାୟକ ଗିରଫ

**ସମ୍ବଲପୁର, ୯/୯ ନ୍ୟୁଜ ବ୍ୟୁରୋ**



ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀଙ୍କ ନାମରେ ଜାଲ୍ ବିଲ୍ ପ୍ରସ୍ତୁତ କରି ୧.୧୫ କୋଟିରୁ ଅଧିକ ସରକାରୀ ଅର୍ଥ ଆତ୍ମସାତ୍ ଅଭିଯୋଗ । ବୁଧବାର ସମ୍ବଲପୁର ଜିଲ୍ଲାର ଫାସିମାଲ୍ ଓ ଗୋବିନ୍ଦପୁର ସିଏଚ୍‌ସିର କନିଷ୍ଠ ସହାୟକ ମୀର ଇମ୍ତିୟାଜ୍ ଅଲ୍ଲୀଙ୍କୁ ଗିରଫ କରିଛି ଭିଜିଲାନ୍ସ । ଦୁର୍ନୀତି ଓ ଆର୍ଥିକ ଅନିୟମିତତା ବିରୋଧରେ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଓଡ଼ିଶା ଭିଜିଲାନ୍ସ । ମଙ୍ଗଳବାର ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ୍ ଅଧୀନସ୍ଥ ଫାସିମାଲ ସିଏଚ୍‌ସିର କନିଷ୍ଠ ସହାୟକ ତଥା ବାମରା ବ୍ଲକ୍ ଅଧୀନସ୍ଥ ଗୋବିନ୍ଦପୁର ସିଏଚ୍‌ସିର ଭାରପ୍ରାପ୍ତ କନିଷ୍ଠ ସହାୟକ ମୀର ଇମ୍ତିୟାଜ୍ ଅଲ୍ଲୀଙ୍କୁ ୧,୧୫,୧୫,୫୩୯ ଟଙ୍କାର ସରକାରୀ ଅର୍ଥ ହରିଲୁଟ୍ ଓ ଆର୍ଥିକ ଅନିୟମିତତା ଅଭିଯୋଗରେ ଗିରଫ କରାଯାଇଛି ବୋଲି ସୂଚନା ମିଳିଛି ।


ରବିବାସରୀୟ କଳିକା
ଭିତର ପୃଷ୍ଠାରେ...
ଭାରତ ପାଇଁ ବଢ଼ିଲା ବିପଦ
ଶିକ୍ଷକଙ୍କ ଦାୟିତ୍ୱ ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ଭାବେ ଗଢ଼ିବା: ରାଷ୍ଟ୍ରପତି

**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।
ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

## ଏମଏମଡିଆର ଆଇନ ବିରୋଧରେ ରାଜଭବନ ସମ୍ମୁଖରେ ବିକ୍ଷୋଭ

# ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କଲା ବିଜେଡି

**ଭୁବନେଶ୍ୱର, ୯/୦୯ ନ୍ୟୁଜ ବ୍ୟୁରୋ**

ବିଜୁ ଜନତା ଦଳର ଏକ ପ୍ରତିନିଧି ମଣ୍ଡଳୀ ବୁଧବାର ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପତିଙ୍କୁ ସାକ୍ଷାତ କରି ଓଡ଼ିଶାର ଅଧିକାରକୁ କ୍ଷୁର୍ଣ୍ଣ କରୁଥିବା ଏମଏମଡିଆର ସଂଶୋଧନ ଆଇନ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଭାରତର ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ନାମରେ ଏକ ସ୍ମାରକପତ୍ର ରାଜ୍ୟପାଳଙ୍କ ଜରିଆରେ ପ୍ରଦାନ କରି ଓଡ଼ିଶାର ସାମ୍ବିଧାନିକ, ଆର୍ଥିକ ଓ ଖଣିଜ ସ୍ୱାର୍ଥର ସୁରକ୍ଷା ପାଇଁ ହସ୍ତକ୍ଷେପ ଲୋଡ଼ିଥିଲେ ।



ଦେବୀ ପ୍ରସାଦ ମିଶ୍ର ରାଜ୍ୟପାଳଙ୍କ ସମ୍ମୁଖରେ ମତ ରଖି, ଏମ୍‌ଏମଡିଆର୍ ସଂଶୋଧନ ଆଇନ, ୨୦୨୬ ଯୋଗୁଁ ଓଡ଼ିଶା ସମ୍ମୁଖୀନ ହେବାକୁ ଥିବା ସମସ୍ୟାଗୁଡ଼ିକ ଉପସ୍ଥାପନ କରିଥିଲେ । ବିଜୁ ଜନତା ଦଳ ପକ୍ଷରୁ ଉଠାଯାଇଥିବା ବିଭିନ୍ନ ଦାବି ସମ୍ପର୍କରେ ପ୍ରସନ୍ନ ଆଚାର୍ଯ୍ୟ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ । ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏମ୍‌ଏମଡିଆର୍ ସଂଶୋଧନ ଆଇନ ଦ୍ୱାରା ଓଡ଼ିଶା ଉପରେ କି ପ୍ରଭାବ, ପଡ଼ିବ ସେ ସମ୍ପର୍କରେ ବିସ୍ତୃତ ଭାବେ ମତ ରଖିଥିଲେ । ପ୍ରତିନିଧିମଣ୍ଡଳୀର ଅନ୍ୟ ସଦସ୍ୟମାନେ ଯଥା- ଡ. ଲେନିନ ମହାନ୍ତି, ଡ. ଲେଖାଶ୍ରୀ ସାମନ୍ତସିଂହାର, ଭୃଗୁ ବକ୍ସିପାତ୍ର, ସଞ୍ଜୟ କୁମାର ଦାସବର୍ମା ଓ ପ୍ରୀତିରଞ୍ଜନ ଘଡ଼ାଇ, ଏହି ସଂଶୋଧନ ଆଇନ ବଳରେ ବକେୟା ପ୍ରାପ୍ୟ, ଖଣି ରାଜସ୍ୱ ଓ ଖଣିଜ ସମ୍ପଦ ଜମି ଉପରେ ରାଜ୍ୟ ତାର ଅଧିକାର ହରାଇବ ବୋଲି ମତ ରଖିଥିଲେ । ଆଲୋଚନା ସମୟରେ ରାଜ୍ୟପାଳ ବିଶେଷ ଭାବେ ଜାଣିବାକୁ ଚାହିଁଥିଲେ ଯେ, ଏମ୍‌ଏମଡିଆର୍ ସଂଶୋଧନ ଆଇନ କାର୍ଯ୍ୟକାରୀ ହେବା ପରେ ଓଡ଼ିଶା କେତେ ପରିମାଣର ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇପାରେ । ପ୍ରତିନିଧିମଣ୍ଡଳୀର ସଦସ୍ୟମାନେ ଏହି ବିଷୟରେ ବିସ୍ତୃତ ଭାବେ ବୁଝାଇବା ସହ ଖଣି ଅଧିକାର ଓ ଖଣିଜ ସମୃଦ୍ଧ ଜମି ଉପରେ ରାଜ୍ୟର କ୍ଷମତାକୁ ସୀମିତ କରିବା ଯୋଗୁଁ ସୃଷ୍ଟି ହେବାକୁ ଥିବା ଆର୍ଥିକ ପ୍ରଭାବ ଏବଂ ସୁପ୍ରିମକୋର୍ଟଙ୍କ ରାୟ ପରେ ଓଡ଼ିଶା ପାଇବାକୁ ଥିବା ବକେୟା ଅର୍ଥ ଓ ରାଜସ୍ୱ ଉପରେ ପଡ଼ିବାକୁ ଥିବା ପ୍ରଭାବ ସମ୍ପର୍କରେ ତଥ୍ୟ ରଖିଥିଲେ । ୨୫ ଜୁଲାଇ ୨୦୨୪ରେ ସୁପ୍ରିମକୋର୍ଟଙ୍କ ୯ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ପ୍ରଦାନ କରିଥିବା ଐତିହାସିକ ରାୟ ପ୍ରତି ଦୃଷ୍ଟି ଆକର୍ଷଣ କରିଥିଲେ ପ୍ରତିନିଧି ମଣ୍ଡଳୀ । ଉକ୍ତ ରାୟରେ ରାଜ୍ୟ ସରକାରମାନଙ୍କର ଖଣି ଓ ଖଣିଜ ସମୃଦ୍ଧ ଜମି ଉପରେ କର ଓ ଶୁଳ୍କ ଲାଗୁ କରିବାର କ୍ଷମତାକୁ ସ୍ୱୀକୃତି ଦିଆଯାଇଥିବା ସହ ୧ ଏପ୍ରିଲ ୨୦୦୫ରୁ ବକେୟା ଅର୍ଥ ଆଦାୟ ସମ୍ପର୍କରେ ମଧ୍ୟ ରାୟରେ ବ୍ୟବସ୍ଥା କରାଯାଇଥିଲା । ଉକ୍ତ ରାୟ ପରେ ଓଡ଼ିଶା ଖଣି ସମ୍ପର୍କିତ କର ଓ ଶୁଳ୍କ ବାବଦରେ ବିପୁଳ ପରିମାଣର ବକେୟା ଅର୍ଥ ପାଇବାକୁ ହକଦାର ହୋଇଥିଲା । ପ୍ରାୟ ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ବକେୟା ଅର୍ଥ ଓଡ଼ିଶାକୁ ମିଳିଥାନ୍ତା ଓ ବାର୍ଷିକ ୧୨,୦୦୦ କୋଟି ଟଙ୍କାର ରାଜସ୍ୱ ଓଡ଼ିଶା ପାଇଥାନ୍ତା । ଏହି ଅର୍ଥ ଓଡ଼ିଶାର ବିକାଶ ଓ ଜନକଲ୍ୟାଣମୂଳକ କାର୍ଯ୍ୟକ୍ରମ ପାଇଁ ଆର୍ଥିକ କ୍ଷମତାକୁ ବହୁଗୁଣିତ କରିପାରିବ । ଏହାଦ୍ୱାରା ଭିତ୍ତିଭୂମି, ଶିକ୍ଷା, ସ୍ୱାସ୍ଥ୍ୟସେବା, ଜଳସେଚନ, ଗ୍ରାମୀଣ ବିକାଶ ଓ ଅନ୍ୟାନ୍ୟ ଜନକଲ୍ୟାଣମୂଳକ କାର୍ଯ୍ୟରେ ବିନିଯୋଗ କରାଯାଇପାରିବ । ଦେଶର ଅନ୍ୟତମ ଖଣିଜ ସମୃଦ୍ଧ ରାଜ୍ୟ ଭାବେ ଓଡ଼ିଶା ଲୁହାପଥର, କୋଇଲା, ବକ୍ସାଇଟ୍, କ୍ରୋମାଇଟ୍ ଓ ଅନ୍ୟାନ୍ୟ ଖଣିଜ ସମ୍ପଦ ଜରିଆରେ ଭାରତର ଶିଳ୍ପ ଓ ଆର୍ଥିକ ବିକାଶରେ ଅପାର ଅବଦାନ ଦେଇଆସିଛି । ଅନୁସୂଚିତ ଅଞ୍ଚଳ ଏବଂ ଅନୁସୂଚିତ ଜନଜାତି ବସବାସ କରୁଥିବା ଖଣିଜ ସମୃଦ୍ଧ ଅଞ୍ଚଳଗୁଡ଼ିକର ସାମ୍ବିଧାନିକ ଗୁରୁତ୍ୱ ପ୍ରତି ମଧ୍ୟ ଦୃଷ୍ଟି ଆକର୍ଷଣ କରିଥିଲେ ପ୍ରତିନିଧିମଣ୍ଡଳୀ । ଏମ୍‌ଏମ୍‌ଡିଆର୍ ସଂଶୋଧନ ଆଇନ ଯୋଗୁଁ ଓଡ଼ିଶାର କୌଣସି ଆର୍ଥିକ କ୍ଷତି ହେବ ନାହିଁ ବୋଲି କରାଯାଉଥିବା ଦାବି ଉପରେ ମଧ୍ୟ ବିଜେଡି ପ୍ରଶ୍ନ ଉଠାଇଥିଲା । ଓଡ଼ିଶା ସମୀକ୍ଷାରେ ପ୍ରକାଶିତ ପୂର୍ବତନ ଆକଳନ ଏବଂ ଓଡ଼ିଶାର ଆଡଭୋକେଟ୍ ଜେନେରାଲ୍ ମାନ୍ୟବର ସୁପ୍ରିମକୋର୍ଟଙ୍କ ନିକଟରେ ଦାଖଲ କରିଥିବା ସତ୍ୟପାଠରେ ମଧ୍ୟ ଖଣି ସମ୍ପର୍କିତ ବକେୟା ଓ ରାଜସ୍ୱର ଆର୍ଥିକ ଗୁରୁତ୍ୱକୁ ସ୍ୱୀକାର କରାଯାଇଥିବା ବିଜେଡି ପକ୍ଷରୁ ଉଲ୍ଲେଖ କରାଯାଇଥିଲା । ତେଣୁ ଏମ୍‌ଏମଡିଆର୍ ସଂଶୋଧନ ଆଇନ ଓଡ଼ିଶା ଉପରେ ପକାଇବାକୁ ଥିବା ଆର୍ଥିକ ପ୍ରଭାବର ଏକ ସ୍ପଷ୍ଟ, ସ୍ୱଚ୍ଛ ଓ ପ୍ରାମାଣିକ ଆକଳନର ଆବଶ୍ୟକତା ରହିଛି । ପ୍ରତିନିଧିମଣ୍ଡଳୀର କଥା ଦୀର୍ଘ ସମୟ ଧରି ଶୁଣିବା ପରେ ଓଡ଼ିଶାର ରାଜ୍ୟପାଳ ପ୍ରତିନିଧିମଣ୍ଡଳୀକୁ ଆଶ୍ୱାସନା ଦେଇଥିଲେ ଯେ, ବିଜୁ ଜନତା ଦଳ ପକ୍ଷରୁ ଉଠାଯାଇଥିବା ଏହି ସମସ୍ତ ପ୍ରସଙ୍ଗ ସମ୍ପର୍କରେ ସେ ନିଶ୍ଚିତ ଭାବେ ଭାରତର ରାଷ୍ଟ୍ରପତିଙ୍କୁ ଅବଗତ କରାଇବେ ।


ସମ୍ପାଦକୀୟ
ପୃଷ୍ଠା-୪
ଉତ୍କଳ ଦୀପିକା
RNI Regd. No.: ODIODI/2016/67976
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Vol-12 • Issue-09 • 09-15th September 2026 • Bhubaneswar
ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀଙ୍କ ଠାରେ ନବାନ୍ନ ଲାଗି : ୧୫ରେ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ
କିମ୍ସରେ ଦୁର୍ଲଭ ହାଇବ୍ରିଡ୍ ଅସ୍ତ୍ରୋପଚାର

**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com